# [illegible]

ଶ୍ରୀ [illegible]

ପ୍ରଥମ ପ୍ରକାଶ
୨୫ ଫେବୃୟାରୀ ୧୯୬୦

ମୂଲ୍ୟ ଦେଢ଼ ଟଙ୍କା ମାତ୍ର
ବନ୍ଧେଇ ପଚସ୍ତରୀ ନୂ:ପ: ସ୍ୱତନ୍ତ୍ର

ପ୍ରଚ୍ଛଦପଟ ଶିଳ୍ପୀ — ଶ୍ରୀ ଦାଶରଥି ପ୍ରସାଦ ଦାସ

ମୁଦ୍ରାକର — ପ୍ରଭାତୀ ପ୍ରେସ୍, କଟକ—୨

ପ୍ରଥମ ପ୍ରକାଶ — ୧୫ । ୨ । ୭୦

ପ୍ରକାଶକ — ସତ୍ୟ-ସୂର୍ଯ୍ୟ ପ୍ରକାଶନୀ
ପୋଷ୍ଟ : ବଡ଼ଗାଁ
ଜିଲ୍ଲା : କଟକ

ପ୍ରାପ୍ତିସ୍ଥାନ — ବଶିଷ୍ଟ ପୁସ୍ତକ ଦୋକାନମାନ

ଅଧ୍ୟାପକ **ଶ୍ରୀ ନିତ୍ୟାନନ୍ଦ ପଣ୍ଡୀ** ଏମ୍. ଏ.

ମାନନୀୟେଷୁ !

ସମ୍ବଲପୁରର ଭାଷା କଅଁଳ, କଥା ମିଠା, ପଣତ ରୁଚିବନ୍ତ । ସମ୍ବଲପୁରର ପାହାଡ଼ ସବୁଜ, ମନ ଅବୁଝ, ପ୍ରାଣ ଅମୃତର ଝରଣା; ସମ୍ବଲପୁରର ଝିଏ ଚାଲିଗଲେ ପଦ୍ମ ଫୁଟେ, ହସିଲେ ମୁକ୍ତା ଝରେ, କଥା କହିଲେ ସରଗର ନନ୍ଦନକାନନର ପରୀ ତଳକୁ ଓହ୍ଲାଇ ଆସେ ।

ସେଇ ସମ୍ବଲପୁରର ଲୋକ ଆପଣ । ଅତଳ ଦରିଆର ତଳ ଖୋଜିବାର ଚେଷ୍ଟା କରି କରି ମୁଁ ଯୋଉଁ ଦିନ ବ୍ୟର୍ଥ ହେଲି, ସେଦିନ ମୁଁ ସ୍ତବ୍ଧ ହୋଇ ଘଡ଼ିଏ ଚାହିଁଥିଲି । ଆଜି ବୁଝୁଛି ଆପଣ ବାସ୍ତବିକ ଅତଳ । ଆପଣ ଖାଲି ଅମୃତର ଝରି ନୁହଁନ୍ତି, ଏକ ବିଶାଳ, ବିପୁଳ ଓ ଅଥଳ ମହୋଦଧି ।

ସେଇ ମହୋଦଧି ଚରଣରେ ଏଇ ଅକିଂଚନ 'ଚନ୍ଦ୍ର ଓ ଚକୋର'ଟିକି ମଥା ନୋଇଁ ଅର୍ପଣ କରୁଛି; କେବଳ ଆପଣଙ୍କର ସ୍ନେହ ଗୋଟିଏ ଢେଉର ପରଶ ପାଇଁ···

ବିନୀତ
ନରସିଂହ

## ଏହି ଲେଖକଙ୍କର ପୁସ୍ତକମାନ

| ପୁସ୍ତକ | ପ୍ରକାଶ କାଳ |
|---|---|
| ୧ । ମିନତି | ୧୯୪୯ |
| ୨ । ଅଭିଯୋଗ | ୧୯୫୦ |
| ୩ । ସେବାସଦନ | ୧୯୫୦ |
| ୪ । ତଳମାଳେ ଡାକେ | ୧୯୫୦ |
| ୫ । ବଡ଼ ଘରର ଝିଅ | ୧୯୫୦ |
| ୬ । ଅଠାକାଠି | ୧୯୫୩ |
| ୭ । ବିପ୍ଳବ | ୧୯୫୩ |
| ୮ । ତଳେ ମାଟି ଉପରେ ଆକାଶ | ୧୯୫୪ |
| ୯ । ହେମ ହରିଣୀ | ୧୯୫୫ |
| ୧୦ । ଜଳନ୍ତା ଜୁଇ | ୧୯୫୬ |
| ୧୧ । ମେଘମାଳା | ୧୯୫୮ |
| ୧୨ । ଚନ୍ଦ୍ର ଓ ଚକୋର | ୧୯୬୦ |
| ୧୩ । ପାଗଳ | ୧୯୬୦ |

ଉତ୍ସର୍ଗ

[illegible]

ଗୋଟିଏ ଦରଦୀ ପ୍ରାଣର ତରଙ୍ଗ—

'ଚନ୍ଦ୍ର ଓ ଚକୋର' ପଢ଼ିଲି, ଅନ୍ତରର ନିଭୃତ ତନ୍ତ୍ରୀ ଥରାଇ ଛନ୍ଦ ତୋଳିଲା । ସେ ଛନ୍ଦ ହଜିଲା-ଅତୀତର ମଧୁର ରାଗିଣୀ । ସ୍ମୃତି ବଡ଼ କଷ୍ଟ ଦିଏ ବାସ୍ତବିକ । ଯେଉଁ ସ୍ମୃତିରେ ପ୍ରାଣ ଅଛି, ଯେଉଁ ସ୍ମୃତିରେ ଭଲପାଇବା ଅଛି, ଯେଉଁଠି ଅଛି ଜୀବନର କେତେ ଜୁଆରଭଟ୍ଟା କେତେ ହସ କାନ୍ଦ···କ'ଣ ଭୁଲି ହୁଏ ? ଆଖିରୁ ଲୁହ ଝରେନା, ବୁକୁ ଫାଟେଇ କୋହ ଉଠେନା, ସେ ଯେମିତି ଗୁହେଁ ସନ୍ତୁଳି ସନ୍ତୁଳି ମାରିଦେବ । ଖାଲି ଗୋଟାଏ ଦୀର୍ଘଶ୍ୱାସ···ସେ ବି ମିଳେଇ ଯାଏ । ଅନନ୍ତତା ଭିତରେ ତା'ର ସତ୍ତା କାହିଁ ?? ଖାଲି ହାହାକାର, ବ୍ୟଥା, ବେଦନା—ଇସ୍ !!

ଖ୍ରାଇଷ୍ଟ କଲେଜ
କଟକ
୫ । ୨ । ୭୦

— କିଶୋର ମହାନ୍ତି

ପ୍ରଚ୍ଛଦ ଚିତ୍ର .....

ବ୍ୟବସାୟିକ ଚିତ୍ର କ୍ଷେତ୍ରରେ ଇଙ୍ଗିତ-ବାଦର ପ୍ରୟୋଗ ନୂତନ ନହେଲେ ମଧ୍ୟ ଏହା ବହୁଳ ନୁହେଁ । କାରଣ ଏହି ପ୍ରକାର ଚିତ୍ରସବୁ ଦେଖିଲାବେଳେ ଶିଳ୍ପୀ ଓ ଦର୍ଶକଙ୍କ ମଧ୍ୟରେ ଖଣ୍ଡିତମତ ଗୋଟାଏ କସରତ ଲାଗିଯାଏ, ଅର୍ଥାତ ଶିଳ୍ପୀ ତାର ଛବିଦ୍ୱାରା ଦର୍ଶକଙ୍କୁ ତାର ଚିନ୍ତାଧାରର ସମାନ ସ୍ତରକୁ ଆସିବାକୁ ବାଧ୍ୟକରେ । ଅନେକଙ୍କ ମତରେ ଏଇ ନୀରବ କସରତଟା ହିଁ ଆନନ୍ଦ ।

ଏହି ଚିତ୍ରଟିରେ ଇଙ୍ଗିତବାଦ ସାହାଯ୍ୟରେ ଅତି ବାସ୍ତବବାଦ ପାଇଁ ଗୋଟାଏ ପ୍ରବଳ ସୂଚନା ଦିଆଯାଇଛି । ଅବାସ୍ତବ ପଟ୍ଟଭୂମି ଉପରେ 'ଚନ୍ଦ୍ର ଓ ଚକୋର'ର ଇଙ୍ଗିତ ବା ନ୍ୟୂନତମ ସୂଚନା ସ୍ପଷ୍ଟ ଚନ୍ଦ୍ର ଓ ଚକୋର କଥା ଭାବିଲାବେଳେ ସାଧାରଣତଃ ଆମେ ଚକୋରର ଉତ୍ସୁକତାକୁ ମନେମନେ ସ୍ୱୀକାର କରିନେଉ ଓ ପ୍ରାଧାନ୍ୟ ଦେଉ । ଅଥଚ ଚନ୍ଦ୍ରର ପ୍ରୟୋଜନ ଅପାର୍ଥିବ ବସ୍ତୁ ହିସାବରେ ଆମଠାରୁ ଦୂରରେ । ତେଣୁ ସୂଚନା ଦ୍ୱାରା ଚନ୍ଦ୍ରର ଆକାରକୁ କଳା ଗୋଲକ ଭିତରେ ସୀମାବଦ୍ଧ ରଖି ବାକି ଚକୋରର ଦୁଇଟା ଡେଣାକୁ ଧଳା ରଙ୍ଗ ଦେଇ ପ୍ରାଧାନ୍ୟ ଦିଆଯାଇଛି ଯାହାଦ୍ୱାରା କି ଶାଶ୍ୱତ ସମ୍ପର୍କ ( ଚନ୍ଦ୍ର ଓ ଚକୋର ମଧ୍ୟରେ ) ର ପ୍ରତିଷ୍ଠା ଓ ପ୍ରାଧାନ୍ୟ ଛବିଟିରେ ଯଥେଷ୍ଟ ସ୍ପଷ୍ଟ ।

( ଜଣେ କଳାକାରଙ୍କର ସୌଜନ୍ୟରୁ ପ୍ରାପ୍ତ )

**ପ୍ରକାଶକ**

ନୀଳ ଆକାଶ କୋଳରେ ଭାସିଭାସି ଗୋଟିଏ ବଉଦ ଆଉ ଗୋଟିଏ ବଉଦ ଦେହରେ ମିଶିଗଲା । ଚନ୍ଦ୍ର ଦୂରରେ ଥାଇ ହସୁଥାନ୍ତି ।

କ୍ୟାପ୍‌ଟେନ୍ ରାଉତରାୟ ଜିପ୍‌ରୁ ଖପ୍‌କିନା ଡେଇଁ ପଡ଼ି ବୁଟ୍ ମସ୍‌ମସ୍ କରି ଦୋମହଲା ଉପରକୁ ଉଠିଆସିଲେ । କହିଲେ— ଜଲ୍‌ଦି ଖାଇବାକୁ ଦିଅ । ······ ମେଜାଜ୍ ଗରମ । ଆଠଦିନ ହେଲା ନିଃଶ୍ୱାସ ମାରିବାକୁ ତର ନାହିଁ । ଗୋଟାଏ ଶିଖ୍ ରେଜିମେଣ୍ଟକୁ ଟ୍ରେନିଂ ଦେଇ ନେଫା କୋରିଆ ପଠେଇବା ଦାୟିତ୍ୱ ତାଙ୍କ ଉପରେ ପଡ଼ିଛି । ଘରେ ଭଲ କରି କଥାବାର୍ତ୍ତା ବି କରୁନାହାନ୍ତି ।

ଭାରତୀ ଡାଇନିଂ ଟେବଲରେ ତାଙ୍କର ଖାଇବା ବାଢ଼ିଦେଲେ । ଚେୟାର୍ ଖଣ୍ଡିଏ ଟାଣି ଆଣି ଗମ୍ଭୀର ହୋଇ କ୍ୟାପ୍‌ଟେନ୍ ବସିଲେ । କହିଲେ—ଗୋଟାଏ ପ୍ଲେଟ୍ ? ଭାରତୀ କହିଲେ—ତମେ ତ ଏମିତି ଉଷୁନାହାଣ୍ଡି ଭଳିଆ ମୁହଁ କରିଛ, ତମ ସାଙ୍ଗରେ କିଏ ବସିବ ? ତମେ ଖାଇନିଅ । ଫାଲ୍‌ଗୁନି ମୋ ସାଙ୍ଗରେ ଖାଇବ । ··· ସର୍କସର ପଞ୍ଜୁରୀ ଭିତରେ ବାଘ ଯେମିତି ଘାଉଁ ଘାଉଁ କରି ଉଠେ, ସେମିତି ଗୋଟାଏ କର୍କଶ କଣ୍ଠର ଆଓ୍ୱାଜ୍ ଭାସି ଆସିଲା—ଫାଲ୍‌ଗୁନି କୋଉ-

ଦିନ ଏମିତି ମାମଲତକାର ହେଲା ଶୁଣେ ? ସେ କ'ଣ ଏ ଘରେ କୁଣିଆ ଯେ ତା'କୁ ଆଦର କରି ଡକା ହେବ ? ତା'କୁ ପଗ୍ଚର— କେଉଁଦିନ ତା'କୁ ଆଡେଇ ଦେଇ ସୁଶୀଭାଇ ଏକାଏକା ଖାଇଛି ? ତାକୁ ପଗ୍ଚର—ତା ପାଟିରେ ପହିଲ ଗୁଣ୍ଡାଟି ନ ଦେଲେ କୋଉଦିନ ସୁଶୀଭାଇ ପେଟକୁ ଭାତ ଯାଏ ? ବଡ଼ ହେଲା ବୋଲି କ'ଣ ସୁଶୀ-ଭାଇ ଆଜି ପଶୁ ହେଇଯାଇଛି ? ମରିଯାଇଛି ? ·········

ମୁଁ ଆଉ ସମ୍ଭାଳି ହେଇ ପାରିଲି ନାହିଁ । ଦଉଡ଼ି ଦଉଡ଼ି ଆସି ତାଙ୍କ ପାଟି ବନ୍ଦ କଲି । ଆଖିରୁ ତାଙ୍କର ନିଆଁ ବାହାରୁଥାଏ । ଆଉ ଗୋଟାଏ ପ୍ଲେଟ୍ ଆସିବା ଦରକାର ହେଲାନି । ସେଇ ପ୍ଲେଟ୍‌ରୁ କ୍ରମରେ ପୁଡ଼ିଂ ନେଇ ସେ ମୋତେ ଖୁଆଇଦେଲେ । ପୁଡ଼ିଂ ଖୁବ୍ ଗରମ ଥାଏ । ଜିଭ ପୋଡ଼ି ଯାଉଥାଏ । ମାତ୍ର ବାହାର କରିବାର ଉପାୟ ନାହିଁ । ଏକଲି ସେକଲି କରି ଏପାଖ ସେପାଖ କରି କୌଣସି ମତେ ଗିଳିଦେଲି । ତା'ପରେ ପରେ ଗରମ ଚଲଉ, ଗରମ ମାଂସ, ଗରମ ଆମ୍‌ଲେଟ୍—ମୁଁ ଉପରେ ଗୋଟିକ ପରେ ଗୋଟିଏ ଗିଳି ଦେଉଥାଏ । ଆଖିରୁ ପାଣି ବୋହି ଆସେ । ମାତ୍ର ତୁଣ୍ଡ ଖୋଲିବାକୁ ସାହସ ହୁଏନା । ଭାଉଜ ଆଉ ରହିପାରିଲେ ନାହିଁ । ମୋ ବିକଳ ଅବସ୍ଥା ଦେଖି ଫେଁ ଫେଁ ହସି ଉଠିଲେ ।

× × ×

କ୍ୟାପ୍‌ଟେନ୍ ସୁଶାନ୍ତ କୁମାର ରାଉତରାୟ ମୋର ନିଜ ଭାଇ ନୁହନ୍ତି କି ମୋର କୌଣସି ରକ୍ତ ସମ୍ପର୍କୀୟ ଆତ୍ମୀୟ ନୁହନ୍ତି । ଘର ମୋ ଘରଠାରୁ ଦଶକୋଶ ଦୂର । ସେ ଖଣ୍ଡାୟତ, ମୁଁ ତେଲି । ସେ ଏକାଦଶ ଶ୍ରେଣୀରେ ପଢ଼ିଲାବେଳେ ମୁଁ ପଢୁଥିଲି ଅଷ୍ଟମରେ । ଅବଶ୍ୟ ଏକା ସ୍କୁଲ । ସେ କବିପ୍ରାଣ । ତାଙ୍କର ସରଳ ମନ, କଅଁଳ

କଥା, ଓ ଖଲଖଲ ହସ ମତେ ଚୁମ୍ବକ ପଥର ଭଳି ଟାଣି ନେଇଛି । ମୁଁ ନିଜକୁ ଭୁଲି ଗୋଟିପଣେ ମିଳେଇ ଯାଇଛି ତାଙ୍କ ମନ ଭିତରେ । ଅଦ୍ଭୁତ ଯାଦୁକର ସେ । କାଉଁଶ କାଠିର ମୋହନ ପରଶ ବୋଳି ଦେଇ ସେ ମଲା ଦେହରେ ଜୀବନ ଦେଇଛନ୍ତି—ପାଷାଣରୁ ଫୁଟାଇ-ଛନ୍ତି ଝର । ସେଇଥିପାଇଁ—ସେଇ ଦାବୀରେ, ମୁଁ ସବୁଦିନେ ତାଙ୍କ ଛାତି ଉପରେ ଢଳି ପଡ଼ି ଅଳି କରେ, ଅଝଟ କରେ, ମନଇଚ୍ଛା ଲୁହ ବୁହାଇ ଦିଏ । ସଭିଏଁ ଡାକନ୍ତି ସୁଶାନ୍ତ ବାବୁ, ମୁଁ ଡାକେ ସୁଶୀଭାଇ । ସେଇ ଗୋଟିଏ ଡାକରେ ମତେ ସରଗର ଅମାପ ସମ୍ପତ୍ତି ମିଳିଯାଏ —ଅନ୍ତରରେ ବହିଯାଏ ପ୍ରେମର କଳନାଦିନୀ ଚଞ୍ଚୋପୂଳା ।

ନିୟତିର ବିଚିତ୍ର ବିଧାନ । ସୁଶୀଭାଇ କଲମ ଛାଡ଼ି ବଲମ ଧରିଲେ । ଗରିବ ଘରର ପୁଅ । ମା' ହାତରେ ରସଖଣ୍ଡି ପିନ୍ଧି ଚୂଡ଼ି ପର୍ଯ୍ୟନ୍ତ ବିକି ପୁଅକୁ ପାଠ ପଢ଼ାଇଥିଲେ—ଭୁଣ୍ଡିରେ ମଣ୍ଡି ଦେଇ-ଥିଲେ, ମାତ୍ର ସବୁକଥାର ସୀମା ଅଛି । ଶେଷରେ ସେଇ ରସଖଣ୍ଡି ଯୋଉଦିନ ବନ୍ଧା ହେଲା ଓ ମା' ବାଟ-ଭିକାରୁଣୀ ଭଳି ହାତରେ କନାଖଣ୍ଡି ଗୁଡ଼େଇଲେ ସେଦିନ ଆଉ ସୁଶୀଭାଇ ସହିପାରିଲେ ନାହିଁ । ନୟନରୁ ରକ୍ତ ଝର ଆସିଲା । କଲମକୁ ପ୍ରାଣର ଶେଷ ପ୍ରଣତି ଜଣେଇ କଲେଜ ଛାଡ଼ିଲେ—ମିଲିଟାରୀରେ ପଶିଲେ ।

ମୁଁ ପନ୍ଦର ଖଣ୍ଡ ବହି ଲେଖିଛି । ସାତଖଣ୍ଡ ତା ଭିତରୁ ଛପା ହୋଇଛି । ପ୍ରଶଂସା ବି ଅଳପ ବହୁତେ ମିଳିଛି । କିନ୍ତୁ ଯଦି କେହି ନିରପେକ୍ଷ ବିଚାରକ ସେ ସମସ୍ତ ପଢ଼ି ଶେଷରେ ସୁଶୀଭାଇଙ୍କର ସାମାନ୍ୟ ଚିଠି ଖଣ୍ଡିଏ ପଢ଼େ, ତେବେ ସେ ବିନା ଦ୍ୱିଧାରେ ତାଙ୍କୁ କବି ବୋଲି କହି ପ୍ରଣାମ କରିବ । ମୋର ସମସ୍ତ ଲେଖା ମୋଡ଼ି-ମାଡ଼ି ଅଳିଆ ଗଦାକୁ ଫିଙ୍ଗିଦେବ । ସୁଶୀଭାଇ ଏହିପରି ।

ମୁଁ ଦୁଃଖ କରିଥିଲି । ଘୋଷା ହୋଇ ଲେଖିଥିଲି—ଏତେ ଶୀଘ୍ର ତମେ ମରିଗଲ ?······ସେ ଉତ୍ତରରେ ଲେଖିଲେ—ଆଉ ଉପାୟ ନ ଥିଲା । ବାପା ଓ ବୋଉଙ୍କ ଆଖିରେ ଲୁହ ଦେଖିବାକୁ ସାହସ ହେଲାନି ।

ସମୟ ବହିଗଲା । ମିଳିଟାରି ଜୀବନର କଠୋର କର୍ମମୟ ନୀରସ ଦିନଗୁଡ଼ିକ କଟେଇ କଟେଇ ସେ ଆଗେଇ ଚାଲିଲେ । ସମସ୍ତେ ଭାବିଥିଲେ ଗତି ପରିବର୍ତ୍ତିତ ହେଲେ ନଦୀସ୍ରୋତ ବାଲୁକା କୋଳରେ ହଜିଯିବ । କିନ୍ତୁ ସେ ଏପରି ଅନ୍ତଃସଲିଳା ଫଲ୍‌ଗୁ ଯେ ହଜିଯିବା ତ ଦୂରର କଥା ଦିନୁଦିନ ଉଲ୍ଲୋଳ କଲ୍ଲୋଳରେ ଭରପୂର ହୋଇ ଉଠିଲା । ସେ ଉନ୍ନତି କଲେ ।

ପ୍ରାୟ ଚାରି ବରଷ ପରେ—ହଠାତ୍ ଦିନେ ଏଲାହାବାଦରେ ଚିଠି ପାଇଲି—"ବୋଉକୁ ଆଉ ପାଇଲି ନାହିଁ । ତା'ର ସେଇ ଏକ ଜିଦ୍ ମାଟି କାନ୍ଥରେ ଚିତା ପକେଇବ । ହଳଦି ଆଉ ଦୁବ ବରକୋଳି ପତରରେ ତା ପୁଅକୁ ଗାଧେଇ ନ ଦେଲେ ତା'ର କୁଆଡ଼େ ଆରପାରିର ବାଟ ପରିଷ୍କାର ହବନି । ତା ଲୁହ ଦେଖି ଆଉ ମୁହଁ ଖୋଲି ପାରିଲିନି । ଏଇ ଫଗୁଣରେ ତିଥି । ତୁ ଆ' ।"

ମୋର ଆନନ୍ଦ ହେଲା ଯେତିକି, ଚିନ୍ତା ବି ହେଲା ସେତିକି । ଆନନ୍ଦ ଏଇଥିପାଇଁ ଯେ ବଣଭୁଆଟା ଏତେ ଦିନେ ଧରା ପଡ଼ିଛି । ନାକରେ ଦଉଡ଼ି ଲଗିଲେ ଆଉ କୁଆଡ଼େ ଡିଆଁ ମାରି ପଳେଇ ଯାଇପାରିବ ନାହିଁ । ଆଉ ଚିନ୍ତା ? ଛାଡ଼ ସେ କଥା । କହିବାକୁ ଲାଜ ମାଡ଼ୁଛି । ସେଇ ମଉନମୁହାଁ, କଅଁଳକଣ୍ଢି, କେଲୁଣୀରାଣୀଟି ଆସିଲେ ଯଦି ଏ ଭେଣ୍ଡାଙ୍କୁ ମେଣ୍ଢା କରି କାନି ପଣତରେ ବାନ୍ଧି ରଖେ, ତା'ହେଲେ ବିଚାରା ଏ ନଣ୍ଡାଟିର ଦଶା କ'ଣ ହବଟି !

ଆଉ କ'ଣ ସେ ଛଡ଼ି ଦେବେ ନା କଥା କହିବେ ? ମନ ବସେଇ ଗଲି । ତଥାପି ଗଣ୍ଡିର ପତର ଧରି ଗାଁକୁ ଛୁଟିଲି ।

ଦେଖିଲି ଦୋଷଟା ପୂରାପୂରି ବୋଉର ନୁହେଁ । ପୁଅ ନାଁ କହି ପୁଆଡ ଖାଇଲି ଭଳି ଭାଇ ନିଜକୁ ବଂଚେଇବା ପାଇଁ ବୋଉକୁ ଆଗକୁ ଠେଲି ଦେଇଛନ୍ତି । ଅସଲ କଥା—ଭାଇ ସେ କେଲୁଣୀ ଫାନ୍ଦରେ ପଡ଼ି ସାରିଲେଣି । କି ଜଡ଼ିବୁଟୀ ସେ କଲା କେଜାଣି, ଦେଖୁ ଦେଖୁ ସ୍ତ୍ରୀ'ଙ୍କ ପାଟିରୁ ନାଳ ବୋହିଲା । ଅବକା ଘନଘନ ମୂର୍ଚ୍ଛା ଯାଉଛନ୍ତି । ବ୍ରଜଦାଣ୍ଡରେ ର୍ଟିଗଲାଣି—'ରାଧା ନ ଆସିଲେ କଳାକାହ୍ନୁ ଯମୁନାରେ ଝାସ ଦେବେ ।'

ମୁଁ ମନେ ମନେ ରାଧାଙ୍କୁ ଗୋଟିଏ ସାଷ୍ଟାଙ୍ଗ ପ୍ରଣିପାତ କଲି —ମା' ରାଧା ! ମୋ ନୟନରୁ ଧାରା ଛୁଟେଇବୁ ନାଇଁ ମା !

ନଟିଆମା' ଭଣ୍ଡାରୁଣୀ ଆସି କାନ୍ଥପାକ ଚତା ପକେଇ ଦେଇଗଲା । ଭାଇ ବଂଧୁ କୁଣିଆମଇଦରେ ଘର କମ୍ପିଲା । ଯୋଡ଼ି ନାଗରା ବାଜୁଥିଲା । ମହୁରିଆ ମିଠା ସୁର୍ ଟିଏ ଧଇଲା—'ଖଟାଅ ମୋତେ ତା ବେହରଣ ଫୁଲ ଖଟେତଳେ ଦ୍ୱିବାନିଶି ସଙ୍ଗାତ ରେ ! ଖେଲାଖିଂଜଖିଟଦୁଶା............'

କହିଲି—ଭାଇ ! ଉଠ, ଆଉ ମଠ କାହିଁକି ? ଖଟେତଳେ ଖଟିବାର ବେଳ ଆସିଗଲାଣି । କହିଲେ—ଦୂର୍ । ଜଣେ ମିଲିଟାରି ଅଫିସର ସାମାନ୍ୟ ନାରୀ ପାଇଁ ଏତେ ଆକୁଳ ନୁହେଁ । ମୁଁ କହିଲି —ଏ ତ ସାମାନ୍ୟ ନୁହେଁ । ଏ କାଉଁରୀ କାମଚଣ୍ଡୀ ଦେଶର ଏକ ଅସାମାନ୍ୟା ଅପରୂପା ନାରୀ । ବାଉଁଶନାଟ ଜାଣନ୍ତି । ଥରେ ବାଉଁଶରେ ଉଠିଲେ କେତେ ମିଲିଟାରି ଅଫିସର ଭକୁଆ ହୋଇ ଉପରକୁ ଅନେଇଥିବେ । ......ସେ ହସିଲେ ।

ଶାନ୍ତିପୁରୀ ଯୋଡ଼ ଓ ସିଲ୍‌କ ପଂଜାବୀ ପିନ୍ଧେଇ ଦେଇ ମଥାରେ ଜରିଲଗା ସୋଲମକୁଟ ବାନ୍ଧିଲି । ଗାଁର କିଏ ଜଣେ ନୂଆବୋହୂ ଆସି ନାନା ହାସପରିହାସ ଭିତରେ ଚୋପି ଚୋପି ଚନ୍ଦନ ମଣ୍ଡି-ଦେଲେ । କିଏ ଗୋଟିଏ ନୂଆ ଭୂଆଷୁଣୀ ଲୁଚି ଲୁଚି ଆସି ବୋଝେ ଅତର ଢାଳି ଦେଇଗଲା । ଗଜରା ମଲ୍ଲୀ ଫୁଲର ହାର କେଇଟି ବେକରେ ମୁଁ ଲମ୍ବାଇ ଦେଉଛି । ପୁଣି ମହୁରିଆର ଉତଳା ସ୍ୱର ଭସି ଆସିଲା—'ସଜନି ଲୋ ! ରଜନୀ ଗଲା ତା'କୁ ଚାକ······'

କହିଲେ—କ'ଣ ଏ ଗୀତଗୁଡ଼ା ତୁ ବାଛିବାଛି ତା'କୁ ଶିଖେଇଛୁ କି ?

କହିଲି—କାହିଁକି ? ମନକଥା କହିଦେଲା ପରି ! ଯା', ମୁଁ କାହାରି କଥା ଭାବୁନି ।

—ନା, ଖାଲି ସପନ ଦେଖୁଛୁ କେମିତି ସିଏ ସୁନାର ଲପନରେ ଗୋପନ ଚୁମାଟିଏ ଆଙ୍କିଦେବ ।

କାନ ମୋର ଛିଣ୍ଡିଯାଇଥାନ୍ତା, ଭାଗ୍ୟେ ମାଉସୀ ଆସି ପହଞ୍ଚି-ଗଲେ । କହିଲେ—ତୁ ପୁଅଟା କେତେ ଡେରି କରୁଚୁ ରେ । ବେଳ ତ ଆସି ଆଖିର ହେଲା । ବର ବିଦା ହେବ କେତେବେଳେ ?

ଭଲ କଥା । ମତେ ତ ସେଇଆ ଖୋଜୁଥିଲା । ସାତ ମାଇପେ ଆସି ହୁଳହୁଳି ପକେଇଲେ । ବାଉରିଠଉଁ ଶଙ୍ଖ ଛଡ଼େଇ ଆଣି ମୁଁ ଭୁହାଇ ଭୁହାଇ ତାଙ୍କ କାନ ପାଖରେ ଫୁଙ୍କିଲି । ପାଲିଙ୍କି ଉଠିଲା ।

ମୁଁ ସେ ଶଶୀକଳା ଓରଫ ସୁରୁଶୀଳା ଓରଫ ପ୍ରେମଭୋଲାଙ୍କୁ ଦେଖିବାକୁ ଯାଇଥାଆନ୍ତି, ଯଦି ଛୁଟୀ ଦେଇଥାନ୍ତେ ମାଉସୀ । କିନ୍ତୁ ସେ ଦେଲେ ନାହିଁ । ସେଇଦିନ ସୁଶୀଭାଇଙ୍କ ଭଉଣୀ ଜଗିର ବାହାଘର । ସେ ଭାର ମୋ ଉପରେ ପଡ଼ିଲା ।

× × ×

ଦୁଇଦିନ ପରେ—ଲୁହବୋଳା ଆଖିରେ ଦୁଃଖିମା ଭଉଣୀ ନଗିକି ବିଦା ଦେଇ ଫେରୁଛି, ମହୁରୀ ଶୁଭିଲା । ତା'ପରେ ଶଙ୍ଖ । ତାପରେ ହାକୁମ୍ ଧୋବଲ ଧାକୁମ୍ ଭାଇ । ନିଃଶ୍ୱାସ ମାରିବାକୁ ମତେ ତର ନାହିଁ । ଦଉଡ଼ିଲି ତାଙ୍କୁ ଅଧବାଟରୁ ଫୁଲ ଚନ୍ଦନ ଦେଇ ବନ୍ଦେଇ ଆଣିବାକୁ । ଘର ଭିତରେ ବୋହୂରାଣୀ ପଶିଛନ୍ତି କି ନାହିଁ, ମାଉସୀ ଡାକ ଛାଡ଼ିଲେ—ତୁ ଆଗ ଆଇଲୁ ପୁଅ । ବହୂଣୀକି କେତେ ଗାଳି ଦଉଛୁ । ଦେଖିଲୁ କୋଉଠି ଟିକିଏ ମଳଧୂଳି ଭଲି ଅଛି ? କେଡ଼େ ସୁନ୍ଦର ନିଖୁଣ ଦେବୀ ପ୍ରତିମାଟିଏ ।

ମୁଁ ମୋ' ପାରୁପର୍ଯ୍ୟନ୍ତ ସାହସ ବାନ୍ଧି ଆଗେଇଲି । ମାଇପଙ୍କ ହାଟ । ତା ଭିତରେ ମତେ ଜଣାଗଲା ଦେବୀଙ୍କ ଆଗରେ ଯେମିତି ମୁଁ ବଳି ପଡ଼ିବାକୁ ଯାଉଛି । ସବୁ ମାଇପେ ବୋହୂଙ୍କୁ ଛାଡ଼ି ମୋ ମୁହଁକୁ ବଲବଲ ଅନେଇଲେ ଓ କିଏ କେମିତି ଫେଁ ଫେଁ ବି ହସି ଉଠିଲେ । ଫେରି ଆସିବାକୁ ବି ଲାଜ ମାଡ଼ିଲା । ଖୁବ୍ ବୁଦ୍ଧି କରି ଆଗ ଆଖି ବୁଜିଦେଲି । ତା'ପରେ କରଯୋଡ଼ି ବଡ଼ ପାଟିରେ ଗାଇ ଉଠିଲି ।

କଜ୍ଜଳ-ପୂରିତ ଲୋଚନ ଧାରେ ।
ମହମହ ହେଜ୍‌ଲିନ୍ ବୋଳିତ ଗାଲେ ।
ମାଳମାଳ ସୁନାହାର ମଣ୍ଡିତ ବୁକେ
ପଣ୍ଡିତ ଜନ ମନ ଦୂରୁ ଦେଖି ଶଙ୍କେ ।
ଧପଧପ ଗଚ୍ଛିତ ଚଟି ପିନ୍ଧି ପାଦେ
କଂପଇ 'ବନହାର' 'ଆଇଲା ଲୋ ନାଦେ' ।

ଦେଖଣାହାରୀ ମାଇପେ ତ ଯାହା ହସିଲେ ହସିଲେ, ଖୋଦ ମାନମୟୀ ଓଢ଼ଣା ଭିତରେ କଲକାଲିଆ ହୋଇ ହସି ଉଠିଲେ । ଅନ୍ଧାରଘରେ ଫୁଲଝରିଟିଏ କିଏ ଜାଳିଦେଲା ଭଳି ମୋତେ ଲାଗିଲା । ତୃପ୍ତିରେ ମୁଁ ଫେରି ଆସିଲି । ମାନ ଆସୁଛି କୁଆଡ଼େ ? ଅଜ୍ଞାନକାଳର

ଆଉ ଆଉ ନୂଆବୋହୂ ଯେତେ ଥିଲେ ସବୁ ଆସି ଘେରିଗଲେ—'କ'ଣ ଏମିତି ପାଠୁଆ ଭାଷାରେ କହୁଛ ମ, ଆମେ ତ କିଛି ବୁଝିଲୁ ନାହିଁ । ବୋହୂଟି ମନକୁ ପାଇଲା କି ନାହିଁ ସଫା ସଫା କୁହ ।'

କହିଲି—ମାଉସୀ ତ ତାଙ୍କୁ ପାଲଗଦା ଉପରକୁ ଠେକି ଉଷ୍ଣ କଲଣି । ମୁଁ ଆଉ କ'ଣ କହିବି ?

'ଅଳପ ଦୁହିଁଲେ ଖାଉନ୍ଦ ରୁଷେ
ବହୁତ ଦୁହିଁଲେ ବାଛୁରି ରୁଷେ
ପର ଗାଈ ଦୁହାଁ ମତେ ନ ଆସେ ।'

'ନାଇଁ, ନାଇଁ, କୁହ, କୁହ । ମାଉସୀ ଖାଲି ନାଁକୁ ସିନା ତମେ ତ ସବୁ କଲ । ଦ' ଦ'ଠା ବାହାଘର ନେଇଆଣି ଥୋଇଲଣି । କମ୍ କଥା ଇଏ—

—ଆରେ ମୁଁ କ'ଣ କଲି ? 'ପରବଳଦ ପରଶିଙ୍ଗା, ତା'କୁ ବୋହୁଥିଲା ନରସିଙ୍ଗା ।' ଇଏ ତ ଭାଉଜଙ୍କ କାମ । ନକଲେ ଆଉ ଏ ଚନ୍ଦାମୁଣ୍ଡରେ ଖଡ଼ୁ କରୁଡ଼ିବେ ନାଇଁ ସାଆନ୍ତାଣୀ ।'

ପୁଣି ସମସ୍ତେ ଠୋ ଠୋ ହସି ଉଠିଲେ । ଜଣେ ନୂଆବୋହୂ—ମାରଭାଇଙ୍କ ସ୍ତ୍ରୀ ହେବେ ବୋଧେ, ଖୁବ୍ ଜିଗର କଲେ—ନା, ତମକୁ କହିବାକୁ ହବ । କହ ତମେ, କେତେ ଝିଅବୋହୂ ଦେଖୁଛ । ଏ ବୋହୂଟି କପରି ? ଆମ ନଣି ଭଲଆଚି ?

କହିଲି—ସତ କହିବି ?

'ସୁନାଫୁଲ ଦେଲି ପରକୁ
କାଳୀ ଭୁଷୁଣ୍ଡୀ ଆଣିଲି ଘରକୁ ।'

ସମସ୍ତେ ପୁଣି କରକର ହେଇ ହସିଲେ । ମାଉସୀ ଏଣ୍ଡେ ପାଟି କରି ଉଠିଲେ—ହଉ, ହଉ, ତୁ ଗଲୁ ଆଗ ଏଠୁ । ତୁ ତ ଘୁ'କାଳିକା; ହଳଦ୍ଧବସନ୍ତର ମହତ ତୁ କ'ଣ ବୁଝିବୁ ?···ମୁଁ ହସି ହସି ସେ ପ୍ରମିଳାରାଜ୍ୟରୁ ପଳେଇ ଆସିଲି ।

# ଭୁଲ

ବାହାଘର ସରିଲା । ଭାଇ କଲିକତା ଫେରିଗଲେ । ମୁଁ ବି ଚେଷ୍ଟାଚରିତ୍ର କରି ଏଲାହାବାଦରୁ କଲିକତା ବଦଳି ହୋଇ ଆସିଲି । ମୁଁ ଚଳିଆ ଜୀବ କିରାଣୀଟିଏ । ତଥାପି ସାରା ଭାରତ ବୁଲିବାକୁ ହେବ । ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ଚାକିରୀ । ଭାଇ କହିଲେ— କ'ରେ କାହିଁକି ? ଆଜିଯାଏ ତ ଏଲାହାବାଦରେ ଥିଲୁ । ଆଜି କ'ଣ ତତେ ଟାଣିଲା ? କହିଲି—ଚୁମ୍ବକ···କିନ୍ତୁ ଚୁମ୍ବକ ନା ଘୁମ୍ବକ । ଦେଖିଲାବେଳକୁ କିଛି ନାହିଁ । ଦେଉଳ ଖାଲି । ଦେବୀ ଆସିଲେ ନାହିଁ । ମାଉସୀ କୁଆଡ଼େ କହିଲେ—ନୂଆ ଚଢ଼େଇ, ଉଡ଼ି ଶିଖି ନାହିଁ, ଆଜିଠଉଁ ଖୋଲା ଆକାଶକୁ ଉଡ଼ିଗଲେ ହାଲିଆ ହୋଇପଡ଼ିବ···ହଉରେ ବାବା, ନ ଆସିଲେ ନାଇଁ । ବସାରେ ହେଲେ ଚୁପ୍‌କରି ଥାଆନ୍ତୁ, ଏ ଡାକବାଲାଗୁଡ଼ାଙ୍କର ଜୀବନ ଖାଇଲି କିଆଁ ? ଆଉ ଶେଷରେ ମୋ' ଭଳିଆ କଣା ବଳଦକୁ ଘଣା ପେଲେଇ ପେଲେଇ ଦରମଲା କଲି ବା କାହିଁକି ?

ନିତି ନିତି ଫୋର୍ଟ ଉଇଲିୟମରୁ ଜି. ପି. ଓ. ଆଉ ଜି. ପି. ଓ.ରୁ ଫୋର୍ଟଉଇଲିୟମ୍ ଦଉଡ଼ି ଦଉଡ଼ି ମୋ ଦଫା ଛିଣ୍ଡିଲା । ଶାଢ଼ୀ, ସେଣ୍ଟ, ଟେମ୍ପୁଲେଟ୍, ଉପନ୍ୟାସ, ନୂଆ ନୂଆ ଅଳଙ୍କାର, ଦ୍ୱାରକା-ଘୋଷ ରବଡ଼ି, ଭୀମ୍‌ନାଗ୍ ସନ୍ଦେଶ, ଜଳଯୋଗ ଦହି—କଲିକତାରୁ ଅର୍ଦ୍ଧେକ ଭାଇ ପଠେଇବାକୁ ଚାହିଁଲେ ସେଇ ଗ୍ରାମଦେବତୀଙ୍କ ପାଖକୁ । ତା'ଛଡ଼ା ରୋଜ ରୋଜ ଚିଠି—ନାଳି, ନେଳି, ବାଇଗଣୀ ରଙ୍ଗର ଲଫାପା । ମୁଁ ବୋହି ବୋହି ଥକିଲି । ମନେ ମନେ ଖାଲି ରକ୍ତଚାଉଳ ଗୋଟେଇଲି ସେ 'ଫୁଟୁକାଗାଲି' ଭାଉଜ ଉପରେ ।

ଦିନକର—

ଗୋଟାଏ ନୂଆ ଇଅର ଉପ୍‌ରେ ପାର୍ସଲ ଓ ଚିଠି ଧରି ଆସୁଛି । କ'ଣ ମନ ହେଲା, ହଠାତ୍ ଜପ୍ ଅଟକାଇ ଦେଲି । ଡ୍ରାଇଭରକୁ କହିଲି—ତମେ ଫେରିଯାଅ । ମୁଁ ପାର୍ସଲ କରି ପରେ ବସ୍‌ରେ ଯିବି । ସେ ଇତସ୍ତତ କଲା—ନା' ଆଜ୍ଞେ, ଆପ୍‌ନାକେ ଛୋଡ଼େଗେଲେ ସାହେବ୍ ଆମାକେ ଗାଲାଗାଲି କରବେନ୍ ।'… ହସିଲି । କହିଲି—'ନାଇଁ, ଯାଅ । ମୁଁ ବୁଝାଇଦେବି ।' ବଡ଼ ଅନିଚ୍ଛାରେ ସେ ଫେରିଲା ।

ଗାଢ଼ ନୀଳ ଲଫାଫା ଭିତରୁ ଦାମୀ ଏସେନ୍‌ସର ଭୁରୁଭୁରୁ ଗନ୍ଧ ଭସି ଆସୁଥାଏ । ଉପରେ ଲେଖାଥାଏ ଭାଇଙ୍କ ହାତରେ ଶତ ସ୍ନେହବୋଳା, ଶତ ପ୍ରୀତିଗୋଳା ସୁଗୋଲ ଅକ୍ଷର କେଇଟି—ଶ୍ରୀମତୀ—ପ୍ରଲୋଭନ ଏଡ଼ି ପାରିଲି ନାହିଁ । ଟିକଏ ନିରୋଳା ସ୍ଥାନକୁ ଯାଇଁ ଖୋଲିଦେଲି । ଭାଇ ପ୍ରଥମେ ଲେଖିଛନ୍ତି—ରାଣୀ ମୋର ! ରାଣୀ ମୋର ! …ରାଣୀ ମୋର !…

ଭାରି ରାଗ ହେଲା । ଖାସା ରାଣୀ ଏଇ ହେଲେ, ଯା'ଙ୍କ ପାଦ ତଳେ ଖଟି ଖଟି ମୋର ବାଣୀ ରୁଦ୍ଧ ହେଲଣି । ତଥାପି ଛୁଟି ନାହିଁ । ଦିନକୁଦିନ ପ୍ରେମ-ଦରିଆ ଉଚ୍ଛୁଳୁଛି !…କ'ଣ ଗୋଟାଏ ବୁଦ୍ଧି ଦିଶିଲା । ପକେଟରୁ କଲମଟି କାଢ଼ି ତା ତଳେ ତଳେ ଗୋଟିଏ ଗୋଟିଏ ୨ ଲେଖିଦେଲି । ଆଉ ବେଶୀ ପଢ଼ିଲି ନାହିଁ । ବିବେକ କେମିତି ବାଧା ଦେଲା । ଚିଠି ପଠେଇ ଦେଲି ।

ଭାଉଜ ଚିଠି ଖୋଲି ପଢ଼ିଲେ—ରାଣ୍ଡୀ ମୋର ! ରାଣ୍ଡୀ ମୋର ! ରାଣ୍ଡୀ ମୋର !…ଜଳି ନିଆଁ… । ସାଙ୍ଗେ ସାଙ୍ଗେ ଭାଇଙ୍କ ପାଖକୁ କଡ଼ା ଜବାବ ଆସିଲା—ପରିହାସ କରିବାକୁ କ'ଣ ଆଉ କାହାକୁ ପାଇଲ ନାହିଁ ? ମୁଁ କ'ଣ ତମର ଶାଳୀ ହେବି ?…ଭାଇ ସ୍ତବ୍ଧ । ମୁଁ ଚମ୍ପଟ୍ ।

କିଛୁଦିନ ପରେ ନୂଆ ଚଢ଼େଇର ପର ଝାଣ ହେଲା । ସେ ଉଡ଼ି ଉଡ଼ି ଆସି ପହଞ୍ଚିଲା କଲିକତାରେ । ଭାବିଥିଲି ପଛ କଥା ସମସ୍ତେ ଭୁଲି ଯାଇଥିବେ । ସେଇ ସାମାନ୍ୟ ଘଟଣାକୁ ଗଣ୍ଠିକରି ଆଉ କେହି କବରୁ ଶିରା କାଢ଼ିବେ ନାହିଁ । କିନ୍ତୁ କି ମୁସ୍କିଲ । ନାଗରନ୍ତି ଦେହଲିରେ ପାଦ ଦେଇଛନ୍ତି କି ନାହିଁ, ଚିଠିଟିକି ଭାଇଙ୍କ ହାତକୁ ବଢ଼େଇଦେଲେ—ନିଅ, ଦେଖ, କ'ଣ ଲେଖିଛି······ଭାଇ ଥରେ ଚିଠି ଉପରେ ଆଖି ପକେଇଗଲେ । ଆଉ ସେଥିରୁ ଉଠିବା ଆଗରୁ ମୁଁ ଏଣେ ସାଇକେଲ୍ ଧରି ଛୁ । ବହୁତ ରାତିରେ ସେ ଦିନ ଫେରିଲି । ପୂଝାରୀଠୁ ଭାତ ମାଗି ଚୁପ୍ ଚୁପ୍ ଖାଇଦେଇ ବାହର ଘରେ ଶୋଇପଡ଼ିଲି । କେହି ଦେଖିନାହାଁନ୍ତି ।

ତହିଁ ଆରଦିନ ସକାଳୁ—ଉଠି ବାଥ୍ ରୁମ୍‌ରେ ମୁହଁ ଧୋଉଛି, ଚାକର ପିଲାଟି ଆସି ଖବର ଦେଲା—ମା' ଡାକୁଛନ୍ତି ।···ଏଁ, ମା' ? ମୋ ଛାତିରୁ ପୋଷେ ରକତ ଶୁଖିଗଲା । ମା' ତା'ହେଲେ ଆଜି ମତେ କଞ୍ଚା ଗିଳିଦେଇଲେ···ମାନ ନ ଯିବାର ଉପାୟ ନାହିଁ । ଦୋମହଲା ଉପରୁ ମା'ଙ୍କର ତୀକ୍ଷ୍ଣ ନୟନ ମତେ ଚାହିଁ ରହିଛି । କୌଣସିମତେ ଟର୍କିସ୍ ଟାଓ୍ୱେଲ୍‌ଟି ଦେହରେ ଘୋଡ଼େଇ ଉପରକୁ ଗଲି । ସେଇଦିନ ପ୍ରଥମ କରି ତାଙ୍କୁ ଦେଖିଲି । ଦେଖିଲି ମା' ପ୍ରକୃତରେ ମା' । ଫୁଟିଲା ପଦ୍ମଫୁଲଟିଏ—କାନ୍ତ, କୋମଳ, କମନୀୟ,···ମତେ ଦେଖି ମୁରୁକି ମୁରୁକି ହସି କହିଲେ—ହୁଁ, ତମେ ଲେଖିଥିଲ ଚିଠି ? ମୁଁ ଭାଇଙ୍କି ସବୁ କହିଛି ଯେ···ବଡ଼ ସାହସ ବାନ୍ଧି ଯାଇଥିଲି ମୁଁ, କିନ୍ତୁ କେଜାଣି କାହିଁକି ନର୍‌ଭସ୍ ହୋଇ ପଡ଼ିଲି । ତଥାପି ତଳକୁ ମୁହଁପୋତି କରପତ୍ର ଯୋଡ଼ି କହିଲି—

'ଭ୍ରାତୃଜାୟା ଗୋ ! କରିବ କରୁଣା—
ରହିବ ପଛକେ ତମେ ଭାଇଙ୍କ ପାଖର
କହିବନି କଥା କିଛି କାନରେ ତାଙ୍କର,
ଅନ୍ୟଥା ନୋହିବ କେବେ ତୁମରି ବଚନ
କାନଖଣ୍ଡି ମୋର ସିନା ଯିବ ଜଳି ପୋଡ଼ି ।'

ମୋ କଥା ମୋ ମୁହଁରେ ଅଛି, ପଛରୁ ଚୁପ୍ ଚୁପ୍ ଆସି କାନଟି ଧଇଲେ କ୍ୟାପ୍‌ଟେନ୍ । କହିଲେ—

'କରିଛ ତ ତମେ ଭ୍ରମ

ରାଣୀ ସିନା ରକ୍ଷାକରେ ପ୍ରଜାରେ ତାହାର
ପାରିବ କି ରାଣୀ କ'ରେ ରଣ ? ?'

ହସିହସି ଲେଫ୍‌ଟେନାଣ୍ଟ ହୋଇ ପଡ଼ିଗଲେ ଲାଲ । ଲଜରେ ମୋ ମୁହଁ ଏକାବେଳକେ ଜଳିଗଲା । ପଳେଇ ଆସିବାକୁ ବାଟ ପାଇଲି ନାହିଁ ।

ଦିନେ ଖେଳରେ ଡାକଥିଲି ତାଙ୍କୁ କେଳୁଣୀ । କିନ୍ତୁ ଆଜି ଦେଖିଲି ସତକୁ ସତ ସେ କେଳୁଣୀ । ତାଙ୍କର କଳାକଳା ଆଖି ଦୁଇଟିରେ କି ମୋହନ ମନ୍ତ୍ର ବୋଳା ହୋଇଥିଲା କେଜାଣି ଚୁହଁଦେଲାକ୍ଷଣି ମଥା ମୋର ଆପେଆପେ ତଳକୁ ନଇଁଗଲା । ଥଟ୍ଟା ପରିହାସ କରିବା ତ ଦୂରର କଥା, କଥା ପଦେ କହିବାକୁ ବି ମୋର ସାହସ ହେଲାନି । ମୁଁ ଜଳିଗଲି । ତାଙ୍କର ଗୋଟିଏ ଚୁହାଣୀ ମୋର ସବୁ ମଳିଧୂଳି, ପାପତାପ ଜାଳିପୋଡ଼ି ଧ୍ୱଂସ କରିଦେଲା । ଅତି ଅଦ୍ଭୁତ ସେ ବହ୍ନିଶିଖା । ନିମିଷକେ ତ' ଧୁ ଧୁ ଜାଳିଦିଏ । ଅଥଚ ସେ ବହ୍ନିରେ ବାହାଦୁରି—ତାହା ଫୁଲ ଭଳି କୋମଳ, ଚନ୍ଦ୍ର ଭଳି ଶୀତଳ, ଚନ୍ଦନ ଭଳି ମହମହ ।

ମୁଁ ଫେରିଲି । ଫେରି ଆସିଥାନ୍ତି ଚିରଦିନ ପାଇଁ, କିନ୍ତୁ ଅଧବାଟରେ ମତେ ଅଟକାଇ ଦେଲେ ଭାଇ । କହିଲେ—ତୁ ଦୁଷ୍ଟାଟା, ଏଇ କଥାକୁ ଧରୁଛୁ ? ତୋ ଉପରେ କେବେ ମୁଁ ରାଗିପାରେ ?

କହିଲି—ତମ ରାଗିବା ପାଇଁ ନୁହେଁ ଯେ ମତେ ଡର ଲାଗୁଛି ।

ଡ-ର ? ହାଃ, ହାଃ, ହାଃ । ଠୋ ଠୋ ହୋଇ ହସିଉଠିଲେ ଭାଇ । ଦଉଡ଼ି ଯାଇଁ ଟାଣିଟାଣି ଆଣିଲେ ଭାଉଜଙ୍କୁ—'ଶୁଣ ଗୋ ଶୁଣ, ତମ ଦୁଷ୍ଟାଭାଇଟିର ଗୁଣ ଶୁଣ । ମୋ ଡରେ ତମକୁ କଥା କହିବାକୁ ନାରାଜ । ମୁଁ ଯେମିତି ତମକୁ ମନା କରିଛି ମୋ ଅଲଅଲ ଛୁଆଭାଇଟି ସାଙ୍ଗରେ ମିଶିବାକୁ ।

ଭାଉଜ ହସିଲେ । କହିଲେ—

'ପଢ଼େ ଗୁଡ଼େ ଶୁଆ, ବଳେଇ ଦେଖିଲେ ଅଗ୍ରୁବୁହା ।'

ଭାଇ କିନ୍ତୁ ବୁଝିପାରିଲେ ନାହିଁ । ମୁଁ ବୁଝିଲି । ସରମରେ ଝାଉଁଳି ପଡ଼ିଲି । ଭାଇ କହିଲେ—ନାଇଁ, ଏଇ ବାପୁଟାକୁ କେବେ ପର ବୋଲି ମନେକରିବ ନାଇଁ । ଖାଲି ଏଇ ଜନମର ନୁହେଁ, ଏଇଟା ମୋର କୋଟି କୋଟି ଜନମର ଭାଇ, ମୋର ହୃଦୟର ନିଧି—ସ୍ନେହର ରଙ୍କୁଣୀଧନ ।

ଭାଉଜ ପୁଣି ହସିଲେ । କହିଲେ—ହେଲା ଯେ, ରାବଣ ଯଦି ଯତି ବେଶ ଧରି ଆସିଥିବ, ତା' ହେଲେ ତ ବଚିବ । ରାମଙ୍କ ଆଖିରୁ ଲୁହ ଝରାଇ ସୀତଦ୍ଦ୍ରୀଙ୍କୁ ଧରି ଉଡ଼ିପିବ ଆକାଶରେ ।

—'କାଞ୍ଚନକୁ କାଚ ମଣି ନାଇଁ । ଲକ୍ଷ୍ମଣ ବି ସରି ହେବନି ତା ସହିତ । ସୀତସ୍ତ୍ରୀଙ୍କ ପାଇଁ ସେ ହସିହସି ମରଣ ବରଣ କରିବ ସିନା, ନୟନ ଟୋଲି ମୁହଁକୁ କେବେ ଚାହିଁବ ନାହିଁ ।'

କିଏ ଜାଣେ, କଅଁଳ ଘାସ ଆଖି ଆଗରେ ପାଇଲେ ମନ ହୁଏତ ହାଇଁପାଇଁ ହବ । ଓଲେଇ ଗାଈ ଭଳି ବେଳେବେଳେ ବାଡ଼ ଡେଇଁବେ……

—ଛି, ଏତେ ଛୋଟ ମନେ କରୁଛ ? ଚନ୍ଦ୍ରରେ କଳଙ୍କ ଥାଇପାରେ କିନ୍ତୁ ଭାଇ ମୋର ନିଷ୍କଳଙ୍କ । ଫୁଲଟିଏ ଦେଖିଲେ ସେ ସସମ୍ମାନେ ପ୍ରଣାମ କରିପାରେ, ବୃନ୍ତଚ୍ୟୁତ କରି ପଦରେ ଦଳିଦେବା ଭଳି ପଶୁ ସେ ନୁହେଁ । ବାହାରେ ଯେମିତି ଭିତରେ ବି ସେମିତି— ସରଳ, ନିର୍ମଳ, ପବିତ୍ର, ହସହସ । ମୋର ପ୍ରାଣର ଇଚ୍ଛା—ତମେ ତା'କୁ ଛୁଆ ଭାଇଟି ଭଳି କୋଳକୁ ଟାଣିନେବ । ପିଠିରେ ଆଉଁଷି ଦେବ କଅଁଳ ହାତ । କାନି ପଣତରେ ପୋଛି ଦେବ ସଜଳ ଆଖିର ସଲିଳ କେଇବୁନ୍ଦ ।

ନୂଆଭାଉଜଙ୍କର ସୁନାମୁହଁଟିରେ ସରୁ ହସଟିଏ ଚହଟି ଗଲା । କହିଲେ—ପାଠ ପଢ଼ିଲେ ପରା ମଣିଷଙ୍କର ବୁଦ୍ଧି ହୁଏ ? ତମେ ଏମିତି ବୋକା ପଣ୍ଡିତ ହେଲ କେମିତି ? ହୋଇ ପାରନ୍ତି ସେ ଆମର ଅତି ପ୍ରିୟ—ଅତି ଆପଣାର, କିନ୍ତୁ ତଥାପି ପରପୁରୁଷ ତ ? ତାଙ୍କ ସହିତ ଏତେଟା ଅବାଧ ମିଳାମିଶା କଲେ ଲୋକେ କ'ଣ କହିବେ ? ଦୁନିଆକୁ ତା' ସୁନ୍ଦର ଦିଶିବଟି ?

—ମୁଁ ଦୁନିଆକୁ ଖାତିର କରେନା । ମୁଁ ଜାଣେ ପଙ୍କଜ ଦେହରେ କେବେ ପଙ୍କ ଲାଗି ନାହିଁ କି ଲାଗିବ ନାହିଁ ।

—ପଙ୍କଜକୁ ପ୍ରମାଣ କରୁଛି ମୁଁ । କିନ୍ତୁ ତଥାପି କହିବି··· ମଣିଷକୁ ପଶୁ ହେବାକୁ ବେଶୀ ବେଳ ଲାଗେନା । ଟିକିଏ ଅବକାଶ ପାଇଲେ ସେ ସରଗରୁ ନରକକୁ ଓହ୍ଲାଇ ଆସେ ଆଖି ପଲକରେ । ବିଶେଷରେ ଏ ତରୁଣ···

—କ'ଣ ତମେ ଏ ବାଜେ କଥା କହୁଛ ?—ଭାଇ ଚଡ଼ି ଉଠିଲେ —ବାଜ ଭାଇ ତମର ତ ବୁଦ୍ଧି ନୁହଁନ୍ତି । ତାଙ୍କର କୋଳରେ ହସି ଖେଳି ନାଚି କୁଦି ତମେ ଷୋଳଟି ବସନ୍ତ କଟାଇ ଦେଲ । କାହିଁ, ସେଠି ଏତେ ଟିକିଏ ତ ସଂକୋଚ କରନା, ଭୟ କରନା, ତରୁଣ ବୋଲି ଦୂରେଇ ଯାଇନା ସହସ୍ର କୋଶକୁ । ଆଉ ଫାଲ୍‌ଗୁନ କ'ଣ ଏତେ ନୀଚ ? ଏତେ ଅଧମ ? ଖାଲି ନିଜ ମା' ପେଟର ଭାଇ ନୁହେଁ ବୋଲି ଫାଲ୍‌ଗୁନ କ'ଣ ମଣିଷ ନୁହେଁ ? ଫାଲ୍‌ଗୁନ କ'ଣ ପଶୁ ? ଫାଲ୍‌ଗୁନ କ'ଣ ନରକର କୀ-ଟ ?

ଭଉଜ ଆଉ ରହିପାରିଲେ ନାହିଁ । ଦି' ହାତରେ ବୁଜି ଧରିଲେ ତାଙ୍କ ପାଟି । ଭାଇଙ୍କ ଆଖି ସେତେବେଳକୁ ଛଳଛଳ ହୋଇ ଆସିଲାଣି । ହାତ ଛଡ଼ାଇ ଆଣି କହିଲେ—ବାଜଭାଇ ଭଳି ସେ ଆଦରରେ ଭଉଣୀର ମୁଣ୍ଡ ଆଉଁଷି ଦେଇ ପାରିବ ନାହିଁ ସିନା, ଭଉଣୀର ପାଦ ଉପରେ ମଥା ରଖି କାନ୍ଦିପାରିବ ନାହିଁ କ'ଣ ଟିକିଏ ? ସେ କ'ଣ ଏଡ଼େ ଅପଦାର୍ଥ ? ଏଡ଼େ ଅଯୋଗ୍ୟ ? ଜନନୀକୁ ଜାୟା ବୋଲି କହିବାର ବର୍ବରତା କ'ଣ କରିପାରେ ଫା-ଲ୍‌-ଗୁ-ନି- ? ?.........

ମୁଁ ଭେ ଭେ କାନ୍ଦି ଉଠିଲି । କହିଲି—ଭାଇ ! ମତେ ବୁଝିପାରିଲ ନାହିଁ । ଏବେ ବି ମୋ ଅନ୍ତର ଥରି ଉଠୁଛି ଭୟରେ । ଅପସରି ଯାଇଥିଲେ ବୋଧେ ଭଲରେ ଥାଆନ୍ତି । ଜାଣି ଜାଣି ମତେ ନିଆଁକୁ ଠେଲିଦେଲ—ନିଆଁକୁ ଠେଲିଦେଲ...... ଆଉ କହିପାରିଲି ନାହିଁ । କଣ୍ଠ ରୁଦ୍ଧ ହୋଇ ଆସିଲା । ଢଳି ଢଳି ଗଳିଆସୁଥିଲି । ଭଉଜ ଧରି ପକାଇଲେ । କାଙ୍ଗାଳର ନୟନରୁ ନୀର ପୋଛି ଦେବାପାଇଁ ଧୀରେ ଧୀରେ ଉଠିଆସିଲା ରାଜରାଣୀର ବସ୍ତ୍ରାଞ୍ଚଳ ।

# ତିନି

ପବନରେ ପହଁର ପହଁର ଦୋଳ ଖେଳୁଥିଲି—ରଙ୍ଗ ଦୋଳ। ଭାଉଜଙ୍କ ସମ୍ପତ୍ତି। ତେଣୁ ମୋର ଷୋଳଅଣା ଦଖଲ। ଗଙ୍ଗା ଉପର ଦେଇ ରଙ୍ଗୀନ୍ ପାଲ ତୋଳି ଗୋଟିକ ପରେ ଗୋଟିଏ ଜାହାଜ ଭାସି ଯାଉଥାଏ। ପିମ୍ପୁଡ଼ିଧାର ଛୁଟିଲାଭଳି ଲକ୍ଷ ଲକ୍ଷ ଜନତା ଅସ୍ତବ୍ୟସ୍ତ ହୋଇ ଧାଇଁଥାନ୍ତି କର୍ମ ଅଭିମୁଖେ। ମୋର କୁଆଡ଼କୁ ଲକ୍ଷ୍ୟ ନାହିଁ। ଦୋମହଲା ଉପରେ ଦୋଳରେ ଝୁଲି ଝୁଲି ଫୁଲି ଫୁଲି ମୁଁ ଗାଉଥାଏ—

‘ଆମରି ସାଇରେ ଲୁଣି
ଭାଉଜ ରାନ୍ଧୁଛି ଲୋ ମାଛଭଜାଅଣି
ମାଛଭଜାଅଣି ଲୋ, ସୁଆଦ ଅଟିକାମାନ।’

—କ’ଣ ସେଇ ମାଛଭଜାଅଣି ହଉଥିବ, ନା ଅଫିସ୍ ଯିବାପାଇଁ ସଜ ହୋଇ ବାହାରିବ ?’—କୋଠା ଉପରକୁ ହସି ହସି ଉଠିଆସିଲେ ଭାଉଜ। କହିଲେ—ଆସି ଦଶଟା ବାଜିଲା। ସକାଳୁ କ’ଣ ଦି’ଟା ଖାଇଲ ଯେ ପେଟଆସି ପିଠିରେ ନାଗିଲାଣି। ଭୋକ କ’ଣ ହେଉ ନାହିଁ ?

—ହାମ୍ ନେଇଁ ଖାଏଙ୍ଗେ—ଚଲୋ।

ହସିଲେ। ଝରଣାଟିଏ ସତେ କି ଖଳ ଖଳ ହୋଇ ପାହାଡ଼ କୋଳରୁ ତଳକୁ ଡେଇଁ ପଡ଼ିଲା। କହିଲେ—ଆଉ ଏ ଖୋଲ୍‌ଠି ମୋ ଆଗରେ କୁହନାହିଁ। ଅଳପଦ୍ଦନେ ଛୁଆବୋହୂକୁ ଏଠାକୁ ନେଇ ଆସିବ ଯେ ଦିନରାତି ତାରି ପାଖରେ ବସି ଖୋଲ୍‌ଠି କହୁଥିବ।... ଚାଲ ଟିକଏ କଚ୍ଛ ମୁହଁରେ ଦିଅ। ଭୋକରେ ପେଟ କଳକଳ ଡାକିଲାଣି।

ଦୋଳି ବନ୍ଦ କରି କହିଲି—କ'ଣ ତମର ଇଚ୍ଛା ? ନାଇଁ, ନାଇଁ ତମର ମତଲବ୍‌ଟା କ'ଣ ? କ'ଣ ଖୋଇ ଖୋଇ ମତେ ଏଠି ମାରିବ ? ଘଣ୍ଟ ପାହୁଛ କି ନାହିଁ ଗିଲସେ ସରବତ୍ । ତା'ପରେ ଗାଧୋଇ ସାରି ପେଟେ ଲୁଚି, ମହନଭୋଗ, ଆମଲେଟ୍ । ତୁମେ ପୁଣି କୁଆଡ଼ୁ ଆସି ଜବରଦସ୍ତ ଯୋଡ଼ାଏ କ୍ଷୀରମୋହନ ପାଟିରେ ଭରି ଦେଇଗଲ ! ତା'ପରେ ଚା' । ମୋଟେ ଦି' ଘଣ୍ଟା ହୋଇନି । ପୁଣି ଆସି ଧକ୍‌ଚକ୍ ନଗେଇଲଣି ଖାଇବାପାଇଁ । କ'ଣ ଭାଇଭାଉଜ ମିଳି ଏଇ ଗଙ୍ଗାକୂଳରେ ମୋର ଅନ୍ତ୍ୟେଷ୍ଟି ସାରିବାର ବ୍ୟବସ୍ଥା କରିଛ କି ?

ହସର ଝରଣା ବେଶୀ ବେଶୀ ଉଚ୍ଛୁଳି ଉଠିଲା । କହିଲେ—ମିଛ କଥା କାହିଁକି କହୁଛ ? ବେଶୀ କିଛି ତ ଖାଇନାହଁ । ବରଂ କୁଣିଆଘରେ ବୋଲି ସବୁଦିନେ ଲାଜଲାଜ କରୁଛ ।—

—ଏକଥା ଆଉ କହିବାକୁ ଅଛି ? ଭାଇ ମୋର ଦେଢ଼ଶୁର କି'ନା...

—ନାଇଁ, ଭାଇ ଦେଢ଼ଶୁର ନୁହଁନ୍ତି ଯେ ଭାଉଜଟା ଭାଇବୋହୂ । ତା' ନହେଲେ ଭାଉଜ ପାଖରେ ବସି ପେଟପୂରାଇ ଦି'ଟା ଖାଇବାକୁ ଏମିତି ଘୁଣ୍ଟିପିଟି ହୁଅନ୍ତ ?

—ଓ, ତମ ମନକାମନା ପୂରଣ ହୋଇପାରୁନାଇଁ—ନା ? ଏତେ ଦିନ ଯା'ଅଛି, ଏକାଦିନେ ଗିଳେଇ ଗିଳେଇ ଡାକ୍ତରଖାନାରେ ନେଇ ଲମ୍ବା କରିଦିଅନ୍ତ । ତେଣିକି ଓଷଧ ପାନେ ପିବାକୁ ବି ଯାଗା ନଥାନ୍ତା ।

—କହିବ ? କହିବ, ଠିକପୁଅ !—ଦୋଳି ଦଉଡ଼ିକି ଧରି ମୋ ମୁହଁକୁ ଗମ୍ଭୀରଭାବେ ନିରୀକ୍ଷଣ କରି ଭାଉଜ ଚାହିଁ ରହିଲେ । ମୁଁ ଡରିଗଲି । କହିଲି— କହୁନା ?

—ଭୂତ ସେଠି ନାହିଁ । ଯୋଉ ଭୂତ ତମ ପଛରେ ବାନରଙ୍କ ଗୋଡ଼େଇଛି, ତା’ ଏଇ ସାମାନ୍ୟ ଭୂତମୂଠାଏ ବା ଭୂଜାଗଣ୍ଡାଏରେ ନାହିଁ । ତା’ ଅଛି ବହୁତ ଗହନରେ । ପୁଲିସ୍ ଇନ୍‌ସପେକ୍ଟର ଆଗରେ ଦୈବାତ୍ ଚୋର ହାବୁଡ଼ିଗଲେ ତା’ର ଯୋଉ ଦଶା, ତମର ସେଇ ଦଶା ହେଲଣି । ଉପରେ ଖାଲି ମୁହଁଭୂରୁଡ଼ି ଦେଖଉଛ ସିନା । ଭିତରେ କିନ୍ତୁ ଜଳିଗଲଣି ଗୋଟିପଣେ ।

— କାହିଁକି ମ ? କୋଉଥିପାଇଁ ? କାହାକୁ ମୋର ଡର ? ···କେଲୁଣୀ କି ?

—ହଁଅ, ଯୋଉ ତ କେଲୁଣୀ । ଟେପେଟ୍ଟୀନାକୀ, ପୁଟୁକାଗାଲୀ, ବେହେଡ଼ାଦାନ୍ତି···

—ଦେଖ, କେତେ ଡର ! ସୁନ୍ଦରୀ କହିବାକୁ ସାହସ ବି ହଉ ନାହିଁ ।

‘ଆହା ଲୋ ପାଣିକେନ୍ଦୁଘି’···

—ତୋ ମନେମନେ ତୁ ସୁନ୍ଦରୀ ।

—ସତେ ?—ଭାଉଜ ଠୋ ଠୋ ହସିଉଠିଲେ—ନ ହେଲା ପଛକେ, ମୁଁ ସୁନ୍ଦରୀ, କିନ୍ତୁ ବାଘକୁ ଏମିତି ମୂଷା କଲା କିଏ, କୁହ ତ ? ତମେ ପରା ଦଉଡ଼ି ଆସିଥିଲ ନୂଆଁଉ ସାଙ୍ଗରେ ଖେଳିବାକୁ, ରଙ୍ଗ ପିଚକାରୀ ମାରିବାକୁ, ଦିଅର-ଭାଉଜ ରହସ୍ୟ କରିବାକୁ···

—‘ଭାଉଜ !’···ଦୋଷୀଙ୍କ ଭଳି ମୁଁ ତାଙ୍କ ମୁହଁକୁ ଚାହିଁରହିଲି ।

—ମନେନାହିଁ ବାହାଘର ବେଳର କଥା ? କେତେ ଅଙ୍କା କରୁଥିଲ । ଚୂନକାଳିରେ ନାଁ କରିବାପାଇଁ କେତେ ପାଞ୍ଚ କରୁଥିଲ ଗୁପ୍ତରେ । ବ୍ରଜଭାଇ ବାହାବେଦୀ ଉପରେ ତମ ଭାଇଙ୍କି ଗୋଟାଏ ମାଇଲା ବୋଲି ତମେ ଆସି ଦଶ ବିଧା କଷି ଦେଇଥିଲ ମୋ

ପିଠିରେ । ସବୁ କ'ଣ ଭୁଲିଗଲ ? ଆହୁରି କେତେ ଆଶା ହୁଏତ ମନଗହନରେ ଉଙ୍କି ମାରୁଥିବ ? ହୁଏତ ଭାଉଜଙ୍କୁ ଦିନେ ନିରୋଳାରେ ପାଇଥିଲେ ପେଡ଼ିଣାଟି ଖୋଲି ଦେଇଥାନ୍ତ ମୁହଁରୁ । ନଶ କରିବା ପରିବର୍ତ୍ତେ ହୁଏତ ଥରିଲି ଓଠ ତମର······

ଭାଉଜ—ଚିତ୍କାର କରି ଉଠିଲି ମୁଁ । ତମ ପାଦ ଧରୁଛି ଭାଉଜ । ଆଉ କିଛି ନାହିଁ, ଆଉ କିଛି ନାହିଁ । ସଇତାନର ଉଦ୍ଧତ ମସ୍ତକରେ ଲକ୍ଷବାର ପଦାଘାତ କର—ଦଳି, ପେଷି ଚିରଦିଅ ଭୂଇଁରେ । କିନ୍ତୁ ଏପରି କଥା କେବେ ତୁଣ୍ଡରେ ଆଣ ନାହିଁ । ମୋ ମୁଣ୍ଡ ଖାଅ ଭାଉଜ ! ଭାଇଙ୍କ ମୁଣ୍ଡ ଖାଅ । ଆଉ କେବେ ଏପରି କହିବ ନାହିଁ । ଆଉ ଥରେ ଏକଥା ଶୁଣିଲେ ତମରି ଆଗରେ ମୁଣ୍ଡ ପିଟିଦେବି ।

ନୂଆବୋଉ ହସିଲେ । କହିଲେ—କାହିଁକି, ଏଥିରେ ଦୋଷ କୋଉଠି ରହିଲା ? ଗୋଟିଏ ତରୁଣୀ ପାଇଁ ଜଣେ ତରୁଣ ପ୍ରାଣରେ ତରଙ୍ଗ ଖେଳିଯିବା ତ ସ୍ୱାଭାବିକ ।

—ଭାଉଜ ! ଫାଲ୍‌ଗୁନିକୁ କ'ଣ ଏତେ ଶ୍ରେଷ୍ଠ ମଣ ? ସେ କ'ଣ ଏଡ଼େ ପାଷଣ୍ଡ ଯେ ତମଭଳି ସ୍ନେହମୟୀ କରୁଣାମୟୀ ଦେବୀଙ୍କି ଏତେ ହୀନଚକ୍ଷୁରେ ଦେଖିବ—ମା' ଓ ଭଉଣୀର ସମ୍ମାନ ଦେଇ ପୂଜା କରିପାରିବ ନାହିଁ ?

—ଦେଖ ମା' ଓ ଭଉଣୀର ସ୍ଥାନ ଓ ସଂଖ୍ୟା ଏ ଦୁନିଆରେ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ । ତାଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ସାଧାରଣ ନାରୀ—ରୂପସୀ···ତରୁଣୀ । ତେଣୁ ମନ ଚହଲିଯିବା—ଶୋଇଲା ମନ ଚେଇଁ ଉଠିବା—ଅତି ସ୍ୱାଭାବିକ । ବାସ୍ତବ ଓ ସତ୍ୟ ।

—ତା'ହେଲେ ପ୍ରେମ ବୋଲି ଦୁନିଆରେ କିଛି ନାହିଁ ?

—ସାଧାରଣ ଲୋକେ ଯାହାକୁ ପ୍ରେମ ପ୍ରେମ ବୋଲି ହୁରି ଗୁଡ଼ନ୍ତି, ଟିକିଏ ଗମ୍ଭୀରଭାବେ ଲକ୍ଷ୍ୟ କଲେ ଦେଖିବ, ତା' କେବଳ କାମର ରୂପାନ୍ତର ମାତ୍ର । ଜଣେ ଜଣକୁ ଭଲପାଏ । କିନ୍ତୁ ନୀରବରେ ଅନ୍ତର ଭିତରେ ଖାଲି ଭଲ ପାଇ କ'ଣ ସେ ତୃପ୍ତ ରହେ ? ସେ ଚାହେଁ ତା' ସହିତ ମିଶିବ । ତା' ସହିତ ହସିହସି ଲୋଟିଯିବ । ତା' ସହିତ ଆଳାପ କରିବ ଗୋପନରେ । ଟିକିଏ କିଛି ଅବସର ପାଇଲେ ତା' ତନୁ ସ୍ପର୍ଶ କରିବାକୁ ଯାଁ' ଦେହ ଓ ମନ ଉଦ୍‌ବିଗ୍ନ ହୋଇଉଠେ—ଉନ୍ମତ୍ତ ହୋଇଉଠେ । ସାରା ଅଙ୍ଗରେ ଖେଳିଯାଏ କମ୍ପନ । ଯାଁ'ର ଅର୍ଥ କ'ଣ ?···ଅବଚେତନ ମନରେ ଯୋଉ ଅତୃପ୍ତ କାମ ବାସନାଟି ଅତି ଗୋପନରେ—ଗହନ ଅନ୍ତରାଳରେ ଲୁଚି ରହିଥାଏ, ତା'ର କ'ଣ ବହିଃପ୍ରକାଶ ନୁହେଁ ଏ ଭଲ ପାଇବା ? ଏ ତଥାକଥିତ ପ୍ରେମର ଉଚ୍ଛଳ ଲହରୀ ?

ମୁଁ ନିର୍ବୋଧଙ୍କ ଭଳି ତାଙ୍କ ମୁହଁକୁ ଖାଲି ଚାହିଁ ରହିଥିଲି । କହିଲି— ଏ କଠୋର ସତ୍ୟକୁ ଏକାବେଳକେ ଅସ୍ୱୀକାର କରିବାର ଶକ୍ତି ମୋର ନାହିଁ । କିନ୍ତୁ ତଥାପି, ତଥାପି କହିବି—ମଣିଷର ଏଇ ଧରାବନ୍ଧା ବୁଦ୍ଧି ଓ ବିଚାରଧାରାକୁ ପରାଜୟ କରି ଆଉ ଗୋଟିଏ ନୂଆ ଭାବ—ନୂଆ ଆଲୋକ ବେଳେବେଳେ ଦେଖାଦିଏ । ଖାଲି ଆଖି, କାନ ବା ଚମ ଆଦି ବାହ୍ୟ ଇନ୍ଦ୍ରିୟକୁ ସ୍ପର୍ଶ ନ କରି ତା' ସ୍ପର୍ଶ କରେ ଅନ୍ତର; ସପନର ମହୁଆ ନିଶା ବୋଳିଦିଏ ବୁକୁ ଭିତରେ; ଲୁହାକୁ ଚୁମ୍ବକ ଟାଣିଲାଭଳି ତା' ଆତ୍ମାକୁ ଟାଣେ, ଆତ୍ମାକୁ ଅହରହ ଡାକେ । ସେଠି ଦେହର ସମ୍ପର୍କ ନାହିଁ । ଦେହର ପ୍ରଶ୍ନ ଉଠି ନ ପାରେ··· ।

···ଝିଅ ଶାଶୁଘରକୁ ଗଲାବେଳେ ବାପ ଆଖିରୁ ଯୋଉ ଲୁହର ଝରଣା ଝରିଆସେ, ସେଥିରେ କ'ଣ ଥାଏ ଦେହ ପ୍ରତି

ମୋହ ? ରୂପ ପ୍ରତି ଲାଲସା ? ଭଉଣୀଠଉଁ ବିଦାୟ ନେଇ ଭାଇ ଯେତେବେଳେ ସୁଦୂର ଆମେରିକା ଚାଲିଯାଏ ଅଧ୍ୟୟନ ଆଶାରେ ଆଉ ଦୀର୍ଘ ପାଞ୍ଚ ବର୍ଷ ଧରି ସେଠାରେ ନିଃସଙ୍ଗ ଜୀବନ କଟାଏ, ସେତେବେଳେ ଭଉଣୀର ରୂପଟି ପାଇଁ କ'ଣ ସେ ଲାଳାୟିତ ହୁଏ ? ଭଉଣୀର ଉଚ୍ଛୁଳା ସ୍ନେହ, କଳକଳ ହସ, ଅମିୟବୋଳା କଥା ପାଇଁ ତା' ପ୍ରାଣ ଆକୁଳ ବିକଳ ହୋଇଉଠେନା ?

...ତମେ କହିବ ସେଠି ରକ୍ତର ସମ୍ପର୍କ । ରକ୍ତ ରକ୍ତକୁ ହିଁ ଟାଣେ । ମୁଁ କହୁଛି—ନାଁ, ନାରୀ ସର୍ବଦା ହିଁ ନାରୀ । ଖାଲି ରକ୍ତର ସମ୍ପର୍କ ତାକୁ ଏତେ ନିବିଡ଼ଭାବେ ଆଣି ମିଶାଇ ଦିଏନା ପୁରୁଷର ଅନ୍ତରରେ । ତାକୁ ଯିଏ ଏତେ କୋମଳ କରେ, ମଧୁର କରେ, ସୁନ୍ଦର କରେ, ତା' ଅଲଗା ଜିନିଷ—ତା ସେଇ ଆଲୋକ, ସେଇ ସ୍ୱର୍ଗୀୟ, ପବିତ୍ର, ଅନାବିଲ ପ୍ରେମ । ସେଇଥିପାଇଁ ମୁଁ କହେ ଚୁମ୍ବକ ଲୁହାକୁ ଟାଣେ । ଅବଶ୍ୟ ଲୁହାରେ ଯେ ଖାଦ୍‌ନ ଥାଏ, ଧୂଳି ନ ଥାଏ ଏପରି ନୁହେଁ । କିନ୍ତୁ ଉପରୁ ଯେଉଁ ପ୍ରଚଣ୍ଡ ବହ୍ନିଶିଖା ତା'ଉପରେ ପଡ଼େ, ସେଥିରେ ସବୁ ମଳଧୂଳି ଜଳିପୋଡ଼ି ଘଡ଼ିକେ ପାଉଁଶ ହୋଇଯାଏ । ଲୁହା ହୁଏ ସୁନା, ନିମ ହୁଏ ଚନ୍ଦନ...

'ଏବଂ ବାଳୁଙ୍ଗା ହୁଅନ୍ତି କୁଳନନ୍ଦନ, କଟେଇ ଦିଅନ୍ତି ସବୁ ବନ୍ଧନ, ଭାଉଜ ପାଖରେ ଖାଲି କ୍ରନ୍ଦନ'—କହିକହିକା ଘର ଭିତରକୁ ପଶିଆସିଲେ ଭାଇ । ଭାଇଙ୍କ ପାଟି ଶୁଣି ମୁଁ କାଳିକାଳିଆ ହୋଇ ଉଠି ପଳେଇଲି । ମୋ ଉପରକୁ ଆସୁଥିବା ମେଘଟା ଭାଉଜଙ୍କ ଉପରେ ବରଷିଗଲା—'ମୁଁ ଜାଣେ ପରା, ତମେ ତା'କୁ ଦି'ଦିନେ ମାଇଚିଆ କରିଦେବ । ଆସି ଏଗାରଟା ବାଜିଲାଣି । ଅଫିସ୍ ଯିବା ନାଁସାଙ୍ଗିଆ ନାହିଁ । ଖାଲି ଦିନରାତି ଚବିଶଘଣ୍ଟା ଘର ଭିତରେ ପଶି ଗପ, ଗପ, ଗପ । ପୁରୁଷ ପୁଅ ସେ । ରୋଜଗାର

କରି ତା' ପିଲାଛୁଆଙ୍କୁ ପୋଷିବ ନା ତମରି ଭଲଆ ନୋଥ, ଦଣ୍ଡି ନଗେଇ ଚୁଲି ଫୁଙ୍କିବ ଯାଇଁ କାହା ଓଳିତଳେ ?

ଭାଉଜ ଖାଲି ହସୁଥାଆନ୍ତି । ଗାଳି ପ୍ରତି ତାଙ୍କର ନଜର ନାହିଁ । ଏକ ଧ୍ୟାନରେ ମୋତେ ଡାକ ଛାଡ଼ୁଥାଆନ୍ତି—ଖାଇକରି ଯାଅ, ଖାଇ କରି ଯାଅ । ସକାଳୁ ଯେ' ତମେ କହୁଛ ଖାଇନା··· ମୁଁ କି ଆଉ ଶୁଣେ ? ଝରି ମାଡ଼ ଦେଖି କୋଳଥ ଗ୍ରେପା । ସାଇକେଲ୍ ଧରି ଉଡ଼ିଗଲି ପିନ୍‌ପିନ୍ ।

ତଥାପି ସେ ଛାଡ଼ିବାର ଲୋକ ନୁହନ୍ତି । ଅଧଘଣ୍ଟା ପରେ ଦେଖିଲି ଡ୍ରାଇଭର ଟିଫିନ୍‌କ୍ୟାରିଅର୍ ଧରି ଅଫିସ୍‌ରେ ଆସି ହାଜର ।

ବସନ୍ତର ମଳୟ କୋଳରେ କଅଁଳ ଶିଶୁଟିଏ କଳରୋଳ କରି ପହିଲି ଥର ପାଇଁ କୁଆଁ ଡାକ ଛାଡ଼ିଥିଲା ବୋଲି ବାପମା' ଅତି ଶରଧାରେ ନାଁ ଦେଇଥିଲେ ବାସନ୍ତୀ, ମାତ୍ର ଆଜି ସେ ଗୋଟିଏ ନାଁ କୋଟିଏ ହୋଇଛି । ଫୁଲର ବାସ, ଫୁଲର ହାସ ଆଜି ଲଖି-ରହିଛି ଦେଖଣାହାରୀଙ୍କ ଆଖିରେ···ନାଁ ପାଶୋରି ଗଲାଣି । କିଏ ଡାକେ ବଉଳ, କିଏ ଡାକେ ନଆଳୀ, କିଏ ଡାକେ ଆମ୍ବକଷି । ମୋ ମନକୁ ପାଏନା । ନିତିନିତି ମୁଁ ନାଁ ବଦଳାଏ—ଜୋଛ୍‌ନା ଅପା, ଝରଣା ନାନୀ, ଚପଳା ନୂଆଉ । ପୁଣି କହେ—ନାଇଁ ଗୋ ନାଇଁ, ତମେ କନଅର-ବରନା ଗଉରୀ, ତମେ ଋଷି-ତପୋବନର ରାଜ-ମନୋହାରିଣୀ ସୁକୁମାରୀ ଶକୁନ୍ତଳା, ତମେ ଗୋପଗୁଆଳୀ ମେଳରେ ଚନ୍ଦ୍ରାମଣିର ମଥାମଣି ରାଧା ।

ଭାଉଜ ହସିହସି ଗଡ଼ିଯାଆନ୍ତି । କହନ୍ତି—ତମେ ବଡ଼ ଦୁଷ୍ଟ ଟିକାପୁଅ । ଭାଇ କହନ୍ତି—ସେ ଦୁଷ୍ଟ ହେଉ ପଛେ, ତମ ଉପରେ

କିନ୍ତୁ ବର୍ତ୍ତମାନ ତିନିଜଣଙ୍କର ଦାବୀ । ଏକରେ ପଶୁପତି, ଦୁଇରେ ଦୁଷ୍ମନ୍ତ, ତିନିରେ କଦମ୍ବତରୁ-ଚଢ଼ା ମୋହନ ମୁରଲୀଧାରୀ କୃଷ୍ଣଚନ୍ଦ୍ର । ···ଲାଜରେ ସେ ସଢ଼ିଯାଆନ୍ତି । ଗୋଲାପୀ ମୁହଁଟି ତାଙ୍କର ଧଳା-ମନ୍ଦାର ଫୁଲ ଭଳି ଦିଶେ । ଭାଇ ବଡ଼ ଚତୁର । କଥା ବଦଳାଇ କହନ୍ତି—ବୁଝିଲ ଧୀରା ! ଏ କବିଗୁଡ଼ାକ ସବୁଦିନେ ଏଇପରି । ତାରାକୁ ତାରା ବୋଲି ନ କହି ନୀଳ ଆକାଶର ସଞ୍ଜଫୁଟା କମନୀୟ ଫୁଲ ବୋଲି କହିବା ତାଙ୍କର ଜନ୍ମଗତ ବଦଭ୍ୟାସ ।··ଭାଉଜ ଟିକିଏ ସ୍ୱସ୍ତିର ନିଶ୍ୱାସ ମାରନ୍ତି । ଯାହାହେଉ, ରକ୍ଷା ମିଳିଲା ।

କ୍ୟାପ୍‌ଟେନ୍ ପୁଣି ଗମ୍ଭୀର ହୋଇ ଆରମ୍ଭ କରନ୍ତି । କିନ୍ତୁ ହେଲେ କ'ଣ ହେବ, ଏଇମାନେ ପ୍ରକୃତରେ ରସଗ୍ରାହୀ । ପୋଖରୀରେ ପଦ୍ମଫୁଲଟିଏ ଫୁଟିଉଠିଲେ ତା'ର ମହକରେ କୋଉ ଦିଗଦିଗନ୍ତରରୁ ଭଅଁର ଉଡ଼ିଆସେ ସିନା, ପୋଖରୀକୂଳର ଭେକ କ'ଣ ତା'ର ରୂପ ଦେଖେ, ନାଁ ଗୁଣ ଚିହ୍ନେ ? ଏଇ ଦେଖ, ଆଖି ଆଗରେ ତା'ର ଜ୍ୱଳନ୍ତ ପ୍ରମାଣ । ମୁଁ ଆଜଯାଏ ତମକୁ ଚିହ୍ନି ପାରିଲି ନାହିଁ, ଅଥଚ·········

'ଛିଃ, ଅଲାଜୁକ ଆଉ କ'ଣ ଗଛରେ ଫଳନ୍ତି ?' —ଭାଉଜ ଛୁଟିପିଟି ହୋଇ ଉଠି ପଳାନ୍ତି । ଆଉ ପଦେ ପାଟି ଫିଟେଇବାକୁ ତାଙ୍କର ସାହସ ହୁଏନା । ଭାଇ ସେହିପରି ଆରାମ ଚେୟାରରେ ଝୁଲିଝୁଲି ମୁରୁକି ମୁରୁକି ହସୁଥାନ୍ତି । ମୋ ଆଡ଼କୁ କାହାରି ଦୃଷ୍ଟି ନାହିଁ । ମୁଁ ବଡ଼ ଅପ୍ରସ୍ତୁତ ହୁଏ । ସତରେ କ'ଣ ଭାଇ ରାଗିଗଲେ ? ସତେ କ'ଣ ଭାଇଙ୍କ ଆଖିରେ ସନ୍ଦେହର କଳାବଉଦ ? ମୁଁ ଉଠି ଠିଆହୁଏ । କ୍ୟାପ୍‌ଟେନ୍ ବସିବାକୁ ବି କହନ୍ତି ନାହିଁ । ପାଦ ଚପିଚାପି ଘରଛାଡ଼ି ପଳେଇ ଆସିବାକୁ ମୁଁ ବାହାରେ ।

ମୁଁ ହବୁଲାଇ ଗୋଟାଏ ପାଦ ପକାଏ କି ନାହିଁ, ଘର ଭିତରୁ କଠୋର କଣ୍ଠ ଭାସିଆସେ—ଫାଲ୍‌ଗୁନ, ଫାଲ୍‌ଗୁନ !···

ମୁଁ ଶୁଣେ ନାହିଁ । ତରତର ହେଇ ଚାଲିଆସିବାକୁ ଚେଷ୍ଟା କରେ, ମାତ୍ର ଏରୁଣ୍ଡି ଡେଇଁବା ଆଗରୁ କାହାର କୋମଳ ହାତଟି ଆସି ଖପ୍‌କନା ମୋ କାନଟି ଧରେ—'ଏତେ ଅଭିମାନୀ କୋଉଦିନୁ ହେଲ ? ଭାଇଙ୍କି କ'ଣ ଆଜି ନୂଆ ଦେଖୁଛ ?' ମୋ ଆଖି ଛଳଛଳ ହେଇ ଆସେ । ସେ ଆଦର କରି କାନପଣତରେ ଲୁହ ପୋଛି ଦିଅନ୍ତି । କ୍ୟାପ୍‌ଟେନ୍ ସେମିତି ଶୋଇଶୋଇ ବାହୁନା ସୁରରେ ଗୀତ ଧରନ୍ତି—

ଆଣ୍ଠିକ ପାଣିରେ କୁମୁଦ ଫୁଟେ ଲୋ ମୋ ସୁନାଫୁଲ
ଲକ୍ଷ ଯୋଜନରେ ଚନ୍ଦ୍ରମା ଉଠେ ଲୋ ମୋ ସୁନାଫୁଲ
ତାଙ୍କ ତାଙ୍କ ମଧ୍ୟେ ଅଭେଦ ପ୍ରୀତି ଲୋ ମୋ ସୁନାଫୁଲ
ତୋ'ର ମୋର କ୍ଷୀର ନୀର ପୀରତି ଲୋ ମୋ ସୁନାଫୁଲ

—'ଛିଃ, ତମେ ଗଲ ଏଠୁ । ପିଲାଟାକୁ ନ କନ୍ଦେଇଲେ ତମର ଭାତ ହଜମ ହୁଏ ନାହିଁ ।'—ଭାଉଜ ଖୁବ୍ ଚିଡ଼ି ଉଠନ୍ତି । ଧୀରାଙ୍କର ରକ୍ତ ଆଖି ଦେଖି ଧୀରେ ଧୀରେ ଆସନ ଗୁଡ଼ାନ୍ତି କ୍ୟାପ୍‌ଟେନ୍ । ହସିହସି ମଠରେ ସାଇକେଲରେ ଷ୍ଟାର୍ଟ ଦେଇ ମିଳେଇ ଯାଆନ୍ତି ଜନସମୁଦ୍ର ଭିତରେ ।

# ଗୁରି

ଭାଇଙ୍କର ଅନ୍ତରଙ୍ଗ ବନ୍ଧୁ ପ୍ରଫେସର ଯୋଶୀ ସେତେବେଳେ କାଶ୍ମୀରରେ ଥାଆନ୍ତି । ସେ ଦିନେ ଚିଠି ଲେଖିଲେ—ଆସ, ଥରେ ଏଆଡ଼େ ବୁଲିଯିବ । କାଶ୍ମୀରର କମନୀୟ ଦୃଶ୍ୟ ତମର କବିପ୍ରାଣରେ ପ୍ରଣୟର ହିଲ୍ଲୋଳ ତୋଳିବ । ···ଭାଇ ହସିଲେ । କହିଲେ—

ଦେଖୁଛୁ, ନଶ୍ବରର କି ନିର୍ମମ ପରିହାସ ! ବାନରଲୀଳ ଯିଏ ମଣିଷ ମାରେ ଓ ମାରିବାକୁ ଶିଖାଏ, ସେ ପୁଣି କବି !! ହାଃ, ହାଃ, ହାଃ, ବଡ଼ୁଆ ଅବଧାନଟିଏ ତ । ବୁଦ୍ଧିବୃତ୍ତି ଲୋପ ପାଇଲାଣି ।

ଭାଉଜ କହିଲେ—ନାଇଁ, ଭୁଲ୍ କରୁଛ କହି ନାହାଁନ୍ତି ସିଏ । ନିର୍ମଳାର ପରଶ ପାଇଲେ ପଙ୍କିଳ ଜଳ ବି ନିର୍ମଳ ହୁଏ । କବିଙ୍କ ସାଥିରେ ରହି, କବିଙ୍କ ସେବା କରି ଆମେ କମ୍ ଗୌରବାନ୍ୱିତ ହୋଇନାହୁଁ ।

କ୍ୟାପ୍‌ଟେନ୍ ହସିଲେ । ମଡ଼ତ କୁଣ୍ଢେଇ ପକେଇ କହିଲେ—ବାସ୍ତବିକ ଏ ନିମନ୍ତ୍ରଣ କବି ଫାଲ୍‌ଗୁନିଙ୍କୁ । ସବୁଦିନେ ମା' ପାଖରେ ରହିଲେ ପୁଅ ଯେମିତି ମା'ର ମହତ୍ତ୍ୱ ବୁଝିପାରେ ନାଇଁ, ଆମେ ସେମିତି କବିଙ୍କର ନିବିଡ଼ ସଂସ୍ପର୍ଶରେ ଆସି ତାଙ୍କ ଗୁଣ, ତାଙ୍କ ସୌରଭ ଭୁଲିଯାଉଛେ । ଆସ, ଆଜି କବିଙ୍କୁ ଅଭିନନ୍ଦନ କରିବା । ଅନ୍ତରର ଗଭୀର ସ୍ନେହ ପ୍ରେମ ନେଇ ଢାଳିଦେବା ତାଙ୍କ ଚରଣରେ ।

ପ୍ରସାଧନ ପାଇଁ କେତେଗୁଡ଼ିଏ ସଜ- ଫୁଟିଲା ଫୁଲର- ହାର ଆସି ଥୁଆ ହୋଇଥାଏ । ଭାଉଜ ଦଉଡ଼ି ଯାଇଁ ଚଟ୍‌କିରି ସେଥିରୁ ଯୋଡ଼ିଏ ନେଇ ଆସିଲେ । କ୍ୟାପ୍‌ଟେନ୍ ହସିହସି ମୋ ଗଳାରେ ଲମ୍ବାଇଦେଲେ । କହିଲେ—ଦୀର୍ଘଜୀବୀ ହୋଇଥାଅ କବି । ତମ ଲେଖଣୀରେ ଫୁଲ ଚନ୍ଦନ ବରଷୁ ।

ଲାଜରେ ମୁଁ ଏକାବେଳକେ ଜଳିଗଲି । କହିଲି—ଭାଇ ! ଏ ନିବନ୍ଧୁଦେଶୀ ଭାଉଜଙ୍କ ମରନ୍ତା କି ମୁଁ ଟିକିଏ ଶାନ୍ତି ପାଆନ୍ତି । ...ଦୁହେଁ ଠୋ ଠୋ ହସିଉଠିଲେ । ମୁଁ ବହୁକଷ୍ଟରେ ଉଦ୍ଧାର ପାଇଲି ।

ଆମେ କାଶ୍ମୀର ଗଲୁ ।

ବିଶ୍ୱେଶ୍ୱର ରଘୁନାଥ ଯୋଶୀ ଓ ତାଙ୍କର ସହଧର୍ମିଣୀ ଶ୍ରୀମତୀ କୁଳବାଳା ଆସି ଆମକୁ ଷ୍ଟେସନରୁ ପାଛୋଟି ନେଲେ । ଶ୍ରୀମତୀ କୁଳବାଳା ଜଣେ ଆଧୁନିକା, ଉଚ୍ଚ-ଶିକ୍ଷିତା ଓ ଅପରୂପା ସୁନ୍ଦରୀ । ତାଙ୍କର ଆଡ଼ମ୍ବରପୂର୍ଣ୍ଣ ବେଶଭୂଷା, କେଶବିନ୍ୟାସର ପରିପାଟୀ ଓ ସ୍ୱର୍ଣ୍ଣ ଅଳଙ୍କାରମାନ ଦେଖି ମୁଁ ସ୍ତମ୍ଭୀଭୂତ ହୋଇପଡ଼ିଲି । ଭାଉଜ ତାଙ୍କ ପାଖରେ ଏକ ନିପଟ ମଫସଲଆଣୀ ଭଳିଆ ଦିଶୁଥାଆନ୍ତି । ମୋର ତ ସହଜେ ଫେସନ୍ ନାହିଁ ନା ଫାସନ ନାହିଁ । ଗୋଡ଼ରେ ଦେଶୀ ବାମଣ୍ଡା ଚପଲ । ଦେହରେ ଖାକି ପ୍ୟାଣ୍ଟ୍ ସାଙ୍ଗକୁ ଖଣ୍ଡେ ଭଞ୍ଜ ଅମଳର ହାଉଁୟାଇନ୍ । ତା' ପୁଣି ରେଳକମ୍ପାନୀ ଦୟାରୁ କଳା ବଲବଲ । ମୁଣ୍ଡ ଚନ୍ଦା, ଯୋଉ କେଇଟା ଟାଆଁସିଆ ବାଳ ଅଛି, ତା ଟୁଣ୍ଟା ନେଉଟିଆ କଆଁରୀ ଭଳିଆ ଠିଆ ହୋଇଛି । ଏ ଅଦ୍ଭୁତ ବେଶ ସାଙ୍ଗକୁ ଭାଉଜ ପୁଣି ଧରେଇ ଦେଇଥାଆନ୍ତି ତାଙ୍କ ମୋଟା ଚମଡ଼ା ସୁଟ୍‌କେଶ୍ । ତା'କୁ ଯନ୍ତ୍ରମତ କାନ୍ଧରେ ଥୋଇ ମୁଁ ପ୍ଲାଟଫର୍ମରେ ଚାଲିଥାଏ । ଶ୍ରୀମତୀ ପଚାରିଲେ—ଏ ଜଣକ ? ଭାଉଜ ହସିଉଠିଲେ । ସେ କିଛି କହିବା ଆଗରୁ ମୁଁ 'ଅଖିଳ ବ୍ରହ୍ମାଣ୍ଡ ପତି' ସୁରରେ ଗାଇ ଉଠିଲି—

'ନିତ୍ୟ ସେବକ ତାଙ୍କର
ଏ ଜୀବନ ସେ ଚରଣେ ନମେ ବାରବାର'

ଭାଇ ହସିଲେ । କହିଲେ—କବି—କବି । ଉତ୍କଳର ନିର୍ଯ୍ୟାତିତ, ଅର୍ଦ୍ଧଭୁକ୍ତ, ଅର୍ଦ୍ଧନଗ୍ନ କବି···ବହି ଲେଖେ । ପ୍ରକାଶକକୁ ଶାଗମାଛ ଦରରେ ବିକେ । ତା'ର ବି ପଇସା ମିଳେ ନା । ପ୍ରକାଶକଙ୍କର କୋଠା ପାଖକୁ ଦଉଡ଼ି ଦଉଡ଼ି ଗୋଡ଼ରୁ ଘିନ୍ଧ ଫୁଟେ । ପ୍ରକାଶକର କାଲି କେବେ ଆଜି ହୁଏ ନା । କବି ଫେରେ । ତିନି

ଦିନର ଓପାସିଆ ଛୁଆଙ୍କ ମୁହଁରେ ଢକଢକ ପିଆଇଦିଏ ପାଇପ୍‌ର ପାଣି ! !

ଶ୍ରୀ ଓ ଶ୍ରୀମତି ଯୋଷୀ ମୋ ଆଡ଼କୁ ସ୍ତବ୍ଧ ହୋଇ ଚାହିଁ ରହିଲେ । ଶ୍ରୀମତି କହିଲେ—ମୋର ଧୃଷ୍ଟତା କ୍ଷମା କରିବେ । ଆପଣଙ୍କୁ ଆମେ ଦୁହେଁ ଅନ୍ତରର ଶ୍ରେଷ୍ଠ ଅଭିବାଦନ ଜଣାଉଛୁ । ଗ୍ରେଟ ପ୍ରତି-ନମସ୍କାରଟିଏ କରି ମୁଁ ଚମଡ଼ା ସୁଟ୍‌କେଶ୍‌ଟିକୁ କାନ୍ଧରୁ ମୁଣ୍ଡକୁ ଉଠେଇଲି । ସମସ୍ତେ ପୁଣି ହସି ଉଠିଲେ । ଭାଇ କହିଲେ —ଧୀର । ଏ ତମର ବଡ଼ ଅନ୍ୟାୟ । ଶ୍ରୀମତି କୁଲବାଲା ମୋ ମୁଣ୍ଡରୁ ସୁଟ୍‌କେଶ୍ ଛଡ଼ାଇବାକୁ ବସିଲେ । ଭାଉଜ ଟିପିଟିପି ହସୁଥାଆନ୍ତି ।

କହିଲି—ଧନ୍ୟବାଦ ଶ୍ରୀମତି ଯୋଷୀ ! ସୁଟ୍‌କେଶ୍ ଓହ୍ଲେଇବାକୁ ହବ ନାହିଁ । ଖାଲି ଏଇ ନାଗରନ୍ଙ୍କୁ ଟିକିଏ କହିବେ—ମୋତେ ଆଜିଠଉ ଦିନ ରାତି ଚବିଶ ଘଣ୍ଟା କବି କବି ବୋଲି ଡାକିବେ । କାହିଁକି ନା କବି ହେବାପାଇଁ ମୋର ଯୋଗ୍ୟତା ଥାଉ ନ ଥାଉ, ବାସନା ଅତି ପ୍ରବଳ । ଯୋଉ ଗପ ଓ କବିତା କୋଡ଼ୋଟି ଲେଖିଥିଲି, ତା ପତ୍ରିକା ସମ୍ପାଦକଙ୍କ ନିକଟକୁ ପଠେଇ ଚାହିଁ ଚାହିଁ ଥକଲି, ଆଜଯାଏ ଛପା ହେଲିନ । ସମସ୍ତେ କହିଲେ ଆପଣଙ୍କ ପଢ଼ିଥିବା ହାଇସ୍କୁଲ ବା ମାଇନର ସ୍କୁଲ ପତ୍ରିକାକୁ ଏଗୁଡ଼ିକ ଦିଅନ୍ତୁ ।

ମୋତିର ମୂଲ୍ୟ ଶବର ବୁଝିପାରୁ ନାହିଁ···ଭବି ଉପନ୍ୟାହ ଦି'ଖଣ୍ଡ ଘରଣୀଙ୍କ ହାର ବିକ ଛପାଇ ଦେଇଥିଲି ଯେ ପୃଷ୍ଠା ଆସି ନାଲି ପଡ଼ ମିଳେଇଯିବାକୁ ବସିଲା, ସେଥିରୁ ଅଧେ କଟିଲା ନାହିଁ । ଏଣେ ଘରଣୀ ହାର ହାର କହି ମୋ ହାଡ଼ ଝୁଣୁଛନ୍ତି । ବାକି ବ ଯାହା ଖଣ୍ଡେଅଧେ ପାଣ୍ଡୁଲିପି ଘରେ ଥିଲା, ପ୍ରକାଶକଙ୍କୁ କୁହା-

ବୋଲି କରି ଛପେଇ ଥାଆନ୍ତି, କିନ୍ତୁ ଏ କ୍ୟାପ୍‌ଟେନ୍ ସାହେବ ମୁଖସ୍ତ କଲି ଭଳି ପ୍ରକାଶକଙ୍କ ବିରୁଦ୍ଧରେ ଆଜି ଯୋଉ ଲମ୍ବା ଚଉଡ଼ା ବକ୍ତୃତା ଦେଲେଣି, ତା' ଯଦି ଥରେ ତାଙ୍କ କାନକୁ ଯାଏ; ତା'ହେଲେ ପାଣ୍ଡୁଲିପିଗୁଡ଼ିକୁ ଇଆଡ଼େ ଅଗ୍ନିସ୍ଥ ହେବାକୁ ହେବ ସିନା, ଯନ୍ତ୍ରସ୍ଥ ହେବା ଆଉ ଭାଗ୍ୟରେ ଘଟିବ ନାହିଁ । ଏପରି ଅବସ୍ଥାରେ ବାହାରେ ତ ଆଉ କୋଉଠି କବି ଡାକ ଶୁଣିବାକୁ ମିଳିବ ନାହିଁ, ଘର ଭିତରେ ହେଲେ ଏଇ ସ୍ୱାମୀସ୍ତ୍ରୀ କବି କବି ଡାକନ୍ତୁ ।

ସଭିଏଁ ହସିଲେ । ନୂଆ'ଉ କହିଲେ—ହଉ, କବି କେତେ-ବେଳେ ଡାକିବି ସିନା, ଅବିକା ତ କୁଲି ।

—ବେଶୀ କଥା କୁହ ନାହିଁ ଭାଉଜ ! କୁଲୀରୁ ଖଣ୍ଡ ସାଜିବାକୁ ବେଶୀ ସମୟ ଲାଗିବ ନାହିଁ ।

—ବନ୍ଧୁକ ଦେଖୁଛଟି ?

ସମସ୍ତେ ପୁଣି ହୋହୋ ହସି ଉଠିଲେ । ପ୍ରଫେସର ହସିହସି ମଟରରେ ଷ୍ଟାର୍ଟ ଦେଲେ ।

ଦେଖିଲି ବାହାରେ ଯେମିତି ଚାକରଚାକର୍ୟ,ବେଶଭୂଷା, ଆଭିଜାତ୍ୟ, ଘରେ ସେମିତି ନାହିଁ, ବଡ଼ ସରଳ କର୍ମଠ ଜୀବନ । ପ୍ରଫେସର ପ୍ରାୟ ମାସିକ ପାଁଶ ଯାଏ ଦରମା ପାଆନ୍ତି । ଅଥଚ ସାମାନ୍ୟ ଚାକରଟିଏ ପର୍ଯ୍ୟନ୍ତ ନାହିଁ । କୁଳବାଳା ନିଜ ହାତରେ ପାଣିକାଢ଼ା-ଠାରୁ ବାସନମଜା, ଘୋଷେଇବାସ, ବାଡ଼ିବଗିଚ୍ଛ—ଘରର ଯାବତୀୟ କର୍ମ ହସିହସି କରନ୍ତି । ପିନ୍ଧିଥିବା ଲୁଗା, ଜାମା, ଗଞ୍ଜି, ଅଣ୍ଡର୍-ୱେୟାର୍ ଆଦିରେ ପ୍ରତ୍ୟହ ସାବୁନ୍ ଦେବା ମହାରାଷ୍ଟ୍ରୀୟମାନଙ୍କର ଏକ ଆନନ୍ଦମୟ କର୍ମ । ତା'ଛଡ଼ା ସେ ନିତ ସିଲେଇ କରନ୍ତି । ଘରର ଟିକିନିଖି ଖର୍ଚ୍ଚର ହିସାବ ରଖନ୍ତି । ଦୁଇଟି ଗାଈଙ୍କି ଆପଣା

ହାତରେ ଖୋଇପିଇ ସେବା ଯତ୍ନ କରି ବଢ଼େଇଥାନ୍ତି । ଏ ସବୁ ପରେ ସେ ଏକ ସଙ୍ଗୀତ ବିଦ୍ୟାଳୟର ଶିକ୍ଷୟିତ୍ରୀ । ରାତିରେ ଦୁଇ ଘଣ୍ଟା ଗ୍ରେଟଗ୍ରେଟ ଝିଅମାନଙ୍କୁ ନୃତ୍ୟ, ଗୀତ ଓ ବାଦ୍ୟ ଶିଖେଇବାକୁ ଯାଆନ୍ତି···

ମୁଁ ଖାଲି ତାଙ୍କୁ ଦେଖୁଥିଲି ଆଉ ମନେ ମନେ ତୁଳନା କରୁଥିଲି ଆମ ଓଡ଼ିଆ ଘରର ସୁକୁମାରୀ ଗେଲବସରୀମାନଙ୍କ ସହିତ ।

କିନ୍ତୁ ଭାଉଜଙ୍କର ଏଇ କାମକୁ ମୁଁ ମୋଟେ ପସନ୍ଦ କରି ପାରିଲି ନାହିଁ । କହୋ, ଆମେ ତ ତାଙ୍କ ଘରେ ଅତିଥି । ସିଏ ଆମର ସେବା ଯତ୍ନ କରି ନାନା ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟରେ ସନ୍ତୁଷ୍ଟ କରିବା କଥା । ତମେ ଗୋଟାଏ କିଆଁ ବଳେ ପଶି ତାଙ୍କ ଘରେ ଚାକରାଣୀ ଭଳିଆ କାମ କରୁଛ ? କ'ଣ ମରହଟ୍ଟା ବଡ଼ ଜାତି ଭାବି ମନେ ମନେ ଭୟ କରୁଛ କି ? ଏହାଦ୍ୱାରା ନିଜ ଜାତିର ସମ୍ମାନଟିକ ଯେ ଧୂଳିରେ ମିଶୁଛି, ତା' ଭାବୁନ କିଆଁ ?

କିନ୍ତୁ ରଙ୍କ କଥା ବାଙ୍କେ । କିଏ ଶୁଣୁଛି ? ଭାଉଜ ତ ଗୋଟାଏ ଚଣ୍ଡୀ । ଯୁଆଡ଼େ ମାଡିଥିବ ସିଆଡ଼େ । ମୋ କଥାରେ ମନ ନାଂ ଧ୍ୟାନ ! ଦିନେ ଖୁବ୍ ଜିଗରି ଲଗେଇବାରୁ କହିଲେ—ଦେଖ, ଏ ଜାତିଟା ପାଖରୁ ଆମର ବହୁତ ଶିଖିବାର ଅଛି । ଆଉ ଗୁରୁଙ୍କ ପାଖରୁ ଶିଖିବାକୁ ହେଲେ ପାଦସେବା ଯେମିତି ସର୍ବାଦୌ ଆବଶ୍ୟକ, ସେମିତି ଯାଙ୍କ ପାଖରୁ ଶିଖିବାପାଇଁ କିଛିଦିନ ଚାକରାଣୀ ହେବା ଦରକାର ।···ମୁଁ ହାଣ୍ଡି ଭଳିଆ ମୁହଁ କରି ପଳେଇ ଆସିଲି । ଭାଉଜ ଖାଲି ମୁରୁକି ମୁରୁକି ହସୁଥାଆନ୍ତି ।

ଆଜି ନୂଦେହଁ ସେହିଦିନ ବସାରେ ଆସି ପହଞ୍ଚିଲି ବେଳୁ ଭାଉଜଙ୍କ ମୁଣ୍ଡରେ ଏଇ ଭୂତ ଚଢ଼ିଛି । ଶ୍ରୀମତୀ କୁଲକର୍ଣ୍ଣୀ

ଯେତେବେଳେ ପ୍ରଥମେ ଯାଇଁ ଚୂଲି ଲଗେଇଲେ ଚା' କରିବାକୁ, ଭଉଜ ଆଗରୁ ଯାଇଁ କେଟଲି ଧରିଲେ । କୁଳବାଳା ଦେଖି ଅବାକ୍ । ଯା'କି ହୁଏ ? ଘରକୁ ଏତେ ବଡ଼ ସମ୍ମାନାସ୍ପଦ ବନ୍ଧୁ ଆସିବେ । ଅଥଚ ସିଏ ଖାଇବେ ନିଜ ହାତରେ ରାନ୍ଧିବାଢ଼ି ? ଏହା କି କୌଣସି ଅତିଥି-ପରାୟଣା ହିନ୍ଦୁ ଘରେ ସମ୍ଭବ ? କିନ୍ତୁ ଭଉଜଙ୍କର ସେଇ ଏକ୍ ଜିଦ୍—ନାଇଁ ଭଉଣୀ ! ତମେ ବସ । ତମେ ଆମ ଘରକୁ ଗଲେ ରାନ୍ଧିବାଢ଼ି ଦବକି, ମୁଁ ଖାଇବି । ମତେ ଥରେ ସୁଯୋଗ ଦିଅ ପ୍ରଫେସର ସାହେବଙ୍କୁ ଓଡ଼ିଆ ଘରର ଶାଗପଖାଳ ଖୋଇବାକୁ—

ପ୍ରଫେସର ସାହେବଙ୍କର ବି ଅକଲଗୁଡ଼ୁମ୍ । ବଡ଼ ବିନୀତ ଭାବେ କହିଲେ—ଆପଣଙ୍କ ହାତରନ୍ଧା ଭାତଡାଲି ଖାଇବାକୁ ମୁଁ ନିଶ୍ଚୟ ବଡ଼ ସୌଭାଗ୍ୟ ମଣିବି । କିନ୍ତୁ ଏତେ ଉଚ୍ଛନ୍ନ କାହିଁକି ? ଆପଣ ବର୍ତ୍ତମାନ କ୍ଳାନ୍ତ । ଟିକିଏ ବିଶ୍ରାମ ନିଅନ୍ତୁ । ଆପଣଙ୍କ ଝିଆ ଭଉଣୀ ସଙ୍ଗେ ସଙ୍ଗେ ଚା' ଜଳଖିଆ ତିଆରି କରିଦେବେ ।

—ଦେଖନ୍ତୁ ଏତେ ବଡ଼ ପ୍ରଫେସର ହେଇ ଆପଣ ଭୁଲ କରୁଛନ୍ତି ? ଝିଆ ଭଉଣୀ ରାନ୍ଧିବେ ଆଉ ମୁଁ ତା'ର ଆଗରେ ସୋଫା ଉପରେ ଶୋଇଶୋଇ ଆରାମରେ ଗଡ଼ିବି—ଏହା କ'ଣ ସୁନ୍ଦର ଦିଶିବ ? କୌଣସି ଭଉଣୀ ଭଲି ଯା' କରିପାରେ ?

—କିନ୍ତୁ ଆପଣ ଯେ ଏ ଘରେ ଅତିଥି ।

—ଓଃ, ଆପଣ ତାହେଲେ ମତେ ପର ବୋଲି ଭାବୁଛନ୍ତି ? ଏ ଘର ମୋର ନୁହେଁ ଅତିଥି କହି ଖିରପୁର ଅନର୍ଓଲରେ ଭସେଇ ଦବାକୁ ଚାହେଁ କୁଳ । ଭଉଣୀ ଡାକି ଏକା କଂସାରେ ହାତ ବୁଡ଼େଇବାକୁ ଚାହେଁନା ? ଏତେ ଦୂର ରାଇଜରୁ ଆସିଛି, ଖାଲି

ଭଦ୍ରତା ଓ ସମ୍ମାନ ଦେଇ ଫେରାଇ ଦେବେ ? ଅନ୍ତରର ସ୍ନେହ କଣିକାଏ ଦେବେ ନ ? ନୟନର ଅଶ୍ରୁ ବୁନ୍ଦାଏ ଦେବେନ ?

ଅଧ୍ୟାପକଙ୍କ ମୁଖରୁ ଆଉ ବଚନ ସ୍ଫୁରିଲା ନାହିଁ । ସହ-ଧର୍ମିଣୀ କହିଲେ—କନ୍ଥୁ ଛୁଆ ଭଉଣୀ ବଡ ଭଉଣୀର ସେବା କରିବା ଯେ ବଧି । ମତେ ସେଥିରୁ ବଂଚିତ କରୁଛ କାହିଁକି ଅପା ?

—କହିଲି ପରା, ଆମ ଘରକୁ ଯିବୁ ଯେ ଗୋଟାଏ ମାଟିଚୁଲ୍ଲୀରେ ଘସିପକେଇ ନଳା ଧରେଇ ଦେବ । ଫୁଙ୍କୁଥିବୁ ଆଉ ଅପାର ସେବା କରୁଥିବୁ । ଏ ଇଲେକ୍‌ଟ୍ରିକ୍ ଚୂଲିରେ, କାହିଁକି ? ନ ହେଲା ବା ଭୁନିତନିତ ଚପ୍, କଟ୍‌ଲେଟ୍, ପଲଉ ପୁଡ଼ିଂ କରି ଖୋଉଥିଲୁ, ମତେ ଆସିବନି—ମୁଁ ନପଠ ଓଡ଼ିଆଣୀଟେ, ଯାଇତାଇ ଶାଗମୁଗ ଦି'ଟା ସିଝେଇ ରଖିବ । ହେଲେ ବର ତ ଏତେ ବଡ଼ ବିଲାତ ଫେରନ୍ତା । ଭାରତୀୟ ନାରୀର ଦୋଷ ଅବଗୁଣ କେଉଁଠି କ'ଣ ଜାଣନ୍ତିନି ? ମାଫି ଦେବେନି ?

ବର ଓ କନ୍ୟା ଉଭୟ ନୀରବ ହେଲେ । ମୁଁ ଖାଲି ମନେମନେ ରକ୍ତଗୃଉଳ ଗ୍ରେବଉଥିଲି । ଆମେ ଆସିଛେ ଏଠିକି ବୁଲିବାକୁ ନା ଯ୍ୟାଙ୍କ ଘରେ ଗୃକର ଭଲଆ ଖଟିବାକୁ ? ଓହୋ ଗୋଟାଏ ତ ମଣିଷଙ୍କ ଭିତରେ ସ୍ନାର । ନିଜେ ତ ମରିବ, ମଣିଷକୁ ଖଟେଇ ଖଟେଇ ମାରିବ । କହିଲି—ଭାଉଜ ! ମୋ ଦେଇ ଆଉ ପଟିବ ନାହିଁ । ଟଙ୍କା ଦିଅ, ମୁଁ ସିଧା ଟିକେଟ କରିବ ଗାଁକୁ—

କହିଲେ—ହଉ, ହଉ ଅପେକ୍ଷା କର । ଛୁଆ ବୋହୂ ମନେ ପଡ଼ୁଛି—ନା ? ଆଚ୍ଛା; ମୁଁ ନିକଟରେ ପଠେଇ ଦେବି ।

—ଓହ୍, ବୁଝିବାକୁ ତ ଖୁମ୍ବିଆଳୁ ।—ଚଡ଼ ଉଠି ମୁଁ ପଳେଇ ଆସିଲି ବାହାରକୁ ।

## ପାଞ୍ଚ

ଧାନ ଗୋଟି ଗୋଟି       ଚଇ ଗୋଟି ଗୋଟି
ବାଛୁ ବାଛୁ ରାତି ପାହିଲା,
ବାପାଙ୍କୁ କହିବ       ବଳଦ ରଖିବେ
ବଇଷମ ହବା ନୋହିଲା ।

ଠିକ୍ ଏଇଆ ହେଲା । ବଡ଼ ଲୋକଙ୍କ ସାଙ୍ଗରେ ବୁଲି, ଦେଶ ବିଦେଶ ଦେଖି ଟିକିଏ ଅଏସ କରିବି ବୋଲି ଆସିଥିଲି ଯେ ଇଏ ଯୋଉ ଚଣ୍ଡୀଙ୍କ ହାବୁଡ଼ରେ ପଡ଼ିଲି, ଇଏ ମତେ ବଜାର ସଉଦାଠଉଁ କାଠଚିରା ପର୍ଯ୍ୟନ୍ତ କାମ କରେଇ କରେଇ ମାରିଦେଲେ । ଖାଲି ବାକି ରହିଲା ତାଙ୍କର ବାସନମଜା, ଗୁହାଳପୋଛା । ଭାଗ୍ୟେ ସେତକ କେମିତି ଆଖିରେ ପଡ଼ିନାହିଁ । ତା' ନହେଲେ କାଶ୍ମୀରରୁ ମାୟାଦେବୀ ଆସି କୋଉଦିନ ଆମ ଦେଶରେ ହାଣ୍ଡି ଧୋଇଥିଲେ ସିନା, ମତେ ପୁରୁଷପୁଅ ହୋଇ ଆଜି ଏଠାରେ ହାଣ୍ଡି ଧୋଇବାକୁ ପଡ଼ିଥାନ୍ତା !

ଭାବିଲି ଯାହା ହେଲା ହେଲା । ଯେତିକି ଗଙ୍ଗା ଗଲି ସେତିକି ଫଳ ପାଇଲି । ଆଉ ନୁହେଁ । ଠଙ୍କା ଚଛକେ ଟ୍ରେର କରିବି, କିନ୍ତୁ ଏଠୁ ଡିଆଁ ଟା ମାରି ଛ' ରେ ହ୍ରସ୍ୱ ଉକାର କରିବାକୁ ପଡ଼ିବ ।

ମନ କଥା ମନରେ ଅଛି, ହଠାତ୍ ଆସି ପହଁଞ୍ଚିଗଲେ ରାହାବାଳୀ । ଏଇ କେଇଦିନ ହେଲା ମତେ ଖଟେଇ ଖଟେଇ ସେ ମାରିଛନ୍ତି, ଆଉ, ଟିକିଏ ବସିଗଲେ ଏମିତି ଝଟାପଟା କଜିଆ ଲଗେଇଛନ୍ତି ଯେ ତାଙ୍କୁ ରାହାବାଳୀ ନ କହି ରହିପାରୁ ନାହିଁ । ମୁଁ ବସିବସି ଖଣ୍ଡେ ଇଂଲିଶ୍ ନଭେଲ୍ ପଢୁଥିଲି । ଭାବିଲି ଆଜି କପାଳ ଫାଟିଲା ।

ବାସୁଙ୍କେଇ ଆଜ ରଣଚଣ୍ଡୀ ରୂପ ଧରିବେ। କିନ୍ତୁ ସେଇଟା ଭାଙ୍ଗ ସିଆଣୀ। ଲୁହା ଦେଖି କରି ପାଣି ଦବ। ସେ ଦିନ ସେ ରୂପ ତ ନାହିଁ, ଟିକିଏ କୋପ ବି ନାହିଁ, ଖାଲି ହସ—

ହସିହସି ମତେ ଅଧେ ଡୋଷାରି ଡୋଷାରି କହିଲେ—ଟିକି-ପୁଅ! ଟିକିପୁଅ! ଟିକିଏ ଜଲ୍‌ଦି ଆସ ତ। ସାଇକଲ୍ ନେଇ ଜି. ପି. ଓ. ରେ ଏଇ ଟେଲିଗ୍ରାମଟା—

ଗମ୍ଭୀର ହେଇ କହିଲି—ମୁଁ କ'ଣ ତମ ଚାକର?

—ଚାକର ନୁହେଁ ମ, ବୁଆ ଭାଇଟା, ଗ୍ରେଟପିଲା ବୋଲିହାକ କରନ୍ତି ନାହିଁ?

—କରନ୍ତି। କିନ୍ତୁ ତା' ବଦଳରେ ପିଜୁଳି ମିଳେ, କାକୁଡ଼ି ମିଳେ। ତାଳଗଜା ମିଳେ।

—ଆଚ୍ଛା ଆଚ୍ଛା, ତମକୁ ମିଳିବ। ଯାଅ, ଆଗ କରି ଦେଇ ଆସ।

—ନା, ଆଗ ଦିଅ।

—ଆଚ୍ଛା, ଆଜ ତମକୁ ଏରୋପ୍ଲେନ୍‌ରେ ବୁଲେଇ ନେବି।

—ଏଁ, ଏରୋପ୍ଲେନ୍?—ମୁଁ ଚମକି ପଡ଼ିଲି—ସତେ ଭାଉଜ! କୁଆଡ଼େ? ଆମେ କ'ଣ ଆଜି କଲିକତା ଫେରିଯିବା?

—ନାଇଁ, ଭାଇଙ୍କର ହାଇଅର୍ ଅଫିସର୍ ମେଜର୍ କେ. କନକରତ୍ନମ୍ ଆମକୁ ନିମନ୍ତ୍ରଣ କରିଛନ୍ତି। ତାଙ୍କର ପୁଅ ଆଇ.ଏ. ଏସ୍. ପାଶ୍ କରିଛି। ସେଇ ଉପଲକ୍ଷେ ଡେରାଡୁନ୍‌ରେ ଏକ ବିରାଟ ଭୋଜି।

—ପ୍ରଫେସର ଯୋଶୀ ମଧ୍ୟ ଯିବେ?

—ଯିବେ ନାହିଁ, ଆମେ ଯେତେବେଳେ ତାଙ୍କ ଘରେ ଅତିଥି ହୋଇଅଛୁ, ତାଙ୍କୁ ନିମନ୍ତ୍ରଣ କରିବା ତ ସର୍ବାଦୌ ଆବଶ୍ୟକ। ମେଜରଙ୍କର କ'ଣ ଏତିକି ସାଧାରଣ ଭଦ୍ରତା ନାହିଁ?

—ଏଇ ତ ଘୋଡ଼ା ଛ' ଟଙ୍କାକୁ ଦାନା ନ' ଟଙ୍କା । ଏତେ ବାଟରୁ ଏତେ ଲୋକ ପ୍ଲେନ୍‌ରେ ଗଲେ ଯାହା ଖର୍ଚ୍ଚ ହେବ ସେଥିରେ ବୋଧେ ଦଶଟା ଭୋଜୀ ଏଇଠି ହୋଇପାରନ୍ତା । ବରଂ ତାଙ୍କୁ ଟେଲିଗ୍ରାମ କରି ଦିଅ ସେଇ ଟଙ୍କାଟା ଏଠିକି ପଠାଇ-ଦିଅନ୍ତୁ । ଆମେ ଆସ୍ତେ ଆସ୍ତେ ଦିନେ ଛଡ଼ା ଦିନେ ଗୋଟିଏ ଗୋଟିଏ ଫିଷ୍ଟ୍ କରି ଖାଉଥିବୁ ।

ଭାଉଜ ହସିଲେ—ଟଙ୍କା ବା ଭୋଜୀ ବଡ଼ ଜିନିଷ ନୁହେଁ ଠିକି ପୁଅ ! ବଡ଼ ହେଉଛି ସ୍ନେହ । ତା'ଛଡ଼ା ଏକ ପ୍ରାଇଭେଟ୍ ଏରୋପ୍ଲେନ୍ ଯୋଗାଡ଼ କରାହୋଇଛି । ସେ ତାଙ୍କର ଏକ ବନ୍ଧୁଙ୍କୁ ଅନୁରୋଧ କରିଛନ୍ତି ଆମକୁ ଲିଫ୍‌ଟ ଦେବାକୁ । ତମେ ଖାଲି ଏଇ ଟେଲିଗ୍ରାମ୍‌ଟା ଦେଇ ଆସ ଯେ ଆମେ ରାତି ଦଶଟାରେ ଯାଇଁ ଲ୍ୟାଣ୍ଡ କରୁଛୁ ।

ମତେ ଖାଲି ସପନ ଭଳିଆ ଲାଗୁଥାଏ । ଦିନେ ଶନିବାରେ କଟକରୁ ଘରକୁ ଆସିବ ବୋଲି ଦିବିକ ଟିକିଏ ସାଇକଲି ମାଗିଲି ଯେ···ମନା କଲା । ଆଉ ଇଏ ପ୍ଲେନ୍ ଦେଉଛନ୍ତି ଶ୍ରୀନଗରରୁ ଡ଼େରାଡୁନ୍ ଯିବାକୁ !! ଇଏ କି ବୋକାମିରେ ବାବା, ଏମାନଙ୍କର ଟିକିଏ ଘରକରଣା ବୁଦ୍ଧି ନାହିଁ ?

ଆମେ ସମସ୍ତେ ଉଡ଼ାଜାହାଜରେ ଉଠିଲୁ । ଉଡ଼ାଜାହାଜରେ ଚଢ଼ିବା ଏଇ ମୋର ପ୍ରଥମ । ଆପାଦମସ୍ତକ ଥରୁଥାଏ ଭୟରେ । ଭାଇ କହିଲେ—ଧୀରା ! ସମ୍ଭାଳ ତମ ଟିକିପୁଅକୁ । ଗୋଟିଏ ପାଖରେ କୁଳି ଆର ପାଖରେ ଫାଲ୍‌ଗୁନିକୁ ଧରି ବସ । ଭାଉଜ ହସିଲେ । ଲାଜରେ ମୁଁ ସଢ଼ିଗଲି । ତଥାପି ଡର ଗୁଡ଼ିଲା ନାହିଁ

କ୍ୟାପ୍‌ଟେନ୍ ରାଉତରାୟ ଡ୍ରାଇଭିଂରେ ଏକ୍‌ସପର୍ଟ୍ । ପାଇଲଟିଂରେ ବି ମନ୍ଦ ନୁହଁନ୍ତି । କିନ୍ତୁ ଏଇ ମିଲିଟାରୀରେ ଭର୍ତ୍ତି

ହେବା ଦିନୁ ଆଭିଜାତ୍ୟ ଜଗୁଜଗୁ ତାଙ୍କର ଗୋଟିଏ ଅଭ୍ୟାସ ହୋଇ ଗଲାଣି ସଞ୍ଜବେଳେ ଟିକିଏ ହୁଇସ୍କି ଖାଇବା । ଆଜି ସେଇଥି-ପାଇଁ ଭାଉଜ ମୁଣ୍ଡ ଛୁଆଁଇଁ ନିୟମ କରାଇ ନେଇଛନ୍ତି—ସଞ୍ଜ ହେଲେ ଷ୍ଟିଅରିଂ ପର୍ଯ୍ୟନ୍ତ ଛୁଇଁପାରିବେ ନାହିଁ, ପାଇଲଟିଂ ତ ଦୂରର କଥା । କ୍ୟାପ୍‌ଟେନ୍‌ ଭାରି ରାଗୀ । ଭାରି ଦୁର୍ଦ୍ଦାନ୍ତ । ହେଲେ ଭାଉଜଙ୍କର କଥା ଏଡ଼ିଦେଇ ଚାଲିଯିବାର ଶକ୍ତି ତାଙ୍କର ନାହିଁ । ସେ ଦିନ ସେଇଆ ହେଲା । ସେ ବାଧ ଶିଶୁଟି ଭଳି ଆମ ପାଖରେ ଆସି ବସିଲେ ।

ଉଡ଼ାଜାହାଜ ଧୀରେ ଧୀରେ ଭୂଇଁ ଛାଡ଼ି ଉପରକୁ ଉଠିଲା । ମୁଁ ଭୟରେ ଜଡ଼ସଡ଼ ହୋଇ ଭାଉଜଙ୍କ ହାତ ଜାବୁଡ଼ି ଧରିଲି । ଆମ ସାଙ୍ଗରେ ଆଉ ଦୁଇ ଜଣ ମିଲିଟାରୀ ଅଫିସର ସସ୍ତ୍ରୀକ ଯାଉଥାନ୍ତି—ଜଣେ କ୍ୟାପ୍‌ଟେନ୍‌, ଜଣେ ଲେଫ୍‌ଟେନାଣ୍ଟ । ଜଣକ ଘର ବଙ୍ଗଳାର କୁଚ୍‌ବିହାରରେ, ଆର ଜଣକ ଘର ପଞ୍ଜାବ । ମତେ ଦେଖି ସମସ୍ତେ ଠୋ ଠୋ ହୋଇ ହସି ଉଠିଲେ । ଲଜ୍ଜାରେ କି କ୍ରୋଧରେ ଜାଣେନା, ଭାଇ ମୁହଁ ବୁଲାଇଲେ । ବସିବସି କାଶ୍ମୀରର 'ଇଭିନିଂ ଏଡ଼ିସନ୍‌'......ପଢ଼ିବାକୁ ଲାଗିଲେ । ଭାଉଜ କହିଲେ—କ'ଣ ଏମିତି ପିଲାଙ୍କ ଭଳିଆ ହେଉଛ ଟିକିପୁଅ ! ସାହସ ଧର । 'ଏ କାୱାର୍ଡ଼ ଡାଇଜ୍‌ ଟେନ୍‌ ଟାଇମ୍‌ସ ବିଫୋର୍‌ ହିଜ୍‌ ଡେଥ୍‌ ।' ...ହେଲା ନାହିଁ । ତଥାପି ମୋର ସାହସ ହେଲା ନାହିଁ ତାଙ୍କ ହାତ ଛାଡ଼ି ଦେବାକୁ । ସେ ପୁଣି କହିଲେ—ତମ ଓଡ଼ିଆ ପରା ବୀର ଜାତି ? କଥାକଥାରେ ତାଙ୍କ ବୀରତ୍ୱ ଗାଇବାକୁ ତମେ ମୁଖର ହୋଇ ଉଠ । ବଙ୍ଗ ସାଗରର କରାଳ ତରଙ୍ଗ ଚିରି ଚାଲି ଉଡ଼େଇ ସେ ଯାଉଥିଲା ଜାଭା, ବାଲି, ସୁମାତ୍ରା, କାମ୍ବୋଡ଼ିଆ । ଚିଲିକାର କୂଳେ କୂଳେ ଘୋଡ଼ା ଝପଟେଇ ଲହଲହ ଖଣ୍ଡା

ତୋଳି ଲକ୍ଷ ଲକ୍ଷ ଓଡ଼ିଆ ଛୁଟି ଯାଉଥିଲେ କାଞ୍ଚୀ ଅଭିମୁଖେ । ଖଣ୍ଡାରେ ସେ ଖେଳୁଥିଲା, ଖଣ୍ଡାରେ ସେ ନାଚୁଥିଲା, ଖଣ୍ଡା-ମୁନରେ ରକ୍ତ ନଦୀ ବୁହାଇ ଦେଉଥିଲା ଶତ୍ରୁର ଶିବିରରେ । ତମେ ସେଇ ଓଡ଼ିଆ ? ସେଇ ଜାତିର ବଂଶଧର ? ଲାଜ ମାଡ଼ୁନାହିଁ ···ସାମାନ୍ୟ ଉଡ଼ାଜାହାଜରେ ବସିବାକୁ ଡରୁଛ ! ଶେଷରେ ପଣତକାନି ଧରୁଛ ଆସି ନାରୀର !!

ମୋ ମୁହଁ କଳା ପଡ଼ିଗଲା । ଆତ୍ମ-ସମ୍ମାନରେ ଲାଗିଲା ଦାରୁଣ ଆଘାତ, ହାତ ଛାଡ଼ି ଦେଲି, ଭାଇ ମୁରୁକି ମୁରୁକି ହସୁଥାଆନ୍ତି ।

ହଠାତ୍ ବର୍ଷୀୟସୀ ତରୁଣୀ ଜଣକ ଚିତ୍କାର କରି ଉଠିଲେ—ଓ ମା' କେତେ ଆଲୋ ? ···ଝରକା ଫାଙ୍କରେ ତଳକୁ ଚାହିଁ ଦେଖିଲି ଆଲୋକର ସମୁଦ୍ର ଉଚ୍ଛୁଳି ଉଠିଛି । ଶ୍ରୀନଗରର ଅଜସ୍ର ଆଲୋକମାଳା ଲକ୍ଷଲକ୍ଷ ରଙ୍ଗ ହାବେଳି କି ମଳିନ କରି ସାଗରର ତରଙ୍ଗ ଭଳି ଗୋଟିକ ପରେ ଗୋଟିଏ ଭାସିଯାଇଛି । କି ବିଚିତ୍ର, କି କମନୀୟ ସେ ଦୃଶ୍ୟ । ସତେ ଯେପରି ବିଶାଳ ନୀଳ ଆକାଶ କୋଳରେ ଅଗଣିତ ତାରକା । ପୁଣି ତାରକାଠାରୁ ତ' ଆହୁରି ସ୍ପଷ୍ଟ, ଆହୁରି ସୁନ୍ଦର, ଆହୁରି ଉଜ୍ଜ୍ୱଳ । ମୁଁ ନୀରବରେ ସେଇ-ଆଡ଼କୁ ଚାହିଁ ରହିଲି ।

ନୀରବରେ ପ୍ରାୟ ଦଶ ମିନିଟ୍ କଟିଗଲା । ଭାଉଜ କେଜାଣି କ'ଣ ଭାବି ପୁଣି ହାତଟି ମୋ ଆଡ଼କୁ ବଢ଼ାଇ ଦେଲେ । କହିଲେ—ରାଗିଲ ଟିକିପୁଅ ! ···ବିମାନ ଆରୋହଣର ଭୟ ମତେ ଏତେ ଅଭିଭୂତ କରି ଦେଇଥିଲା ଯେ ମୁଁ ଏତେ ବେଳଯାଏ ଭାଉଜଙ୍କୁ ଭଲ କରି ଚାହିଁ ପାରି ନ ଥିଲି । ଦେଖିଲି—ନାରଙ୍ଗୀ ରଙ୍ଗର ଖଣ୍ଡେ ଦାମୀ ସମ୍ବଲପୁରୀ ଶାଢ଼ୀ ସେ ପିନ୍ଧିଛନ୍ତି । ଧଡ଼ିରେ

କୁମ୍ଭ ପଡ଼ିଛି । ଅଞ୍ଚଳଟି ନାନା ଆଡ଼ମ୍ବରପୂର୍ଣ୍ଣ ବଚନ କାରୁ-କାର୍ଯ୍ୟରେ ଭରା । ପାଦରେ ଦୁଇଟି ଚପଲ, କାନରେ ହଳଏ ଇଅରିଂ, ମଥାରେ ତିନିସାରିଆ ସୁନାବେଣୀ । ଠିକ ସୀମନ୍ତ ତଳକୁ ମୂଲ୍ୟବାନ ପଥର-ବସା ମଥାମଣି ବିଜୁଳି ଆଲୁଅରେ ଦାଉଦାଉ ଝଟକୁଛି । ଓଢ଼ଣା ମୁଣ୍ଡର ଅଧଯାଏ ଉଠିଛି ।

ମୁଁ ଏ ବଚନ ବେଶ ଦେଖି ଆଶ୍ଚର୍ଯ୍ୟ ହେଲି । ସାଧାରଣ ସମୟରେ ବି ସେ ସିଲ୍‌କ ଛଡ଼ା ସୂତା ଶାଢ଼ୀ ପିନ୍ଧନ୍ତି ନାହିଁ । ନିତମ୍ବଚୁମ୍ବୀ କୃଷ୍ଣ ବେଣୀରେ କୁରୁବକ ଖୋସିବାକୁ ତାଙ୍କୁ ଭଲ ଲାଗେ । ହେନା, ବଉଳ, ରଜନୀଗନ୍ଧା, କୃଷ୍ଣଚୂଡ଼ାରେ ନିତ୍ୟପ୍ରତି ସେ ଗଭା ମଣ୍ଡନ୍ତି । ହାଇହିଲ୍ ସୁ ନ ପିନ୍ଧିଲେ ତାଙ୍କର ଦିନ ଗୋଟାଏ ବି ସାନ୍ଧ୍ୟ ଭ୍ରମଣ ହୁଏନା । ଅଥଚ ଆଜି ମୁଁ ଆଶ୍ଚର୍ଯ୍ୟ ହେଲି ସେ କେମିତି ଏଇ ମାମୁଲି ପୋଷାକରେ ସେଠିକି ନିମନ୍ତ୍ରଣ ଖାଇ ବାହାରିଲେ, ଯୋଉଠିକି ଆସିଥିବେ ଭାରତର ପ୍ରାୟ ସବୁ ପ୍ରଦେଶର ବହୁ ଶିକ୍ଷିତ, ସଂସ୍କୃତ, ଧନାଢ୍ୟ ପରିବାର । କହିଲି— ନିପଟ ଓଡ଼ିଆଣୀ ହୋଇଗଲ ଯେ ଭାଉଜ । ସେ ଖାଲି ଟିକିଏ ହସିଲେ । କିଛି କହିଲେ ନାହିଁ ।

ହଠାତ୍ ମୋର ଦୃଷ୍ଟି ପଡ଼ିଲା ତାଙ୍କର ଚମ୍ପକ କଳି ଅଙ୍ଗୁଳି ଦେହରେ ଥିବା ଅଙ୍ଗୁରୀୟଟି ପ୍ରତି । ଏକାବେଳକେ ଅଲ୍‌ଟ୍ରା ମଡର୍ଣ୍ଣ ଡିଜାଇନ୍ । ଯାହିରେ ସାରା ପ୍ରକୋଷ୍ଠଟି ଝଲସି ଉଠୁଛି । ଭାରି ଲୋଭ ହେଲି । କହିଲି—ଭାଉଜ ! ଦେଖି ଦେଟି—ଏଇଟି କି ମୁଦି ? କହିଲେ—ହୀରାମୁଦି । ଅନେକ ଦିନ ତଳେ ଜଣେ ବନ୍ଧୁ ଉପହାର ଦେଇଥିଲେ ।

—କିନ୍ତୁ ମୁଁ ତ କେବେ ଦେଖିନାହିଁ ?

—ତୁଆବୋହୂ ଦେଇଥିବା ପହିଲ ଚଠିଟି ତମେ କ’ଣ ମତେ ଦେଖେଇଛ ?

ମୁଁ ଏତେ ପ୍ରଲୁବ୍ଧ ହେଇ ଯାଇଥିଲି ଯେ ସେକଥା ଶୁଣିବାକୁ ମୋର ଧୈର୍ଯ୍ୟ ନଥିଲା । ଦେଶକାଳପାତ୍ରକୁ ନ ଚାହିଁ ମୁଦିଟି ଆଣି ହଠାତ୍ ମୋ ହାତରେ ପିନ୍ଧିଦେଲି । ନୂଆଭ କହିଲେ—ବେଶ୍ ତମେ ହିଁ ପିନ୍ଧ । ମୋ ପାଖିରୁ ବାହାର ଆସିଲା ମୁଁ ଆଉ ଦେବି ନାହିଁ । ସେ ହସି ହସି କହିଲେ—ମୁଁ ତ ମାଗୁ ନାହିଁ । ତମେ ପିନ୍ଧିଲେ ବରଂ ମୁଁ ବେଶୀ ଖୁସି ହେବ ।

ଭାଇଙ୍କ ତଳ ଗ୍ରେଡ଼ର ଅଫିସର ଲେଫ୍‌ଟନାଣ୍ଟ ଉଜାଗର ସିଂ ଆମ ହାବଭାବ ଦେଖି ଟିକିଏ କୁଟିଳ ହସ ହସିଲେ । ଭାଇଙ୍କର ତୀକ୍ଷ୍ଣ ଦୃଷ୍ଟି ତ’ ଏଡ଼ାଇ ଦେଇପାରିନ । ସେ ଗମ୍ଭୀର ହୋଇ ଏପରି ରୋଷକଷାୟିତ ନୟନରେ ମୋ ଆଡ଼କୁ ଚାହିଁଲେ ଯେ ମୋର ସର୍ବାଙ୍ଗ ଶରୀର ଥର ଉଠିଲା । ନିଜର ଶତ ଅନିଚ୍ଛାସତ୍ତ୍ୱେ ମୁଦିଟି ବାହାର କରି ଫେରାଇ ଦେବାକୁ । ଭାଉଜ କିନ୍ତୁ ନାଛୋଡ଼-ବନ୍ଧା । ଫାଟି ଫୁଟି ଗଲେ ବି ମୁଦି ନେବେନି । ମୁଁ ନେଇ ପିନ୍ଧାଇ ଦେଲି । ସେ ପୁଣି ବାହାର କରି ମୋ ହାତରେ ପିନ୍ଧେଇ ଦେଲେ । ମୁଁ ପୁଣି ବାହାର କଲି । ସେ ପୁଣି ଫେରାଇଲେ । ଏହିପରି ଦୁଇ ଚାରିଥର ଦେବାନେବା ଭିତରେ ସେ ମୋ ଆଡ଼କୁ ଢଳି ପଡ଼ିଛନ୍ତି । ମୁଁ ବି ତାଙ୍କ ଆଡ଼କୁ ଟିକିଏ ଢଳି ପଡ଼ିଛି । ତାଙ୍କ ମୁଣ୍ଡରୁ ଲୁଗା ଖସି ଯାଇଛି ଦୁଇ ଥର । ଆଉ ତା’ ଦେଖି ଆମ ଅଲକ୍ଷ୍ୟରେ ବେଶୀ ବେଶୀ ହସୁଛନ୍ତି ଉଜାଗର ସିଂ । କ୍ୟାପ୍‌ଟେନ୍ ବାଗ୍‌ଚି ମିସେସ୍ ବାଗ୍‌ଚିଙ୍କ ହାତ ଚପି ଦେଇ-ଛନ୍ତି । ··· ତଥାପି ଭାଉଜ ନିରସ୍ତ ହେଲେନି । ଜବରଦସ୍ତି ମୋ ହାତଟି ଧରି ମୁଦି ପିନ୍ଧାଇ ଦେଲେ । କହିଲେ—ତମକୁ ମୋ ରାଣ

ଫେସ୍‌ରାଇ ଦିଅନ୍ତ । ଦୁନିଆର କଥା ଅପେକ୍ଷା ହୃଦୟର ମମତାକୁ ମୁଁ ବଡ଼ ମନେ କରେ ।

ଭାଇ ସେତେବେଳକୁ ଅନ୍ଧ ହୋଇ ଗଲେଣି । ବଜ୍ର ଭଳି ଗର୍ଜ୍ଜନ କରି ଉଠିଲେ—ଧୀରା ??... ପ୍ରଚଣ୍ଡ ବହ୍ନିଶିଖା ସତେକି ଧୁ ଧୁ ହୋଇ ଜଳିଉଠିଲା । ଗୋଟିଏ ଶବ୍ଦରେ କୋଟିଏ ଅଗ୍ନି-କଣା ବର୍ଷି ହୋଇଗଲା ଧୀରା ଉପରେ ।

ପ୍ରଫେସର ଯୋଷୀ ଭାଇଙ୍କ ହାତ ଧରି ପକେଇଲେ—ଚୁପ୍ ଚୁପ୍ କହିଲେ—ଆଜି ବାଗ୍ଲ ହୁଅନ୍ତ । ଭୁଲି ଯାଅନ୍ତ ଏଇଠା ମୁଭିଂ ପ୍ଲେନ୍—ଏ ପ୍ଲେସ ଫର୍ ପବ୍ଲିକ୍ ।

ଭାଉଜ ଜଳିଗଲେ । ମୁଣ୍ଡ ଟେକି ଚାହିଁବାକୁ ବି ସାହସ କଲେନି । ଜୀବନରେ ବୋଧେ ଏପରି ଭୁଲ୍ ଏଇ ପ୍ରଥମ । ଅଥଚ କ୍ଷମା ମାଗିବାକୁ ଅବକାଶ ନାହିଁ । ଚାରିଆଡ଼େ ଲୋକ । ସମସ୍ତେ ଯେମିତି ସହସ୍ର ଆଖିରେ ତାଙ୍କୁ ଚାହିଁ ରହିଛନ୍ତି । ଚାହିଁ ଚାହିଁ ହାଣୁଛନ୍ତି ବିଦ୍ରୂପର ଶାଣ ବାଣ । କୋହ ଉଠିଲା । ଲୁହ ଢାଳିବାର କିନ୍ତୁ ସୁବିଧା ନାହିଁ । ଲୋକ, ସଭ୍ୟତା, ଭୟ, ...ମନେମନେ ଖାଲି ସେ ପୋଡ଼ି ହବାକୁ ଲାଗିଲେ ।

ଭୟରେ ନୁହେଁ ବେଦନାରେ ମୋ ଛାତି ଫାଟିଗଲା । ଭାଇଙ୍କର ଯେତେ ତିକ୍ତ ଗାଳି ବି ମୁଁ ହଜମ କରିପାରିବି, କିନ୍ତୁ ଭାଉଜଙ୍କର ବୁନ୍ଦାଏ ଆଖିଲୁହ ମୁଁ ସହିପାରିବି ନାହିଁ । ମୁଁ କାହିଁକି ଏ ସାଗର ମନ୍ଥନ କଲି ? ମନ୍ଥନରୁ ଯେ ହଳାହଳ ବାହାରିଲା, ତାକୁ ପିଇବାକୁ ହେଲା ମୋର ଅତି ପ୍ରିୟ—ପ୍ରିୟତମ ଭାଉଜଙ୍କୁ ! ଓଃ, ମୁଁ ନ ମରି ରହିଲି କାହିଁକି ? ତାଙ୍କ ଛାତିରେ ବ୍ୟଥାର ତୀବ୍ର ହୋମାନଳ ଜାଳି ଦେବା ଆଗରୁ ମୋ ଛାତିରେ ବଜ୍ର ନ ପଡ଼ିଲା କିଆଁ ? ମୋ ଆଖି ଅନ୍ଧ ନ ହୋଇ ଗଲା କାହିଁକି ?

ଉତ୍ତାଳାହାଳ ପହଞ୍ଚିଲା । ମୋର ଡର ହେଉଥିଲା ଭାଇ ପୁଣି ନୂଆଁଉଙ୍କୁ ଗାଳି ଦେବେ । ଅଭଦ୍ର, ଅଶିଷ୍ଟ, ଅସଭ୍ୟ, ଅନାର୍ଯ୍ୟ, ଅନୁନ୍ନତ—ଯେତେ ବିଶେଷଣ ଜାଣିଛନ୍ତି କହି ଦେଇଯିବେ ଗୋଟାଏ ବାକ୍ୟରେ । କିନ୍ତୁ ଆଶ୍ଚର୍ଯ୍ୟ ସେ ପାଟି ବି ଫିଟେଇଲେ ନାହିଁ । ଭାଉଜ ଯେତେବେଳେ ଲୁହ ଛଳଛଳ ଆଖିରେ ଯାଇଁ ତାଙ୍କ ହାତ ଧରିଲେ, ସେତେବେଳେ ସେ ଖାଲି ଠିଆ ହୋଇ ରହିଲେ ଗମ୍ଭୀର ହୋଇ । ଉଁ କି ଚୁଁ ପଦେ କହିଲେ ନାହିଁ । ମୋ ଉପରେ ଗାଳିଟା ତ ନିଶ୍ଚୟ ହୋଇଥାନ୍ତା । ଗାଳି କ'ଣ ମାଡ଼ ବି ବରଷି ଯାଇଥାନ୍ତା । କିନ୍ତୁ କେଜାଣି କାହିଁକି ସେ ମୁହଁ ବୁଲାଇ ନେଲେ । ମତେ ଆଉ ଆଖିରେ ବି ଚାହିଁଲେନି । ଯେମିତି ଗୋଟାଏ କଳା ବଉଦ ଆକାଶରେ ଉଇଁ ଆସୁଥିଲା । ଚନ୍ଦ୍ର ସହିତେ ସବୁ ତାରା ତା ଭିତରେ ଲୁଚିଗଲେ ।

ବର୍ଷା ହୋଇ ଯାଇଥିଲେ ଆକାଶ ନିର୍ମଳ ହୋଇଥାନ୍ତା । କିନ୍ତୁ ବର୍ଷା ହେଲାନି । ଚଉଦିଗ ଅନ୍ଧକାର ।

ଭୋଜି ଭଲ ଲାଗିଲା ନାହିଁ । ଭାଉଜଙ୍କ ମୁହଁଟି ଶୁଖି ଯାଇଥିଲା । ଯେତେ ଚେଷ୍ଟା କଲେ ବି ସେ ହସ ଫେରାଇ ଆଣିପାରିଲେ ନାହିଁ । ଆଉ ହସ ନଥିଲେ ଆନନ୍ଦ କାହୁଁ ଆସିବ ? ଆଲୋକ କାହୁଁ ଆସିବ ? ଖାଲି ଅନ୍ଧାର—କଳା କଟିକିଟି ଗାଢ଼ ଅନ୍ଧାର ।

ଆମେ ଫେରିଲୁ ।

## ଛଅ

ଅନ୍ଧକାର ଅପସରିଛି । ତୁଷାରଧବଳ ହିମାଚଳ କୋଳରୁ ସୂର୍ଯ୍ୟ ଉଠି ଆସୁଛନ୍ତି ।

ଭାଉଜ କହିଲେ—କ'ଣ ଦେଖୁଛ ?

କହିଲି—କେଉଁ ଅଜଣା କାରିଗର ଦୁଧ ଆଉ ଅଲତା ଏକାଠି ଗୋଳେଇ ବୋଳିଦେଇଛି ଏଇ ଆକାଶ ଦେହରେ ।

ଭାଉଜ ହସିଲେ । କଲେଜ ହଷ୍ଟେଲରୁ ଧୀର ପବନରେ ଭାସି ଆସିଲା—ସୁଜଲାଂ ସୁଫଲାଂ ଶସ୍ୟଶ୍ୟାମଲାଂ ମାତରମ୍......

କହିଲି—ସତେ ଭାଉଜ ! ଏତେ ରୂପ, ଏତେ ରକ୍ତିମ ଆଭା, ଏତେ ଫୁଟନ୍ତା ଗୋଲାପର ଗୁଚ୍ଛ ଛବି, କାହିଁ, ଦିନେ ତ ଦେଖିଲି ନାହିଁ ଆମ ଛଇଳ ଶଇଳ ଭରା ଚିହ୍ନିତ ଉତ୍କଳରେ ? ଠିକ୍ ଯେମିତି ଗୋଟିଏ ବିକଚ କୋକନଦ ଅବା ଏକ ନୀଳ ସାଗର ବେଳାରେ ପ୍ରବାଳର ଘନ ଆସ୍ତରଣ ଅଥବା ଏକ ପ୍ରସ୍ଫୁଟିତା କାଶ୍ମୀରୀ ଲଳନାର ଢଳଢ଼ଳ କୋମଳ ଗଣ୍ଡ !!

ଆହୁରି ଜୋରରେ ଠୋ ଠୋ ହୋଇ ହସିଉଠିଲେ ସେ । କହିଲେ—ଚମତ୍କାର । କବିତ୍ୱର ଯଥାର୍ଥ ପରିଚୟ । କବିତାର ସରଳ, ସାବଲୀଳ, ସ୍ୱଚ୍ଛନ୍ଦ ଗତି । ତେବେ ମୋର ମନେହୁଏ ଏଇ ମନଭୁଲା ବନ ଭୂମିର କାନ୍ତ କୋମଳ ଫେନିଳ ଦୃଶ୍ୟରାଜି ଅପେକ୍ଷା କବିଙ୍କି ବୋଧେ ବେଶୀ ମୁଗ୍ଧ କରିଛି ଏ ଦେଶର ଲାବଣ୍ୟମୟୀ ଅପରୂପା ଲଳନା ।

କହିଲି— ତା' ଯେ ଏକାବେଳକେ ମିଛ, ଛାତିରେ ହାତ ରଖି କହିପାରିବି ନାହିଁ ।

—ତା' ହେଲେ ତ ବୋଧେ ଭଲ ହୁଅନ୍ତା । ଏଇ ରୂପରାଇଜର ରାଜକୁମାରୀରୁ ଗୋଟିକୁ ଧରି କବି ଯଦି ଫେରିଯାଆନ୍ତେ ଉତ୍କଳକୁ । ସେଇ କଅଁଳ ଗୋଲାପୀ ମୁହଁକୁ ଚାହିଁ କବି କବିତା ଲେଖନ୍ତେ, ସ୍ୱପ୍ନ ଦେଖନ୍ତେ, ଛନ୍ଦ ତୋଳନ୍ତେ ।

ହସି ଉଠିଲି ମୁଁ—ତମେ ହୁଳହୁଳି ପକେଇବ ଭାଉଜ ? ଦୂବ ବରକୋଳି ପତରରେ ବନ୍ଦାପନା କରିନେବ ସୁଅ ବୋହୂଙ୍କୁ ?

—କାହିଁକି ନ ନେବ ? ବରଂ ମୋର ଆନନ୍ଦ ହେବ ଯେ ଫାଲ୍‌ଗୁନ ଫାଲ୍‌ଗୁନର ନାମ ସାର୍ଥକ କରିଛନ୍ତି । ଏତେ ଝଟହଟହ ରୂପ ଯୋଉଠି ଫାଟି ପଡ଼ୁଛି, ସେଠି ରୂପ ପାଇଁ କବି ଟିକିଏ ଢଳି ପଡ଼ିଲେ କ'ଣ ବା ସୃଷ୍ଟି ପ୍ରଳୟ ହୋଇଯିବ ?

—କିନ୍ତୁ···କିନ୍ତୁ ଭାଉଜ ! ତମେ ଖାଲି ରୂପ ଦେଖିଛ । ରୂପର ଅନ୍ତରାଳରେ ମୁଁ ଯେଉଁ ଅରୂପର ସନ୍ଧାନ ପାଇଛି ତା' ଦେଖିନା । ତା' କୋଟିଗୁଣରେ କମନୀୟ, ରମଣୀୟ, ଲୋଭନୀୟ ।

ନୂଆ'ଉ ହସିଲେ । କହିଲେ—ସତେ ? ଏଇ ଦିନ କେଇଟା ଭିତରେ ତମେ ଭିତର ବାହାର ସବୁ ଦେଖି ସାରିଲଣି ? ତା' ହେଲେ ତ ଖାଣ୍ଟିମତ ପ୍ରେମରେ ପଡ଼ିଗଲଟି ଟିକିପୁଅ । ବାହାର ଆସି ପାରିବ ତ ?

ମୁଁ ବି ସେଇଆ ଭାବୁଛି—ବାହାର ଆସି ପାରିବି କି ? ସେଇ ଅକଳଙ୍କ ପ୍ରେମର ନିଗଡ଼ ବନ୍ଧନ କାଟି ବାହାରିଆସିବା ପଶୁ ପକ୍ଷରେ ବି ସମ୍ଭବ ନୁହେଁ, ମଣିଷ ତ ଦୂରର କଥା, ଯା ଦେଖୁଛ, ଏଇଟି ଖାଲି ମୋ ଦେହ । ମୋ ଜୀବନ ସେଇଠି, ମୋ ହୃଦୟ ସେଇଠି, ମୋ ପ୍ରାଣପକ୍ଷୀ ଚିରଦିନ ତା' ଚରଣ ତଳେ ବନ୍ଧା ।

—ସତେ, ଏତେ ସୁନ୍ଦରୀ ସେ ନାରୀ ?

କବିଙ୍କ ଭାଷାରେ କହିବି—'ବିହି କୋଟିଏ କଳ୍ପ କଳପିଲ୍ ।
ନାରୀ ଗୋଟିଏ ମାତ୍ର ସରଜିଲ୍ ।'

ନୂଆ'ଉ ପୁଣି ହସିଲେ—ତମକୁ ସେ କମିଆ କରି ନାହିଁ ତ ଆଉ ? ମାଇକିନା ଝିଅ ଅଗୁଡ଼ା ତ ସବୁଦିନେ ଡାହାଣୀ । ଟିକିଏ କୋଉଠି କଅଁଳ ହୃଦୟ ପାଇଲେ ରକ୍ତ ଶୋଷି ରସ ଚୁପୁଡ଼ି ଖାଇଯିବେ···

'ଭାଉଜ !'—ଚିତ୍କାର କରି ଉଠିଲି—'କାହା ସହିତ କାହାକୁ ତୁଳନା କରୁଛ ? ଜାନକୀ ଆଉ ସୂର୍ପଣଖା ? ଶରତର ଆନନ୍ଦମୟୀ ମା' ଆଉ ନରମୁଣ୍ଡମାଳିନୀ କରାଳ କାଳୀ ? ଛି, ଛି, ଏତେ ହୀନବୁଦ୍ଧି ତମର । ଏତେ ନିକୃଷ୍ଟ ତମ ବିଚାରର ଧାରା । ସେ ଚାଲିଗଲେ ପଦ୍ମ ଫୁଟେ । ସେ କଥା କହିଲେ ଅମୃତର ଝରଣା ଝରିଯାଏ । ସେ ହସି ଉଠିଲେ ଥୁଣ୍ଟାଗଛ କଅଁଳି ଉଠେ— ମଲା ଦେହରେ ସଞ୍ଚରିଯାଏ ଜୀବନ । ମର୍ତ୍ତ୍ୟର ମାନବୀ ନୁହେଁ ସେ, ସରଗର ଦେବୀ । ତା' ପାଦର ନଖକୋଣକୁ ସରି ହେବେନି ବିଶ୍ୱର ସର୍ବଶ୍ରେଷ୍ଠ ସୁନ୍ଦରୀ ।...

—ଠିକ୍‌ପୁଅ ! ଠିକ୍‌ପୁଅ !...ଭାଉଜ ମୋ ହାତ ଧରି ପକେଇଲେ —ମତେ ଥରେ ଦେଖାନ୍ତ ନାଇଁ ସେଇ କୋଟିଲ୍ୟବର୍ଣ୍ଣମୟୀ ଅପ୍‌ସରୀଙ୍କୁ ? ଦେଖନ୍ତି ପ୍ରକୃତରେ ସିଏ ସୁନ୍ଦରୀ—ପ୍ରକୃତରେ ତାଙ୍କ ଚରଣତଳେ ମଥା ନଇଁ ଯାଉଛି ନା ତମେ ଖାଲି ରୂପର ମୋହରେ ଅନ୍ଧ ହୋଇ ପତଙ୍ଗଭଳି ଅନଳରେ ଝାସ ଦେଉଛ ?

—ଏଇ କଥା ? ଆସ, ଆଜି—ଏହି ମୁହୂର୍ତ୍ତରେ ମୁଁ ଦେଖେଇ ଦେବି ସେ ସରଗର ଦେବୀପ୍ରତିମାଙ୍କୁ । ସେ ଲକ୍ଷ୍ମୀ, ଅନ୍ନପୂର୍ଣ୍ଣା, ଆନନ୍ଦମୟୀ । ମୁଁ ଅନ୍ଧ । ହଁ, ମୁଁ ଅନ୍ଧ । କିନ୍ତୁ ରୂପର ଆଲୋକରେ ନୁହେଁ ଅରୂପର ଝଲକରେ । ଓଠତଳର ହସ ଅପେକ୍ଷା ବୁକୁ-ତଳର ବାସ ମତେ ବେଶୀ ମୁଗ୍ଧ କରିଛି । ତମେ ଦେଖିବ ? ଦେଖିବ ସେ ମହୀୟସୀ ମହିଳାଙ୍କୁ ? ସେ ପ୍ରେମିକା ନୁହନ୍ତି, ଭଗିନୀ ନୁହଁନ୍ତି, ସେ ମା—ମା'......କହୁଁ କହୁଁ ପାଦ ଦୁଇଟି ତାଙ୍କର ଧରି ପକାଇଲି, ତାଙ୍କର ସବୁ ବାଧା ସତ୍ତ୍ୱେ ମଥା ମୋର ପାଦ ଛୁଇଁଲା । ଦୁଇଟି ଅଶ୍ରୁବିନ୍ଦୁ ଝରିପଡ଼ିଲା ସେଇ ବନ୍ଦନୀୟା ଜନନୀର ପବିତ୍ର ଚରଣ ଉପରେ ।

ଦୁଇ ବାହୁ ତୋଳି ଅତି ସନ୍ତର୍ପଣରେ ଖଜ ଉଠାଇଲେ । କହିଲେ—ପାଗଳ । ଅଜବ ପାଗଳ ତମେ, ମଣିଷକୁ ମଣିଷ ଭଳି ନ ଦେଖି ଦେବତା ଭଳି ଦେଖିବାକୁ ତମକୁ କିଏ କହିଲା ? ମୋର ତ ହଜାର ଦୋଷ ଅଛି, ଦୁର୍ବଳତା ଅଛି, କାହିଁକି ମତେ ଏତେ ଭଲ ପାଇଲ, କାହିଁକି ଭଲ ପାଇଲ ?……

'ଓ, ଆଇ ଆମ୍ ସରି'—ପ୍ରଫେସର ଯୋଷୀ ଘର ଭିତରକୁ ପଶି ଆସୁ ଆସୁ ଦରଜା ପାଖରୁ ଲେଉଟିଗଲେ । ଭାଇ ସ୍ତବ୍ଧ ହୋଇ ଠିଆ ହୋଇ ରହିଲେ ଏରୁଣ୍ଡି ବନ୍ଧ ଉପରେ । ଖଜ ସେତେବେଳେ ବି ମୋର ଦୁଇବାହୁ ଜାବୁଡ଼ି ଧରିଥାନ୍ତି । ଛାଡ଼ି ଦବାକୁ ସାହସ ହେଲାନି କି ବୁଦ୍ଧି ହେଲା ନି ଜାଣେନା ।

ମୁହୂର୍ତ୍ତେ—ମୁହୂର୍ତ୍ତେ ମାତ୍ର । ତା' ଉପରେ ଭାଇ ହସିଉଠିଲେ । ଅନ୍ଧକାର ମିଳେଇଗଲା । ସୁନା ଆଲୁଅ ଖେଳିବୁଲିଲା । ଭାବିଥିଲି ଗୋଟାଏ ପ୍ରଳୟଙ୍କର କାଣ୍ଡ ଘଟିଯିବ, ଭାଇ ଅଗ୍ନିଶର୍ମା ହୋଇ ଉଠିବେ କ୍ରୋଧରେ । ଯୋଉଠି ସମସ୍ତେ ମଦ ଖାଆନ୍ତି, ସେଠି ଜଣେ ବସି କାଚ ଗ୍ଲାସରେ ଦୁଧ ପିଇଲେ କିଏ ବିଶ୍ୱାସ କରିବ ? ସମସ୍ତେ କହିବେ—ମଦ, ମଦ ।…କିନ୍ତୁ ଆଶ୍ଚର୍ଯ୍ୟ, ଭାଇଙ୍କ ମୁହଁରେ ତା'ର କ୍ଷୀଣ ଆଭାସ ମଧ୍ୟ ପାଇଲି ନାହିଁ । ସବୁଦିନ ପରି ହସିହସି ଶାନ୍ତ ମନରେ କହିଲେ—ଏତେ ଡେରି କଲ ଧୀରା ! ଆଉ ଟିକିଏ ସକାଳ ଉଠାଇ ଦେଇଥିଲେ ଶିଖର ଉପରକୁ ଯାଇଁ ସୂର୍ଯ୍ୟୋଦୟ ଦେଖିଥାନ୍ତେ । ତା' ପରେ ପର୍ବତର ଧାରେ ଧାରେ ସର୍ପିଳ ପଥରେ ଦୂରଦୂର ଉପଭୋଗ କରିଥାନ୍ତେ ଏଇ କମନୀୟ ପ୍ରଭାତ । ତଥାପି ବେଳ ବଳେଇ ଯାଇନି । ଚାଲ, ଟିକିଏ ବୁଲିଆସିବା ।

ଭାଉଜ ହଠାତ୍ ବସିପଡ଼ିଲେ । କେଜାଣି କାହିଁକି ମୁହଁଟି ତାଙ୍କର କଳା ପଡ଼ି ଯାଇଥିଲା । କହିଲେ—ଆଉ କାଲି ଯିବା । ଭାଇ ଛୁଡ଼ିବା ଲୋକ ନୁହନ୍ତି । ନାହିଁ କରି କୋଉଦିନ ଭାଉଜ ଉତ୍ତର ଯାଇ ନାହାଁନ୍ତି । ଓଠାରେ ଧୋପାରେ ଯେ କୌଣସିମତେ ଭାଇ ନାଅନ୍ତି ।·କିନ୍ତୁ ସେଦିନ କ'ଣ ହେଲା, ସେ ମୋଟେ ବାଧ କଲେନି, ଆଉ ପଦେ ବି କହିଲେନି ଯିବାକୁ । ମତେ କହିଲେ—ଚାଲ୍ ଫାଲ୍‌ଗୁନି ! ଭୁଙ୍ଗାଟାରେ ବସିବସି ଏଠି କ'ଣ କରୁଛୁ ? ପ୍ରଫେସର ଯୋଷୀ ତେଣେ ମଠରେ ଧରି ଅପେକ୍ଷା କରିଛନ୍ତି । ଭାଉଜ ଉଠିପଡ଼ି ଆଉ ଘରକୁ ଚାଲିଗଲେ । ମୋର ମୋଟେ ଇଚ୍ଛା ନ ଥିଲା । ଭାଇ ଟାଣିଟାଣି ମତେ ନେଇଗଲେ ।

ଅଧଘଣ୍ଟା ପରେ ଫେରିଆସି ଦେଖେ ଭାଉଜ ଜିନିଷପତ୍ର ସବୁ ସଜାଡ଼ି ନେଇଛନ୍ତି । ଲୋକ ଜଣେ ବସି ବେଡ଼ିଂ ବାନ୍ଧୁଛି । ଶ୍ରୀମତୀ ଯୋଷୀଙ୍କ ଲକ୍ଷ ଅନୁରୋଧ ସତ୍ତ୍ୱେ ଭାଉଜଙ୍କର ସେଇ ଏକ ଜିଦ୍—ନାଇଁ ଭଉଣୀ ! ଆଜି ବିଦାୟ ଦେ' । ଆଉ ଦିନେ ଆସି ନିଶ୍ଚେ ତୁମ୍ଭମାନଙ୍କୁ ସଙ୍ଗୋଳିଯିବି । ମୁଁ ଅବାକ୍ ହୋଇ ଚାହିଁ ରହିଲି । ମୋଟେ ଦଶଦିନ ହୋଇନି । ଆମର ମାସେ ରହିବା କଥା । ଅଥଚ ଏତେ ଚଞ୍ଚଳ··· ପଚାରିଲି ଆଖିରେ ଚାହିଁରହିଲି ଭାଉଜଙ୍କ ଆଡ଼େ ।

ଭାଇ କିନ୍ତୁ ମୋଟେ ଆଶ୍ଚର୍ଯ୍ୟ ହେଲେନି । ସତେ ଯେମିତି ସିଏ ଆଗରୁ ଜାଣିଥିଲେ ଆଜି ଯିବାକଥା । ମୁରୁକି ହସ ହସି ଥରେ ମାତ୍ର ସେ ଭାଉଜଙ୍କ ଆଡ଼କୁ ଚାହିଁଲେ । ତା'ପରେ ବୁଲିପଡ଼ି ପ୍ରଫେସରଙ୍କୁ କହିଲେ—ଭାଇ ବିଶ୍ୱେଶ୍ୱର ! ଏଥର ବିଦାୟ ଦେ' । ଆମ ପାଇଁ ବହୁତ କଷ୍ଟ କଲୁ । ମାମୁଲି କ୍ଷମାଟାଏ କ'ଣ ମାଗିବି ? ତୁ କ୍ୟାଲ୍‌କଟା ଗଲେ ତୋ' ପିଠିରେ ଦି'ଟା ବିଧା ମାରି ଋଣ ସୁଝେଇ ଦେବି ।

ପ୍ରଫେସର ହତବାକ୍ ହୋଇ ରହିଗଲେ । ମାତ୍ର କାଲି ସନ୍ଧ୍ୟାରେ କଥା ହୋଇଛି—ଆମେ ମାନସରୋବର ଯିବା, ଜମ୍ମୁ ଯିବା, ହିମାଳୟର ଶିଖରକୁ ଯିବା । କାଶ୍ମୀରର କାଣିଚାଏ ବି ଆମେ ଏପର୍ଯ୍ୟନ୍ତ ଦେଖିନୁ । ବୁଲିବାକୁ ଅସୁବିଧା ହେବ ବୋଲି ପ୍ରଫେସର ଦଶଦିନ ଛୁଟି ନେଇଛନ୍ତି । ଅଥଚ ଗୋଡ଼ ପାହି ବି ପାହିନି, ଆମେ ବାହାରିଲୁଣି କଲିକତା ଫେରିବାକୁ !! ଏଥିରେ କିଏ ଆଶ୍ଚର୍ଯ୍ୟ ନ ହେବ ? କିଏ ଦୁଃଖ ନ କରିବ ?

ଶ୍ରୀମତୀ ଫୁଲବାଳା ଭାଉଜଙ୍କ ହାତଧରି ଅତି ଅନୁନୟ ହୋଇ କହିଲେ— ଅପା ! ତମର ସେବା କରିବାରେ ଏ ଗରିବ ଝିଅ ଭଉଣୀ କ'ଣ କିଛି ତ୍ରୁଟି କରିଛି ? ତମେ କେତେ ଭଲ ପାଅ । ନିଜ ମା' ପେଟର ଭଉଣୀ ଭଳି କେତେ ସ୍ନେହ କର । ହାତରେ ଭାତ ଖୁଆଇ ଦିଅନ । ମୋ ମୁହଁ ଟିକିଏ ଶୁଖିଯାଇଥିଲେ ତମ ଦେହରୁ ଆଞ୍ଜୁଳାଏ ରକତ ଶୁଖିଯାଏ । ଅଥଚ ଆଜି··· ମୋ ମୁହଁକୁ ଟିକିଏ ଚାହୁଁନା ? ଦୋଷ କରିଛି ଯଦି, ହାତ ଯୋଡ଼ି କହୁଛି ଅପା ! ମତେ ଏଇ ଥରକ କ୍ଷମା ଦିଅ—କ୍ଷମା ଦିଅ ।

ଭାଉଜଙ୍କ ଆଖି ଛଳଛଳ ହୋଇ ଆସିଲା । ଗୋଟିପଣେ ତାଙ୍କୁ କୁଣ୍ଢେଇ ଧରି କହିଲେ—ଛିଇ, ସୁନାଭଉଣୀଟା ମୋର ! ଏଇ କଥାକୁ ଏତେ ଦୁଃଖ କରୁଛୁ ? ମୁଁ କ'ଣ ଆସିବି ନାହିଁ ? ତୋ ଭଳିଆ ରତ୍ନକୁ ଛାଡ଼ି କିଏ ରହିପାରେ ? ଆଉ ଦୋଷ ? ଏ ଧୂଳିମାଟି ଦୁନିଆର ଲୋକଙ୍କଠି ଦୋଷ ଥାଇପାରେ, ମାତ୍ର କବି କଳ୍ପନାର ଯିଏ ଛବି, ଯିଏ ହିନ୍ଦୁନାରୀର ମଉଡ଼ମଣି, ଯା' ସ୍କନ୍ଧରେ ଚଞ୍ଚଳା, କଣ୍ଠରେ ସରସ୍ୱତୀ, ଓଠରେ ସଦା ହାସ୍ୟମୟୀ ଗଉରୀ—ତା'ର ପୁଣି ଦୋଷ ? ତା'ର ପୁଣି ତ୍ରୁଟି ? ଛି, ବାଇଆଣୀ ହୋ'ନା । ମତେ ବିଦାୟ ଦେ, ମୁଁ ନିଶ୍ଚୟ ଆଉ ଥରେ ଆସିବି ।

ସମସ୍ତେ କହୁକହୁ ଥକଲେ । ପ୍ରଫେସର ଯୋଷୀ ମଧ୍ୟ ଭାଇଙ୍କୁ ବହୁତ ବୁଝେଇଲେ । ଅନୁନୟ କଲେ । ହାତ ଧରିଲେ । ଭାଇ ଭାଉଜଙ୍କ ଆଡ଼କୁ ଗୁହିଁଲେ । କିନ୍ତୁ ତାଙ୍କର ସେହି ଏକ ଜିଦ୍—ଯିବା । ···ଯିବାପାଇଁ ମୋର ଅଣୁମାତ୍ର ଦୁଃଖ ନଥିଲା । ଖାଲି ଏତିକ ଅବ୍‌ଶୋଷ ରହିଲା ଯେ କ'ଣ ପାଇଁ ଏତେ ସହଳ ଯିବା ବୁଝିପାରିଲି ନାହିଁ ।

ସମସ୍ତେ ସଜ ହୋଇ ଗାଡ଼ିରେ ବସିଲୁ । ଭାଇ ହସିହସି ଅଧ୍ୟାପକଙ୍କୁ ନିମନ୍ତ୍ରଣ କଲେ ପୁଣି ଆସିବାକୁ । ଭାଉଜ କହିଲେ—ତୁ ନିଶ୍ଚେ ଆସିବୁ କୁଳ । ତୋ'ର ଭଲଆ କେତେ ସୁନ୍ଦରୀ ସୁଠାମ ତରୁଣୀ ଆମ କୋଣାର୍କ ଦେଉଳରେ ଅଛନ୍ତି ଦେଖାଇନେବି । ମୁଁ ହାତଯୋଡ଼ି କହିଲି—ମୋର ବି ଆପଣମାନଙ୍କୁ ନିମନ୍ତ୍ରଣ ରହିଲା । ଥରେ ଆମ ଗାଁକୁ ଆସିବେ । ମୁଁ ଦେଖେଇ ଦେବି କିମିତି ଆପଣମାନଙ୍କ·ଡରେ ଆମ ଗାଁ ଗାଁରେ ବାଉଁଶ ବୁଦା ଭିତରେ, ଆମ କୁଳସୀମନ୍ତିନୀମାନେ ଆପଣମାନଙ୍କ ଦାଉରୁ ରକ୍ଷା ପାଇବାପାଇଁ କେମିତି ଦେହ, ହାତ, ମୁଣ୍ଡ ଚିତା କୁଟେଇ କଳା ବଲବଲ କରିଛନ୍ତି; ଆଉ ଆମ ଅଝଟ ପିଲାଏ ଏବେ ବି 'ବର୍ଗୀ ଆସୁଛି' ଶୁଣିଲେ କେମିତି ମା'କୁ ଗମ୍ଭୂଡ଼ି କାମୁଡ଼ି ଧରନ୍ତି ।

ସମସ୍ତେ ହୋ ହୋ ହସି ଉଠିଲେ । ଭାଉଜ କହିଲେ—ତମେ କ'ଣ ଆଜି ମଧ୍ୟ ଏମାନଙ୍କୁ ଏଇ ଆଖିରେ ଦେଖ ?

—ବିଲ୍‌କୁଲ ସେଇ ଆଖିରେ—

—ଦେଖନ୍ତୁ ତ ପ୍ରଫେସର ସାହେବ । ଲୋକଟାର ସାହସ ଦେଖନ୍ତୁ । ମୁଁ ଅନୁରୋଧ କରୁଛି, କରନ୍ତୁ ତ ଏଇ ଭଦ୍ରଲୋକଙ୍କୁ ଆଗ ଲୁଟି ।

ମୁଁ ସିଧା ଭାଉଜଙ୍କ ସୁଟ୍‌କେଶ୍‌ଟି ପ୍ରଫେସରଙ୍କ ହାତକୁ ବଢ଼େଇ ଦେଲି—ନଅ ବାବା—

ଗ୍ରାମ ମୋର ଅଟେ ଚମ୍ପତି
ଏତିକି ମାତ୍ର ଜୀବନେ ମୋର ସମ୍ପତ୍ତି ।

ହସିହସି ଗାଡ଼ି ପଢ଼ିଲେ ପ୍ରଫେସର । ଭାଇ ମଧ୍ୟ ହସିହସି କାନ ଧରିଲେ—'ଫାଜିଲ୍‌ଙ୍କ ଓସ୍ତାଦ୍ ।'

ଟ୍ରେନ୍ ଛାଡ଼ିବାକୁ ବସିଲା । ସବୁ ହସ ସତ୍ତ୍ୱେ ପୁଣି କଳାମେଘ ଘୋଟି ଆସିଲା । କୁଳବାଳା ଭାଉଜଙ୍କୁ ଧରି ଭେ ଭେ କାନ୍ଦି ଉଠିଲେ । କହିଲେ—ଅପା ! ମରି ମାଟିରେ ମିଶିବି ପଛକେ ତମ ସ୍ନେହ ଜୀବନରେ ଭୁଲିପାରିବି ନାହିଁ । ତମେ ଖାଲି ଧୀରା ନୁହଁ ହୀରା ଖଣ୍ଡିଏ ।

ଗାଡ଼ି ଛାଡ଼ିଦେଲା ।

## ସାତ

କାଶ୍ମୀରରୁ ଫେରିବାର ଗୃହେଟି ଦିନ ପରେ—

ଅନନ୍ତ ଆକାଶରେ କରୁଣ ଚିତ୍କାର କରି ପକ୍ଷୀଟିଏ ଉଡ଼ିଗଲା । ଭାଉଜ ସେଇ ଆଡ଼କୁ ଲକ୍ଷ୍ୟହୀନ ଦୃଷ୍ଟିରେ ଚାହିଁ ରହିଥାନ୍ତି । ସେଇଦିନର ଘଟଣାଠାରୁ କେଜାଣି କାହିଁକି ସେ ବଡ଼ ଉଦାସୀନ ହୋଇ ପଡ଼ିଛନ୍ତି । ଝରଣା ମୁହଁରେ କିଏ ଯେମିତି ଏକ ବିରାଟ ବନ୍ଧ ବାନ୍ଧି ଦେଇଛି । ଝରଣାର ସେ କଳକଳ ଛଳଛଳ ଧ୍ୱନି ଆଉ ଶୁଭୁନି । ବାଲୁକା କୋଳରେ ହଜି ଯାଉଛି ତା'ର ଅସ୍ତିତ୍ୱ । ସେଦିନ—ଦୋମହଲାର ବାରଣ୍ଡା ଉପରେ ଦୁହେଁ ବସିଥିଲୁ । ଭାଇ ତାଙ୍କ ହେଡ୍‌ଅଫିସ ରାଞ୍ଚିକୁ ଯାଇଥାନ୍ତି । ଅନେକ ସମୟୁ ବସିଛୁ କାହାରି ତୁଣ୍ଡରେ କଥା ନାହିଁ । ସତେ ଯେମିତି

ମୁସାଫେରଖାନାର ଦୁଇଟି ଅପରିଚିତ ଯାତ୍ରୀ । ମୁଁ ହିଁ ପ୍ରଥମେ ନୀରବତା ଭଙ୍ଗ କଲି—ତମେ ଭୁଲ୍ କଲ ଭାଉଜ ! କଥାଟା ଖୋଲି ଖୋଲି କହି ଦେଇଥିଲେ କାଳୀବଉଦ ଏତେ ଘନେଇ ଉଠି ନ ଥାନ୍ତା !

—ଥାଉ ! ତମେ ପିଲା ଲୋକ । ବୁଝିପାରିବ ନାହିଁ ।

—କାହିଁକି ? ଶୁଭ୍ରବସନା ସରସ୍ୱତୀଙ୍କ ଅଙ୍ଗରେ ସେ କର୍ଦ୍ଦମ ବୋଳିବେ ଆଉ ତମେ ନୀରବରେ ମଥା ପାତି ତା' ସହ୍ୟ କରିବ ?

—ଛିଇ ! ଭାଇଙ୍କ ବିରୁଦ୍ଧରେ ଏମିତି କହନ୍ତି ?

—ଭାଇଙ୍କ ବିରୁଦ୍ଧରେ ନୁହେଁ, ଅନ୍ୟାୟର ବିରୁଦ୍ଧରେ ।

—'ଅନ୍ୟାୟ ?'···ଭାଉଜ ହସିଲେ—ଅନ୍ୟାୟ କିଛି ନୁହେଁ ଠିକ ପୁଅ ! ଏଇଆ ହୁଏ । ମୁଁ ଏ ଘରେ ଗୋଡ଼ ଦେଲା ଦିନୁ ଜାଣିଥିଲି ଏଇଆ ହେବ । ଖାଲି ଭାଇ ଓ ତମେ ଏତେ ବଡ଼ ବଡ଼ ଦୁହା ଉଠାଉଥିଲ ସିନା, ମୁଁ ଜାଣେ ତମ ଭିତରର ମଣିଷଟି କେତେ ଶ୍ରେଷ୍ଠ ।

···'ଭାଉଜ !'

···ହେଇ ଦେଖ । ପଡ଼ିଆରେ ଗାଈଟି ଚରୁଛି । ତା'ପାଖରେ କଅଁଳା ବାଛୁରୀଟିଏ । ଖେଳୁଛି, ବୁଲୁଛି । ମା ପହ୍ନାରୁ କ୍ଷୀର ଖାଉଛି ବେଳେବେଳେ । ଶ୍ରେଷ୍ଠ ଛୁଆଟିଏ—ସରଳ, ନିରୀହ, ନିଷ୍ପାପ ଶିଶୁଟିଏ ତା'ପାଖକୁ ଆସିଲା । ଧରିବାକୁ ହାତ ବଢ଼େଇଲା । ନେଇଯିବା ପାଇଁ ନୁହେଁ, ଦୁହେଁ ସାଙ୍ଗ ହେଇ ଦଣ୍ଡେ ଖେଳିବାକୁ—କଅଁଳ ଘାସ ଉପରେ ଫୁରୁରୁ ଫୁରୁରୁ ଟିକିଏ ଡେଇଁବାକୁ । କିନ୍ତୁ ଗାଈ ? ଗାଈ ଏତେ ସ୍ୱାର୍ଥପର ! ଦେବଶିଶୁଟିର ମନ ବୁଝିଲା ନାହିଁ । ତା'କୁ ମାରି ଗୋଡ଼େଇଲା । ମୁନିଆ ଶିଙ୍ଗ ନେଇ ଭୁଷି

ଦବାକୁ ବସିଲି ତା' ପେଟ ଭିତରେ । ଛି, ଛି, ଏଡ଼େ ସ୍ୱାର୍ଥପର, ଏଡ଼େ ଅବିବେକୀ, ଏଡ଼େ ହୃଦୟହୀନ……

…ଭାଉଜ ! ଭାଉଜ ! ତମେ କ'ଣ ପାଗଳ ହେଲ ଭାଉଜ ! ଦେବତାଙ୍କ ବିରୁଦ୍ଧରେ ଦାସୀର ଏ ଅଭିଯୋଗ ଶୋଭା ପାଏନା । ମୁଁ ସବୁ ସହିପାରିବି, ମୁଁ କାନ୍ଦି କାନ୍ଦି ମରିପାରିବି, କିନ୍ତୁ ତମେ ଅସୁନ୍ଦର ହେଲେ ମୁଁ ସହିପାରିବି ନାହିଁ । ତମେ ସୁନ୍ଦର ହୁଅ ଭାଉଜ, ତମେ ଶୁଭ୍ର ହୁଅ, ପବିତ୍ର ହୁଅ, ନିର୍ମଳ ହୁଅ ।

ଦୁଇଟି ମୁକ୍ତା ଖସିପଡ଼ିଲା ଦେବୀଙ୍କ ନୟନରୁ । ସେ ଅନ୍ୟ ଆଡ଼େ ମୁହଁ ବୁଲାଇଲେ । ପୁଣି ନୀରବତା । ଅଖଣ୍ଡ ନୀରବତା… ପୁନିହବା କପୋଣଟିଏ ଥରଥର ବାହୁନି ଉଠୁଥିଲା ଖାଲି ଗଛ ଡାଳରେ । କେତେବେଳେକେ…ମୁଁ କହିଲି ମତେ ଅନୁମତି ଦିଅ, ଭାଉଜ ! ମୁଁ ଅପସରି ଯାଏ । ସବୁ ଅଶାନ୍ତିର ଘନଘଟା ତୁଟିଯିବ ।

ସେ କିଛି କହିଲେ ନାହିଁ । ଶୂନ୍ୟ ଆକାଶକୁ ଚାହିଁ ରହିଲେ ଖାଲି ନୀରବରେ ।

•• ହଁ, ସେଇଆ ଭଲ ହେବ । ଅକଳଙ୍କ ଦେବୀ ପ୍ରତିମାରେ ଆଉ ଲାଗିବ ନାହିଁ କଳଙ୍କ, କିମ୍ବା ଦେବତୁଲ୍ୟ ଭାଇଙ୍କି ମୋର ତମେ ଦେଖିବ ନାହିଁ ଏତେ ହୀନ ଦୃଷ୍ଟିରେ । ହାତ ଯୋଡ଼ୁଛି ଭାଉଜ ! ମତେ କ୍ଷମା କର । …ବିଦାୟ ଦିଅ ।

—ଠିକ ପୁଅ ! ଭାବିଥିଲି ତମେ ସରଳ, କିନ୍ତୁ ତମ ମୁଖରେ ଆଜି ଗରଳ ଆସିଲା କେମିତି ?

…ଭାଉଜ !—ବିକଳ ହୋଇ ମୁଁ ଚାହିଁରହିଲି ।

ମନେ ନାହିଁ ? ମନେ ନାହିଁ ସେଦିନର କଥା ? କେତେ ସ୍ନେହରେ, କେତେ ଆଦରରେ ସେଦିନ ମା' ବୋଲି ଡାକିଥିଲି ନା ?

ମା'ଙ୍କୁ ଛାଡ଼ି ପୁଅ କ'ଣ ଚାଲିଯାଏ ? ମା' ଯେତେ ଅସୁନ୍ଦର ହେଉ, ଅସଜ୍ଞା ହେଉ, ଭ୍ରଷ୍ଟା ହେଉ······

···ଭାଉଜ! ଭାଉଜ !—ମୁଁ କାନ୍ଦି ଉଠିଲି—ଏତେ ନିଷ୍ଠୁର ତମେ ? ଛାଇ ଛାଇ ମୁଗୁର ପିଟି ପାର ଛାତି ଉପରେ ?··· ମୁଁ ଏଇଠି ତମରି ଆଗରେ ମରିବା ପଛେ, ତମକୁ କେବେ ଛାଡ଼ି ଯିବି ନାହିଁ—କେବେ ଛାଡ଼ି ଯିବି ନାହିଁ ।

ଭାଉଜ ଆଉ ରହିପାରିଲେ ନାହିଁ । ଘର ଭିତରକୁ ଉଠିଗଲେ । ଗଛଡାଳରେ କପୋତଙ୍କର ବିକଳ ଚିତ୍କାର ବେଳୁବେଳ ବଢ଼ୁଥାଏ ।

ଅଫିସ୍ ପିଅନ ମାଲୋପୂଲ ଗୋଟାଏ ଡାକ ଆଣି ଦେଇଗଲା । ଘରୋଇ ଚିଠି କାହାରି ନ ଥିଲା । ଭାଉଜ କୌତୂହଳୀ ହୋଇ ଅଫିସ ଚିଠି ଖଣ୍ଡିଏ ଖୋଲିଲେ । ଏକ, ଦୁଇ, ତିନି, ଚାରି—ଗୋଟିକ ପରେ ଗୋଟିଏ ଦେଖିଗଲେ । ବୋଧେ ଏଣୁ ତେଣୁ, ମାମୁଲି । ଆନନ୍ଦ ବା ବିସ୍ମୟ ଦେଲାଭଳି କିଛି ନାହିଁ । ମୋଡ଼ାମୋଡ଼ି ରଖି ଦେଉଥିଲେ, ହଠାତ୍······ହଠାତ୍ କ'ଣ ଦେଖି ଚମକି ପଡ଼ିଗଲେ । ଥରିଉଠିଲେ ଗୋଟିପଣେ । ହାତରୁ ସମୁଦାୟ କାଗଜ ଫର୍‌ଫର୍ ହୋଇ ତଳେ ଖସିପଡ଼ିଲା ।

ମୁଁ କିଛି ବୁଝି ପାରିଲି ନାହିଁ । ଭାଉଜ ଗୋଟିଏ ସୋଫା ଉପରେ ଗଡ଼ି ପଡ଼ି କଇଁକଇଁ ହୋଇ କାନ୍ଦି ଉଠିଲେ । ମୋର ଅନ୍ତରାତ୍ମା ଥରି ଉଠିଲା ଭୟରେ । କଣ ହେଲା ? କ'ଣ ହେଲା ? କହି ଦଉଡ଼ି ଆସିଲି । କହିଲେ—କିଛି ନାହିଁ । ତମେ ଯାଅ, ତମେ ଯାଅ ଫାଲ୍‌ଗୁନ । ···ମତେ କିଛି କୁହ ନାହିଁ ।

ନଇଁ ପଡ଼ି ଚିଠିଯାକ ତଳୁ ଗୋଟେଇଲି । ଘରସାରା ଖେଳେଇ ହୋଇ ପଡ଼ିଥାଏ । ସେ ଜଙ୍ଗଲରୁ ଦଂଶନକାରୀ ସାପକୁ ଖୋଜି ପାଇବା କଷ୍ଟ । ହଁ, ହଁ ପାଇଲି । ପାଇଲି ସେ ଚିଠି······

ହାଇଦ୍ରାବାଦ୍······ଭାଇଙ୍କର ହାଇଦ୍ରାବାଦ୍ ବଦଳି—ଚିଠି ଆସିଛି ତାଙ୍କ ହେଡ୍ ଅଫିସ୍‌ରୁ । ଏତେବେଳେ ବୁଝିଲି ଭାଇ କାହିଁକି କାଶ୍ମୀରରୁ ଫେରୁ ଫେରୁ ତାଙ୍କ ହେଡ୍ ଅଫିସ ରାଞ୍ଚି ଯାଇଛନ୍ତି ।

ନିଜ ଉପରେ ବଡ଼ ଘୃଣା ଆସିଲା । ମୋର ଲାଗି ଯା'ଙ୍କର ଏତେ ବଡ଼ ସୁନାର ସଂସାର ଚୂନା ହେବାକୁ ବସିଛି । ଭାଉଜଙ୍କ ଭଳି ସତୀ, ସାଧ୍ୱୀ, ସାବିତ୍ରୀଙ୍କର ଶୁଭ୍ର ଅଙ୍ଗରେ କଳଙ୍କର କାଳିମା !! ଲଜ୍ଜାରେ ମୁଣ୍ଡ ଛିଡ଼ି ପଡ଼ୁଛି । କଥା ପଦେ କହିବାକୁ ତୁଣ୍ଡ ଫିଟୁ ନାହିଁ । ଛି, ଛି, ମୁଁ କ'ଣ କଲି ? ଅମଙ୍ଗଳର ଧୂମକେତୁ ଭଳି କାହିଁକି ଦେଖାଦେଲି ତାଙ୍କ ଜୀବନରେ ? କାହିଁକି ଜାଳି ପୋଡ଼ି ପାଉଁଶ କରିଦେଲି ଏଇ ଶାନ୍ତିମୟ କୁଟୀର ? ଘୃଣାରେ ଅନ୍ତର ଭରିଗଲା । ଯେତେ ଯୁକ୍ତିର ଆଶ୍ରୟ ନେଲେ ବି ନିଜକୁ କ୍ଷମା କରିପାରିଲି ନାହିଁ ।

ଗଭୀର ହତାଶାରେ ଫେରି ଆସୁଛି, ଭାଉଜ ଡାକିଲେ— କୁଆଡ଼େ ଯାଉଛ ?

···ଯାଉଛି ? ଯାଉଛି ତାଙ୍କର ପାଖକୁ । ତାଙ୍କର ଉଦ୍‌ଭ୍ରାନ୍ତ ମଥାଟିକି ଛାତିରେ ରଖି ପଚାରିବି—କୁହ, କୁହ ଯା'ଭିତରେ କ'ଣ ଶୁଣୁଛ ? ଏଠି ଲୁହର ଝରଣା ନା ଲହୁ ଖାଇବା ପାଇଁ ହିଂସ୍ର ପିପାସା ? ଏଠି ମଣିଷର ମଙ୍ଗଳମୟ ଧ୍ୱନି ନା ପଶୁର ବିକଟ ଗର୍ଜନ ? ସେ ଚିହ୍ନିବେ । ସେ ନିଶ୍ଚେ ଚିହ୍ନିବେ । ଏତେଦିନ ଯାହାକୁ କୋଳେଇ କାଖେଇ ମଣିଷ କଲେ—ବୁକୁ ଉପରେ ତୋଳିଧରିଲେ ଛୁଆପୁଅଟି ଭଳି, ···ତା' ହୃଦୟର ସ୍ପନ୍ଦନ କ'ଣ ସିଏ ବୁଝିବେ ନାହିଁ ?

—ଥରେ କହିଲି ଠିକ ପୁଅ ! ତମେ ପିଲାଲୋକ । ଏ ବିଷୟରେ ମୁଣ୍ଡ ଖେଳାଅ ନାହିଁ । ହୁଏତ ଭାବି ଭାବି ତମେ ଯୋଉ ସିଦ୍ଧାନ୍ତରେ ଉପନୀତ ହେବ ସେ ସିଦ୍ଧାନ୍ତ ଏକ ମସ୍ତ ବଡ଼ ଭୁଲ୍ । ସ୍ନେହ

କରି ନାହିଁ ବୋଲି କହିଲେ କେହି ବିଶ୍ୱାସ କରିବେ ନାହିଁତ ! ବରଂ ପୂର୍ବର ଅବିଶ୍ୱାସ ହେବ ଘନୀଭୂତ—ବଳବତ୍ତର ।

—ତା ହେଲେ ଏଠି ଧର୍ମ ନାହିଁ ? ·· ସତ୍ୟ ନାହିଁ ? —ନ୍ୟାୟ ନାହିଁ ?

—ସବୁ ଅଛି, ନାହିଁ କେବଳ ମଣିଷ ମନର ସ୍ଥିରତା । ମନ ଦୃଢ଼ କର । ଗଭୀର ଆତ୍ମ-ବିଶ୍ୱାସ ଆଣ । ସବୁ ଠିକ୍ ହୋଇଯିବ । ସତ ହେଉ, ମିଛ ହେଉ, ଧୂଆଁ ଯେତେବେଳେ କୁହୁଳିଲାଣି, ହୁଏତ ଜଳିବ କିମ୍ବା ଆସ୍ତେ ଆସ୍ତେ କିଛି ଦିନ ପରେ ଲିଭିଯିବ । ହଠାତ୍ ତାକୁ ଲିଭେଇ ଦେବାକୁ ବସିବା ନିର୍ବୋଧତା ସିନା ।

—କିନ୍ତୁ ଏ ଯେ ନିଆଁ ନ ଥାଇ ଧୂଆଁ । ବିନା ମେଘରେ ବଜ୍ରପାତ ।

—ତା' ହେଲେ ତ ତାକୁ ହସି ହସି ଉଡ଼େଇ ଦେବା ଉଚିତ । ମିଥ୍ୟା ଅପବାଦକୁ ବିଟପି ସିନା ଡରେ, ସଚ୍ଚ କ'ଣ ଡରିବ ?

—ଲୋକେ ତ ଆଉ ସତ ମିଛ ବୁଝିବେ ନାହିଁ । ସମସ୍ତେ କରିବେ ଛିଙ୍କିକାର । ସମସ୍ତେ କହିବେ ଛି···

—କହନ୍ତୁ । ନିଜ ମନଟି ଯଦି ନିର୍ମଳ, ପର କଥାରେ ମୁଣ୍ଡ ପିଟି ଲାଭ କ'ଣ ?

—ଘର ଲୋକେ ବି ବାଦ୍ ଯିବେନି । ତାଙ୍କର ହାଡ଼-ଜଳା କଥା ଗୁଚ୍ଛରୁ କଳଙ୍କ ଟାଣି ଆଣିବ ।

—ଏପରି ଲୋକର ନିର୍ବୋଧତାରେ ମୁଁ ଖାଲି ଠୋ ଠୋ ହସିବି । ତିଳେ ମାତ୍ର ଦୁଃଖ କରିବି ନାହିଁ ।

—ତା ଏତିକବେଳକୁ ଜଣା ପଡ଼ିଲାଣି । ହସର ଯୋଉ କୂଳ-ଉଚ୍ଛୁଳା ନଈ ବହି ଆସିଲାଣି ତମ ନୟନରୁ—

ଭାଉଜ ମୁହଁ ବୁଲାଇଲେ, ନୀରଧାର ଏତେବେଳଯାଏ ବି ଶୁଖିନି ।

କହିଲି—ତମେ ଏମିତି ଭିତରେ ଭିତରେ ସନ୍ତୁଳି ହୋଇ ମରିବ ଆଉ ବାହାରେ କହିବ କିଛି ନାହିଁ, ମୁଁ ସୁଖରେ ଅଛି— ଯା' କିଏ ବିଶ୍ୱାସ କରିବ ?

ମୁଁ କାହିଁକି ମରୁଛି ତମେ ବୁଝିପାରିବ ନାହିଁ ଫାଲ୍‌ଗୁନି ! ତମେ ବୁଝି ପାରିବ ନାହିଁ—କୋହ ବେଶୀ ବେଶୀ ଉଠିଲା ।

ମୁଁ କିଛି କହିବାକୁ ସାହସ କଲିନି ।

···ତମେ ଯାଅ, ତମେ ଯାଅ, ଟିକି ପୁଅ । ତମକୁ ଅଞ୍ଚଳ ତଳେ ଘୋଡ଼େଇ ରଖିବାର ଶକ୍ତି ମୋର ନାହିଁ । ଝଡ଼ ଉଠିଛି, ପ୍ରବଳ ପ୍ରଭଞ୍ଜନର ଧକ୍‌କା ସହି ନପାରି ଗଛ ଡାଳର ଟିକି ବସାଟି ଛିଡ଼ି ପଡ଼ୁଛି । ଅସହାୟ ପକ୍ଷିଣୀ, ଅକ୍ଷମତାର କରୁଣ ଆର୍ତ୍ତନାଦ ଖାଲି ତା' କଣ୍ଠରେ । କିନ୍ତୁ···କିନ୍ତୁ କ୍ଷୁଦ୍ର ଶାବକଟିକି ଧରି ରଖିପାରୁନି । ଅନାଥ କରି ଅରକ୍ଷ କରି ଫିଙ୍ଗି ଦେଉଛି—ଭସାଇ ଦେଉଛି ଅଥଳ ନଈରେ । ତମେ ଯାଅ । ଯାଅ ଟିକି ପୁଅ । ଜନମି ଆଜି ମରିଛି—ଜନମି ଆଜି ମରିଛି ।

ଭେ ଭେ କାନ୍ଦି ଉଠି ଛାତି ଉପରକୁ ଫଳେଇଲେ ଭାଉଜ । ମୁଁ ସ୍ତବ୍‌ଧ ହୋଇ ଖାଲି ଚାହିଁ ରହିଥିଲି ।

## ଆଠ

ସେଦିନ ସୂର୍ଯ୍ୟ ଉଠିଥିଲେ । ପଶ୍ଚିମରେ ବୁଡ଼ିଗଲେ । ପୁଣି ଆରଦିନ ଆଲୋକର ବିଚିତ୍ର ବର୍ଣ୍ଣବିଭା ରଚି ଉଇଁ ଆସିଲେ ପୂରୁବ ଆକାଶରେ । କିନ୍ତୁ ସାରାଦିନ ସାରାରାତି ସେହିପରି କଟିଲା । କାହାର ଚକ୍ଷୁକୁ ବିନ୍ଦୁଏ ଜଳ ବି ଗଲାନି । ଶରାହତ ପକ୍ଷିଣୀଟି କଲବଲ ହେଇ ହେଇ ଶେଷକୁ ଅଚେତ ହେଲି ପଡ଼ିଗଲା ଭୂଇଁରେ । ମୁଁ ଥରି ଉଠିଲି । ଡରି ଗଲି, କିନ୍ତୁ ଭରସି ପାଖ ପଶି ପାରିଲି ନାହିଁ ।

ଦୂରରେ ବସି ବସି କେତେବେଳେ ଯେ ମୋତେ ନିଦ ହୋଇ ଯାଇଛି ଜାଣେନା ।

ଭାଇ ଫେରିଲେ ସକାଳ ଆଠଟାରେ । ଭାଉଜ ସେତେବେଳ-ଯାଏ ବି ପଲଙ୍କରେ ଶୋଇଛନ୍ତି । ମୁଁ ଗୋଟାଏ ଇଜି ଚେୟାରରେ ପଡ଼ି ଯାଇଛି କ୍ଳାନ୍ତ ହୋଇ । ଭାଇ ଚିତ୍କାର କରି ଉଠିଲେ—ଧୀରା ! ଧୀରା ! ···ତମେ କାନ୍ଦୁଥିଲ ?

ମୁଁ ଧଡ଼ପଡ଼ ହୋଇ ଉଠି ବସିଲି, ଭାଉଜ ଧୀରେ ଧୀରେ ଆଖି ମେଲିଲେ ।

···ତମେ କାନ୍ଦୁଥିଲ ଧୀରା ? କ'ଣ ହୋଇଛି ତମର ? ତମେ ଯେ ଶୁଖି କଳାକାଠ ପଡ଼ିଗଲଣି—

ଭାଉଜ କିଛି ଉତ୍ତର ଦେଲେନି । ଧୀରେ ଧୀରେ ଉଠି ଚାଲିଗଲେ ବାଥ୍ ରୁମ୍‌କୁ । ଅପରାଧୀ ଭଳି ଭାଇ ଚାହିଁ ରହିଲେ ।

ପାଞ୍ଚ ମିନିଟ୍ ପରେ । ଭାଉଜ ଡାକ ଛାଡ଼ିଲେ—କମଳ ! କମଳ ! ସାହେବଙ୍କ ପାଇଁ ଚା' ନେଇ ଆ' ତ ।

—ନିଅ ମା' !

ଆଉ ସମୀର୍‌କୁ ଡାକ ଦେ ଗାଡ଼ି ନେଇ ଗଙ୍ଗାକୂଳରେ ଧୋଇ ଆଣିବ ।

ଆଜ୍ଞେ—

ନୂଆଉ ବସିପଡ଼ି ଭାଇଙ୍କ ଜୋତାର ଲେସ୍ ଖୋଲିଲେ ।

—ଥାଉ । ତମେ ବସ । ମୁଁ ତମ ପ୍ରତି ଅନ୍ୟାୟ କରିଛି ଧୀରା—

ନୂଆଉ ଶୁଣିଲେ ନାହିଁ, ଜୋତା ଖୋଲସାରି ମୋଜା ଖୋଲିଲେ । ପାଦତଳେ ଚପଲ ଆଣି ରଖିଲେ । ଦେହରୁ କୋଟ ନେଇ ବ୍ରାକେଟ୍‌ରେ ରଖିଦେଲେ । ଭାଇ ସକାଳୁ ରେଡ଼ିଓ ଶୁଣିବାକୁ ଭଲ ପାଆନ୍ତି । ଭାଉଜ ଡାଏଲ୍ ଘୂରେଇଲେ । ଦିଲ୍ଲୀରେ ଭଲ

ଗୀତ ନ ଥିଲା । ସିଲୋନ୍‌ରେ ଆନ୍ଧ୍ର ସଙ୍ଗୀତ । ଏଲାହାବାଦରେ ନଉଜ୍ । କଟକ ଦେଲେ । ସୁମତି ଦେବୀ ଗାଉଛନ୍ତି—'ତମେ ଯଦି ପ୍ରିୟ ! ବେଦନା ନ ବୁଝ, ଘାଇ ହେବ ହତଶିଶ—ଝୁରିଝୁରି ଯିବ ମରି···'ମୁଁ ଭାଇଙ୍କ ଆଡ଼କୁ ଚାହିଁ ରହିଲି । ଭାଇ ଭାଉଜଙ୍କୁ ଚାହିଁଲେ । ଭାଉଜ କ'ଣ ଗୋଟାଏ କାମର ବାହାନାରେ ଆର ଘରକୁ ଚାଲିଗଲେ ।

କମଳ ଚା' ଆଣିଛି । ଗରମ ପାଣି, ଗରମ ଦୁଧ, ଚିନି, ଚା' ପୁଡ଼ା—ସବୁ ଅଲଗା ଅଲଗା । ଭାଉଜ କହିଲେ—ଚା' ତିଆରି କରି ଦେ' । ସେ ବୋକାଙ୍କ ଭଳି ଚାହିଁ ରହିଲା । ଭାଇ ଗର୍ଜି-ଉଠିଲେ—ତୁମ୍ ଯାଓ ହିଆଁସେ ।···ବୁଦ୍ଧୁ କାହାଁକା । ବିଚାରା ଓରମର ସେ ଗୁନିଆ । ପଳେଇ ଯିବାକୁ ବାଟ ପାଉଲାନି ।

ଭାଇ କହିଲେ—ଧୀରା ! ପାଣି ଗିଲାସେ ମୋର କେତେବେଳେ ଦରକାର ହୁଏ ମୁଁ ନିଜେ ଜାଣେନା, ତମେ ଜାଣ, ···ମୁଁ କୋଉ ପୋଷାକ ପିନ୍ଧିବି, କୋଉ ଜୋତା ମାଡ଼ିବି,···କୋଉ ଗାଡ଼ି ଧରି ବୁଲିଯିବି ତା' ତମେ ବହୁ ଆଗରୁ ସଜେଇ ରଖିଥାଅ । ଦୁଇ ଓଳି ରୋଷେଇ ଶାଳରେ ପଶି ନିଜ ହାତରେ ରାନ୍ଧିବାଢ଼ି ପାଖରେ ବସି ନ ଖୋଇଲେ ତମ ପେଟକୁ ଭାତ ଯାଏନା । ଏଇଟା ଖାଅ, ସେଇଟା ଖାଅ, ପୁଡ଼ିଂ ଆଉ ଟିକିଏ ଦିଏ, ପାମ୍ପଡ଼ ଖଣ୍ଡେ ନିଶ୍ଚେ ଖାଇବାକୁ ହେବ—ବାଞ୍ଛି ଦେଉଁ ଦେଉଁ ତମେ କେତେ ଅଳି କର—ହାତ ଧରି ଅଝଟ ଲଗାଅ । ଅଥଚ ଆଜି ? ଆଜି ଚା' କରିବାକୁ କହୁଛ କମଳକୁ ? କମଳକୁ ଦିନେ ଜଳଖିଆ ମାଗିଥିଲି ବୋଲି ତମେ କେତେ ଲୁହ ଛଳଛଳ ଆଖିରେ ଆସି କହିଥିଲ—କାହିଁକି, ଧୀରା କ'ଣ ମରିଗଲାଣି ! ମନେ ନାଇଁ ? ମନେ ନାଇଁ ସେ କଥା ?

ଭାଉଜ କିଛି କହିଲେ ନାଇଁ । ରାମ କି ବିଷ୍ଣୁ ପାଟି ଫିଟେଇଲେ ନାହିଁ । ନଇଁ ପଡ଼ି ଚା' ତିଆରି କଲେ । ଚାମଚରେ

ଟିକିଏ ମଇଳା ଲାଗିଥିଲା । କମଳକୁ ଡାକିଥିଲେ ଦଶଥର ଗୃହମଣ ଧରି ଧାଇଁ ଆସିଥାନ୍ତା କ୍ଷଣକେ, କିନ୍ତୁ ସେ ଡାକିଲେ ନାହିଁ । ନିଜେ ବାଥ୍‌ରୁମ୍‌କୁ ଯାଇ ସେଇଟିକି ଧୋଇ ଆଣିଲେ । ବୁଝିଲି— କଥା କହିବା ବା ମଥା ଟେକି ଚାହିଁବା ଅବସ୍ଥାରେ ସେ ନାହାନ୍ତି । କଳାହାଣ୍ଡିଆ ମେଘ ଫାଟି ପଡ଼ୁଛି ଆକାଶରେ । ଟିକିଏ କୋଉଠି ଥଣ୍ଡା ପବନ ପାଇଲେ ଝିରି ଝିରି ହୋଇ ଅଜାଡ଼ି ହୋଇ ପଡ଼ିବ । ······ଚା, ବଢ଼ାଇଦେଲେ । ଭାଇ ସସର୍‌ରେ ମୁହଁ ଦେଇଛନ୍ତି, କେଜାଣି କ'ଣ ହେଲା, ଭାଉଜଙ୍କ ପାଟିରୁ ବାହାରି ପଡ଼ିଲା—ତମେ ଖାଇବ ? ଖାଇବ ସେ ଚା' ? ତାକୁ ଯେ ତିଆରି କରିଛି କୁ—ଳ —ଟା ? ?

'ଧୀରା ! '—ଭାଇ ଚିତ୍କାର କରି ଉଠିଲେ । ହାତର କପ୍ ସସର୍ ତଳେ ପଡ଼ି ଚୂନ୍‌ଚୂନା ହୋଇଗଲା । ଭାଉଜଙ୍କୁ ଧରିବାକୁ ଧାଇଁ ଯାଉଥିଲେ ଟି'ପୟ୍‌ରେ ଧକ୍‌କା ଲାଗିଲା । ଟ୍ରେ ସହିତେ ସବୁ ଓଲଟି ପଡ଼ି ଭାଙ୍ଗିଚୂରି ହେଲା ଛତରଛାଉଳ । ବନ୍ଧ ଭାଙ୍ଗି ଯାଇଥିଲା । ନଈ ବହି ଆସୁଥିଲା ପ୍ରବଳ ବେଗରେ । ଭାଉଜ ଆଉ ଘରକୁ ଚାଲିଗଲେ । ଭାଇଙ୍କର ପଦେ କଥା ବି ଶୁଣିଲେ ନାହିଁ ।

ମୁଁ ଏ ଦୃଶ୍ୟ ସହି ପାରିଲି ନାହିଁ । ଲୁହଭରା ଆଖିରେ ତଳକୁ ଓହ୍ଲାଇ ଆସିଲି ।

ଅଧଘଣ୍ଟା ପରେ—ଗାଧୋଇ ସାରି ମୁଣ୍ଡ କୁଣ୍ଡାଉଛି, ଉପରୁ ଡାକ ଆସିଲା—ଟିକି ପୁଅ ! ଆସ ଟିକିଏ କ'ଣ ଖାଇବ । ଗଲି, ଖାଇବାକୁ ନୁହେଁ, ଦେଖିବା ପାଇଁ କ'ଣ ହେଉଛି । ଭାଇ ସେତେବେଳ ଯାଏ ବି ସେମିତି ପଇଁତରା ମାରୁଛନ୍ତି ବାରଣ୍ଡାରେ । ଭାଉଜ ବ୍ରସ ଓ ଟୁଥ୍‌ପେଷ୍ଟ ଧରି ଠିଆ ହୋଇଛନ୍ତି ଗୋଟିଏ

ପାଖରେ । ଦୁହେଁ ଗମ୍ଭୀର । କାହାରି ମୁହଁରେ ଭାଷା ନାହିଁ । ଅଶେଷ ଚିଂତାରେଖା ଫୁଟି ଉଠୁଛି କପାଳରେ ।

କମଳ ମୋ ପାଇଁ ଜଳଖିଆ ଆଣି ଟେବଲ୍‌ରେ ରଖିଲା । ଚା’ ଆଣିବା ପାଇଁ ତରତର ହୋଇ ଚାଲି ଯାଉଥିଲା, ହଠାତ୍ ଆଖି ପଡ଼ିଲା, ଭଙ୍ଗାରୁଜା ହୋଇ ପଡ଼ିଥିବା କପ୍ ପିଆଲା-ଗୁଡ଼ିକ ଉପରେ । ସେ ଆଁ କରି ରହିଗଲା । ଘଡ଼ିଏ କିଂକର୍ତ୍ତବ୍ୟ-ବିମୂଢ଼ ହୋଇ ଚାହିଁ ରହିଲା ଖାଲି ଏଣେତେଣେ । ମନେମନେ ବୋଧେ କାହାକୁ ଖୋଜିଲା । ତା’ ପରେ କହିଲା—ଏ ଗୁଲି ନଏ ଯାବ ମା’ ?……ଭାଉଜ କିଛି ଉତ୍ତର ଦେଲେନି । ସାହେବଙ୍କ ସହିତ କଥା କହିବାର ସେ ଖୁବ୍ କମ୍ ସୁଯୋଗ ପାଏ । ଆଜି ଏକ ମାହେନ୍ଦ୍ର ବେଳା ଉପସ୍ଥିତ ଭାବି ସେ ଚଟ୍‌କିନା ତଳକୁ ଓହ୍ଲେଇଗଲା । କିଛି ସମୟ ପରେ ଆମ ଭୁଆ ବରଡ଼ିଟା ବେକରେ ଦଉଡ଼ି ବାନ୍ଧି ଘୋଷାରି ଘୋଷାରି ଆଣି ପହଞ୍ଚିଲା । ମୁଣ୍ଡ ଆଉଁଷି ଆଉଁଷି କହିଲା—ହଜୁର ! ଏ ସବ୍ ଏ ବଦ୍‌ମାସ୍‌କା କାମ ହୈ ।

ଡ୍ୟାମ୍ ଇଟ୍ ! ଗେଟ୍ ଆଉଟ୍ ରସ୍‌କେଲ୍—ଲମ୍ଫ ଦେଇ ଉଠିଲେ କ୍ୟାପ୍‌ଟେନ । ସେ ବିଚାରି ଯେତେ ଜୋରରେ ଗଲା, ମୋର ମନେ ହେଲା ଦୋ’ମହଲା ପାହାଚରୁ ଗଡ଼ି ଗଡ଼ି ହୋଇ ସେ ଯାଇଁ ତଳେ ପଡ଼ିଲା ।

ଭାଉଜ ଅତି ନରମ ଗଳାରେ ନମ୍ର ଭାବରେ କହିଲେ—‘ବ୍ରସ୍ ନିଅ । ଦାନ୍ତ ଘଷ ।’ ଭାଇ ଟିକିଏ ତାଙ୍କ ମୁହଁକୁ ଚାହିଁଲେ । ବ୍ରସ ନେଲେ । କଣ କହିବାକୁ ଉଦ୍ୟତ ହେଉଛନ୍ତି ଭାଉଜ ଚଟ୍‌କିନା ଖସିଯାଇ ସେଭିଂ ସେଟ୍, ମିର୍‌ର୍, ଟିରକସ୍ ଟାଓ୍ୱେଲ ଆଣି ଟେବଲ ଉପରେ ସଜାଇ ରଖିଲେ । ମତେ କହିଲେ—ଖାଅ ଟିକି ପୁଅ । ଭାଇଙ୍କର ଡେରି ହେବ ।

ଭାଇ ସେମିତି ବସି ଧରି ଟହଲ ମାରୁ ମାରୁ କହିଲେ—ମତେ ଭୁଲ୍ ବୁଝୁଛ ଧୀରା। କର୍ତ୍ତବ୍ୟର ଅନୁରୋଧରେ ଯେତେବେଳେ ଯାହା କରିବାକୁ ପଡ଼ୁଛି, ତା' ନ କରି ତ ଯୁ ନାହିଁ । ଜି. ଓ. ସି. ଇଷ୍ଟର୍ଣ୍ଣ କମାଣ୍ଡରୁ ଟେଲିଗ୍ରାମ୍ ପାଇ ହଠାତ୍ ମୋତେ ଯିବାକୁ ହୁଏ ରାଞ୍ଚି । ପାଟନା ଷ୍ଟେସନରେ ଦେଖା ହୁଏ ବ୍ରିଗାଡ଼ିୟର୍ ବୋଷଙ୍କ ସହିତ । ସେ ସଦର୍ନ କମାଣ୍ଡ ପୁନାକୁ ବଦଳି ହେଉଛନ୍ତି । ତମେ ତ ଜାଣ ସେ ମତେ କେତେ ଭଲ ପାଆନ୍ତି । ସେ ଚାହିଁଲେ ମତେ ହାଇଦ୍ରାବାଦ ନବାକୁ, ତାଙ୍କ ସ୍ନେହ ଭାଙ୍ଗି-ପାରିଲି ନାହିଁ ।

ତଥାପି ଭାଉଜ ନିରୁତ୍ତର ।

ତମେ ଖାଲି ଟ୍ରାନ୍‌ସଫର୍ ଅର୍ଡ଼ର ଦେଖିଛ । ଏଇଟା ଦେଖିନ—ଆଇ ହାଭ୍ ବିନ୍ ପ୍ରମୋଟେଡ଼୍ ଟୁ ମେଜର ।—ଭାଇ ଖଣ୍ଡିଏ କାଗଜ ପକେଟରୁ ବାହାର କଲେ ।

ଉଦ୍‌ବିଗ୍ନ ହୋଇ ଭାଉଜ ଚାହିଁ ରହିଲେ । ମୁଁ ଚେୟାର୍ ଘୁଞ୍ଚାଡ଼ ଦଉଡ଼ ଗଲି ।

···ତମେ ହୁଏତ ଭାବୁଥିବ ଟ୍ରାନ୍‌ସଫରରେ ମୋର ହାତ ଅଛି, କିନ୍ତୁ ପ୍ରମୋସନରେ ତ ମୋର ହାତ ନାହିଁ ।

ଭାଉଜ ବୋଧେ ମନେ ମନେ ଲଜ୍ଜିତ ହେଲେ । ଦୁଇ ହାତରେ ତାଙ୍କର ପାଦ ଧରିପକେଇ କହିଲେ—ତମ ମନରେ କଷ୍ଟ ଦେଇଛି । କ୍ଷମା କରିବ ।

ମୁଁ କାଗଜଟି ଆଣି ଭଲରୂପେ ପଢ଼ିଲି ।

···ଯାଅ, ଅନେକ ଡେରି ହେଲାଣି, ମୁହଁ ଧୁଅ, ଗାଧୁଆ ପାଧୁଆ କର, କେତେବେଳେ ଯେ କ'ଣ ଖାଇଥିଲ—ଭାଉଜ କହିଲେ ।

—ମୋ କଥା ଥାଉ । ତମେ ଭଲ କ'ଣ ଖାଇଛ ?

ମୁଁ ହଠାତ୍ କହି ପକେଇଲି—କାଲି ସାରାଦିନ ସାରା ରାତି କଟିଛି । ଜଳ ସ୍ପର୍ଶବି କରି ନାହାନ୍ତି ।

ଆଉ ତମେ ?—ଭାଉଜ ମୋ ଆଡ଼କୁ ଚାହିଁଲେ ।

ଏତେବେଳଯାଏ ଭାଇଙ୍କ ଆଖି ମୋ ଉପରେ ପଡ଼ି ବି ପଡ଼ି ନ ଥିଲା । ମତେ ଦେଖି ହସି ଆସୁଥିଲେ ପୁଣି କ'ଣ ହେଲା, ରହିଗଲେ । ହସ ଓଠ ଅଗରେ ଫୁଟି ଉଠିବା ଆଗରୁ କେଜାଣି କାହିଁକି ମିଳେଇଗଲା । ମୁଁ କିଛି ବୁଝି ପାରିଲି ନାହିଁ । ଭାଇ ତରବରରେ ବାଥ୍‌ରୁମ୍‌ରେ ପଶିଲେ ।

ଦଶ ମିନିଟ୍ ଭିତରେ ଭାଉଜ ତଳକୁ ଯାଇ ଜଳଖିଆ ଠିକ୍ କରିନେଲେ । କମଳ ଆସି ଚଟ୍‌ପଟ୍ ଉପର ସଫା କରିଦେଲା । ଭଙ୍ଗାରୁଜା ଜିନିଷର ଏତେ ଟିକିଏ ଚିହ୍ନବର୍ଣ୍ଣ ବି ରହିଲା ନାହିଁ । ଗୋଟିଏ ରାଉଣ୍ଡ ଟେବଲ୍ ଉପରେ ଧୋବ ଫରଫର ଟେବଲ୍-କ୍ଲଥ୍ ପଡ଼ିଲା । ତା'ଉପରେ ସଜା ହେଲା ଦୁଇଟି ସଜଫୁଲର ତୋଡ଼ା । ମହମହ ବାସନାରେ ଚଉଦିଗ ମହକି ଉଠିଲା । ଭାଇ କହିଲେ—ତମେ ବି ଗାଧୋଇ ପଡ଼ ଧୀରା ! ସମସ୍ତେ ଏକ ସାଙ୍ଗରେ ଖାଇବା । ···ସେ ଟିକିଏ ଇତସ୍ତତ କରୁଥିଲେ । ମୁଁ କହିଲି—ମୋ ରାଣ ଭାଉଜ ! ତମେ ଯାଅ । ତମେ ଯେ ଜଳିଗଲଣି ଭୋକରେ !' ···ଭାଇଙ୍କ ଆଖି କୁଞ୍ଚିତ ହୋଇ ଆସିଲା । ସେ ଅନ୍ୟ ଆଡ଼କୁ ମୁହଁ ବୁଲେଇଲେ ।

ଗାଧୋଇ ସାରି ଖଣ୍ଡିଏ ଦାମୀ ଜର୍ଜେଟ ଶାଢ଼ୀ ପିନ୍ଧି ନୂଆଁଉ ବାହାରି ଆସିଲେ । ମୁହଁରେ ସାମାନ୍ୟ ଟିକିଏ ସ୍ନୋ । ପାଦରେ ଜରି ଚପଲ । ହାତରେ ସୁନାଘଡ଼ି । ଗଭାରେ ଫୁଲ ।

···ଓ, ଇଉ ଲୁକ୍ ସୋ ବିଉଟିଫୁଲ୍ !

ଛିଃ—ଭାଉଜଙ୍କ ମୁହଁ ସତେ କି ଜଳିଗଲା···ସେମିତି କହିଲେ ମୁଁ ଏଠୁ ଉଠି ଚାଲିଯିବି ।

—ସତେ ଧୀରା ! ତମେ ଭାରି ସୁନ୍ଦର ଦିଶୁଛ । ଠିକ୍ ଯେମିତି··· ଠିକ୍ ଯେମିତି ଏକ ଶରତ ସକାଳର ଶିଶିର-ଧୁଆ ପଦ୍ମ ।

···ଫେର୍ ? ତା'ହେଲେ ମୁଁ ଯାଉଛି ।

ଭାଇ ଟାଣି ଧରିଲେ ପଣତ—ବସ ବସ, ଫୁଲଟିକ ଫେରାଇ ନେଉଛ ଯେ ?

ଭାଉଜ ହସିହସି ଲାଲ ଟକ୍‌ଟକ୍ ସଜ ଗୋଲାପଟି ଆଣି ଖୋସିଦେଲେ ଭାଇଙ୍କ କୋଟ ପକେଟ୍‌ରେ । କହିଲେ—କନ୍‌ଗ୍ରାଚୁଲେଶନ୍‌ସ ।

···ଇଜ୍ ଇଟ୍ ? ଥ୍ୟାଙ୍କ୍ ଇଉ—

କମଳ ଜଳଖିଆ ନେଇ ଆସିଛି । ତିନୋଟି ପ୍ଲେଟ । ପ୍ରତ୍ୟେକରେ ଯୋଡ଼ାଏ ଲେଖା କମଳା, ଗୋଟିଏ ନାସ୍‌ପାତି, ଦୁଇଟି ଅଣ୍ଡାର ପୋଚ୍ ଆଉ କିଛି ଲୁଚି ଓ ତରକାରୀ । ତା' ଛଡ଼ା ତିନି ଗ୍ଲାସ ଅଙ୍ଗୁର ସରବ୍‌ତ । ସବୁଦିନ ପରି ଭାଇ ମୋତେ ପହିଲେ ଚାମଚେ ଖୋଇଦେଲେ । ତା' ପରେ ଗୋଟିଏ ଫଳ ଧରି କହିଲେ—ଏଇଟା ? ଏଇଟା ନାସ୍‌ପାତି—ନା ? ଠିକ୍ ଏଇ ନାସ୍‌ପାତି ରଙ୍ଗ ଭଳି ଯାହାର ଚିବୁକ······

···ଫେର୍ ?

ଭାଇ ବସିଲେ । ମୁଁ ତଳକୁ ମୁହଁ ପୋତି ଖାଇବାକୁ ଲାଗିଲି । ନୂଆ'ଉ ସେତେବେଳ ଯାଏ ଖାଇ ନ ଥାନ୍ତି । ନାସ୍‌ପାତି ଓ କମଳାରୁ ଚୋପା ଛଡ଼େଇ ଆମକୁ ଦେଉଥାନ୍ତି । ଦୁଇ ମିନଟ୍ ଯାଇନି, ହାଣ୍ଡିଏ ଷୀର୍‌ମୋହନ ଆଉ ହାଣ୍ଡିଏ

ସନ୍ଦେଶ ଧରି ଡ୍ରାଇଭର ଆସି ପହଞ୍ଚିଲା । ଭାଇ ବୋକାଙ୍କ ଭଳି ଭଉଜଙ୍କ ମୁହଁକୁ ଚାହିଁ ରହିଲେ ।

ମୁଁ ମଗେଇଛି । ତମ ପାଇଁ ଅବଶ୍ୟ ନୁହେଁ.....ସମୀର୍ ! ସମସ୍ତଙ୍କୁ ଡାକଦେ ।' ଘଡ଼ିକେ କମଲ, ତପନ, ଭେଙ୍କଟେଶ୍ୱର, ସୁଜନ ସିଂ ଆସି ପହଞ୍ଚିଗଲେ । ସମୀର୍ ଭାଇଙ୍କ ନିଜ ଗାଡ଼ି ଷ୍ଟୁଡ଼ିବେକର ଡ୍ରାଇଭ୍ କରେ । ତପନ ତା'ର ହେଲ୍ପର । ଭେଙ୍କଟେଶ୍ୱର ଅଫିସ୍ ଜିପ୍ ଚଳାଏ । ସୁଜନ ସିଂ ବଙ୍ଗ୍ଳୋ ଚୌକିଦାର ।

...ନିଅ, ଏତକ ସମସ୍ତେ ଏକାଠି ବସି ଖାଇବା ଆଉ ହଁ......—ଚଟ୍‌କରି ଘର ଭିତରକୁ ଉଠିଯାଇଁ ହାତରେ କେତେ ଖଣ୍ଡ ଦଶଟଙ୍କିଆ ନୋଟ ଧରି ଫେରି ଆସିଲେ—ହଁ, ଏଇ ଟଙ୍କା କେଇଟି ତମମାନଙ୍କୁ.....—ପ୍ରତ୍ୟେକଙ୍କ ହାତକୁ ଖଣ୍ଡିଏ ଖଣ୍ଡିଏ ନୋଟ ବଢ଼ାଇ ଦେଲେ ।

ସମୀର୍ କହିଲା—କାଂଭୁ ମା ! ଆମରା ଜାନ୍‌ତେ ପାର୍‌ଲାମ୍ ନା କେନ ଏ ଗୁଲି.....

—ତମ ସାହେବ ଟ୍ରାନ୍‌ସଫର ହୋଇ ଯାଉଛନ୍ତି ହାଇଦ୍ରାବାଦ । ମା !'—ପାଞ୍ଚୋଟି କଣ୍ଠ ଏକାବେଳେ ଚିତ୍କାର କରି ଉଠିଲା । ବଡ଼ ବିକଳ ସେ ଚିତ୍କାର । ପଲକ ପତନରେ କଳା ପଡ଼ିଗଲା ସଭିଙ୍କର ମୁହଁ । ସୁଜନ ସିଂ ଗୁର୍ଖା । ବଡ଼ ରୁକ୍ଷ ତା'ର ପ୍ରକୃତି । ତା' ଗଳାର କର୍କଶ ଆଓ୍ୱାଜ୍ ବେଳେବେଳ ଆମ 'ଟିଟୁ'ର ଚିତ୍କାରଠୁ ବଳିଯାଏ । ସେ କାନ୍ଦ କାନ୍ଦ ହୋଇ ଭଙ୍ଗା ଗଳାରେ କହିଲା—ମା! ହାମ୍‌ଲୋଗ୍‌କୋ ଛୋଡ଼୍‌କର୍ ଚଲାଯାଏଙ୍ଗେ ? କୋନ୍ ଅଉର୍ ସମ୍‌ଝେଙ୍ଗେ ଏଇ ବୁଡ଼୍‌ଢାକା ଦିଲ୍ ?—ବୁଢ଼ା ଆଖିରୁ ଲୁହ ଗଡ଼ି ଆସିଲା ।'

…କ'ଣ କରିବୁ ? ବାଧ ହୋଇ ଯାଉଛୁ । ସାହେବଙ୍କର ପ୍ରମୋସନ ହେଉଛି ।

…ଏଁ, ପ୍ରମୋସନ ?—ସଭିଙ୍କ ମୁହଁରେ ଟିକିଏ ହସ ଫୁଟିଲା । ସମୀର ଖୁବ୍ ସାହସ ବାନ୍ଧି ଧୀର ଗଳାରେ ଭାଉଜଙ୍କୁ କହିଲା—ମା' ! ଆମି ଏକ୍‌ଟା କଥା ବଲ୍‌ବ୍ ?

କହ—

ସାହେବ୍‌କେ ଆମ୍‌ରା ସବାଇ ବଡ଼୍‌ଡ଼ ଭୟ କରି । ଏକ୍‌ଟୁ ମୁଖ୍ ତୋଲି ଚାଇତେ ସାହସ କୁଲାଏ ନା ! ଯଦି ଆପନି ଅନୁମତି ଦିନ୍, ଆଜ୍‌କେ ……

…ଓ, ସାହେବଙ୍କୁ କ୍ଷୀରମୋହନ ଖୋଇବ ? ଭଲ କଥା । ଆଉ ମୋତେ ?

'ମା ! ମା'କେ କି ଆମରା ଦିତେ ପାରବ୍ ? ମା' ଡିକେ ନିଏ ନିଏ ଆମ୍‌ରା ସବ୍ ଦିନେ ଖେଏଚି । ମା'ର ମତନ୍ ଲକ୍ଷ୍ମୀ—ଅନ୍ନପୂର୍ଣ୍ଣା ଆମ୍‌ରା କୋଟି ଜନ୍ମେ ଓ ପାବନା'—ଆଖି ଛଳ ଛଳ ହୋଇ ଆସିଲା ।

ସମସ୍ତଙ୍କ ପ୍ଲେଟରେ ଯୋଡ଼ିଏ ଯୋଡ଼ିଏ କ୍ଷୀରମୋହନ ଆଉ ସନ୍ଦେଶ ଆଣି ଦେଇଗଲା ସମୀର । ଆଉ ଦବାକୁ ବସିଥିଲା, ସାହେବ କହିଲେ—ଆର୍ କତ ଦିବରେ ? ଖାଇଏ ଖାଇଏ କି ମାର୍‌ବ ?

କଲିକତାରେ ଦୀର୍ଘ ତିନି ବର୍ଷ ରହଣି ଭିତରେ ଭାଇଙ୍କ ମୁହଁରୁ ଏଇ ପ୍ରଥମ ବଙ୍ଗଳା ଶୁଣିଲି । ସେ କସ୍ମିନ୍‌କାଳେ ଏ ଭାଷା ଉଚ୍ଚାରଣ କରନ୍ତି ନାହିଁ ।

ଭଉଜ କହିଲେ—ସବୁ ତ ଆମକୁ ଦେଇଦେଲ, ତମେ କ'ଣ ଖାଇବ ?—ଘରକୁ ଉଠିଯାଇ ଆଉ ଦଶ ଟଙ୍କା ଆଣି ବଢ଼ାଇ ଦେଲେ ।

ସବୁଦିନେ ମିଲିଟାରି କାଇଦାରେ ସାଲ୍ୟୁଟ୍ କରିବାରେ ଏମାନେ ଅଭ୍ୟସ୍ତ । ଯାଉଁଣୁ ଆସୁଣୁ, ଉଠୁଣୁ ବସୁଣୁ ସବୁବେଳେ ସାଲ୍ୟୁଟ୍ । କିନ୍ତୁ କେଜାଣି କାହିଁକି ଆଜି ସମସ୍ତେ ଦୁଇ ହାତ ଯୋଡ଼ି ମୁଣ୍ଡ ନୋଇଁ ପ୍ରଣାମ କଲେ । ବୁଢ଼ା ସୁଜନ ସିଂ ଏକାବେଳକେ ଭୂଇଁରେ ମୁଣ୍ଡ ଲଗାଇ ଦେଉଥିଲା, ଭଉଜ ଧରି ପକାଇଲେ ।

ମୁଁ ଖାଲି ବସିବସି ଦେଖୁଥିଲି ଏଇ ନାରୀର ଗଭୀର ସ୍ନେହ ଆଉ ଆନ୍ତରିକତା । ବଙ୍ଗାଳି, ତେଲୁଗୁ, ଗୁର୍ଖା, ହିନ୍ଦୁସ୍ଥାନୀ—ସମସ୍ତଙ୍କର ସେ ମା' ହୋଇ ପାରିଛି । ସେ ଆଜି ବିଶ୍ୱର ମା'—ନିଃସ୍ୱର ଜନନୀ ।

## ନଅ

କିନ୍ତୁ .... କିନ୍ତୁ ଫାଲ୍‌ଗୁନି ?

ଫାଲ୍‌ଗୁନି ତ ଆଉ କଅଁଳା ଛୁଆ ନୁହେଁ ଯେ ଆମେ ସବୁଦିନେ ତା'କୁ କାନି ପଣତରେ ବାନ୍ଧି ରଖିଥିବା । ସେ ଯାଉ, ଆକାଶକୁ ଉଡ଼ିଯାଉ । ...ଯୁଦ୍ଧ କରୁ ।

...କିନ୍ତୁ ତା' ମନଟି ଯେପରି କୋମଳ, ସେ ଏ ଧକ୍କା ସହି ପାରିବ ତ ? ଆମକୁ ଛାଡ଼ି......

...ଆମେ ତ ତା'କୁ ଟଙ୍କା ସୁନା ନେଇ ଅଜାଡ଼ି ଦେଉ ନ ଥିଲେ ? ଟଙ୍କା ସୁନା ସେ କେବେ ଗ୍ରହିଁନି କି ଜୀବନରେ କେବେ

ଗୁହିଁବନ । ଖାଲି ଟିକିଏ ସ୍ନେହ, ଟିକିଏ ମିଠା ହସ, ପଦେ ମଧୁର କଥା—ଏତିକି ତା'କୁ ବଞ୍ଚେଇ ରଖିଛି । ତା' ନ ହେଲେ ତା' ଜୀବନ ଯେପରି ହା ହା ମରୁଭୂମି—ବିନ୍ଦୁଏ ଜଳ ପାଇବାର ଅବକାଶ ନାହିଁ; ଅନବରତ ବାଲିଝଡ଼, ପ୍ରଚଣ୍ଡ ଖରା, ସେଥିରେ ସେ କୋଉଦିନୁ ମରି ସାରନ୍ତାଣି ।

ଏ ଦୁନିଆ ବଜ୍ର-ହୃଦୟର ବୀରର ପାଇଁ, କୋମଳ-ହୃଦୟ ଭାବପ୍ରବଣ ପଳାତକଙ୍କ ପାଇଁ ନୁହେଁ । ଯୁଦ୍ଧ କରିବାର ଯଦି ଶକ୍ତି ନାହିଁ, ବଂଚି ରହିବାର ଅଧିକାର କାହୁଁ ଆସିବ ?

ଏ କଥା ତମ ମୁହଁରେ ଶୋଭା ପାଏନା । ଆଜି ହୁଏତ ତମେ ଜଣେ ମିଲିଟାରୀ ଅଫିସର; କିନ୍ତୁ ଦିନେ ତ କବି ଥିଲ । ତମାଳ ଶିଖରରେ ବସି ବସି ତ ବଜଉଥିଲ ବେସୁରା ବଂଶୀ । ତମେ କ'ଣ ବୁଝିବ ନାହିଁ କବିର କଅଁଳ ମନ ? କବିର ବୁକୁର ଭାଷା ? କବିର ଆଖିର ଲୁହ ?

ସାହେବ ବିରକ୍ତ ହୋଇ ଉଠିଲେ—'ଲୁହ ଦେଖିଲେ ମୋର ଲହୁ ବୁହାଇ ଦେବାକୁ ଇଚ୍ଛା ହୁଏ ଧୀରା । ଗୋଟାଏ ଗୋଟାଏ ବୁଲେଟ୍‌ରେ.........

ଚୁନ ହୁଅ—ଭାଉଜ ଚିତ୍କାର ଛୁଡ଼ିଲେ ।

ବାତାବରଣ ସ୍ତବ୍ଧ । ଚତୁର୍ଦ୍ଦିଗ ଅନ୍ଧକାର । ନିଶା ସାଇଁ-ସାଇଁ ଗର୍ଜୁଛି । ଫୋର୍ଟ ଉଇଲିୟମ୍‌ର ଏତେ ବଡ଼ ବିସ୍ତୀର୍ଣ୍ଣ ଏରିଆ ଭିତରେ କୋଉଠି ଟିକିଏ ଜନ ପ୍ରାଣୀର ଶବ୍ଦ ନାହିଁ । ଦୋମହଲା ଉପରେ ଗୋଟିଏ ଗୋଟିଏ ରିଭଲ୍‌ଭିଂ ଚେୟାର୍‌ରେ ଖାଲି ବସିଛନ୍ତି ଭାଇ ଓ ଭାଉଜ । ଭାଇଙ୍କ ଗୋଡ଼ତଳେ ଅର୍ଦ୍ଧ-ସୁପ୍ତ ଅବସ୍ଥାରେ ଶୋଇ ରହିଛି ତାଙ୍କର ବିରାଟ ଆଲ୍‌ସେସିଆନ୍ ଡଗ୍—'ଟିଟୁ' । ଖରା ଦିନ । ଜାହ୍ନବୀ କୋଳରୁ

ଶୀତଳ ସମୀର ବହି ଆସି ଦେହରେ ଚନ୍ଦନ ବୋଳିଦେଇ ଯାଉଛି । ଗୋଟିଏ ନେଓ୍ୱାର ଖଟରେ ମୁଁ ବାରଣ୍ଡାରେ ଶୋଇଛି । ସେମାନଙ୍କ ପାଖରୁ ମାତ୍ର ପାଞ୍ଚ ହାତ ଦୂରରେ । ଅନେକ ବେଳୁ ଶୋଇଲେଣି । ସମସ୍ତଙ୍କ ଧାରଣା ମୁଁ ଗାଢ଼ ନିଦ୍ରାରେ ମଗ୍ନ ! କିନ୍ତୁ ମୋ ଆଖିରେ ପଲକ ପଡୁନାହିଁ । ଆଶା, ନିରାଶା, ହତାଶା,···ଦୀର୍ଘଶ୍ୱାସ ।

···ତା' ହେଲେ କ'ଣ ତାକୁ ଆମେ ଏମିତି ଅନାଥ କରି ଚାଲିଯିବା ?

···ମୋର ଧାରଣା ଥିଲା, ନାଥ ଦରକାର ହୁଅନ୍ତି କେବଳ ନାରୀର—

···ସତେ ? ତା'ହେଲେ ବୋଧେ ଏ ଜଗତଟା ଯାକ ନାରୀ ? ନଚେତ୍ ଏଠି ଜଗନ୍ନାଥ ନାମ ଆସନ୍ତା କୁଆଡୁ ?

ଭାଇ କ୍ଷୁବ୍ଧ ହେଲେ । ଦଂଶନ କରିବାର ଯେ ଅଭିଳାଷ ତା' ପ୍ରତିଦଂଶନର ତୀବ୍ର ବିଷରେ ଜ୍ୱାଳାମୟ ହୋଇଉଠିଲା ।

···କିନ୍ତୁ କର୍ଣ୍ଣ କ'ଣ କହିଥିଲେ ଜାଣ ? ମୁଁ ପୌରୁଷର ପୂଜାରୀ । ଭାଗ୍ୟ କିମ୍ୱା ଭଗବାନଙ୍କୁ ମୁଁ ପଦାଘାତ କରେ ।

'ଆଉ ପ୍ରେମ' ?—ଭାଉଜ ପଚାରିଲେ ।

···ପ୍ରେମ ? ସେ ତ ଖାଲି ଦୁର୍ବଳ ଲୋକର ଏକ ମାନସିକ ବିକାର ।

ମାନସିଂହଙ୍କ 'ଧୂପ'ରେ ଖାଲି ବିକାର ଅଛି, ହୃଦୟ ନାହିଁ ? ଗଭୀର ଆତ୍ମଦାନ ନାହିଁ ? ପୌରୁଷର ପରାକାଷ୍ଠା ନାହିଁ ?

କିନ୍ତୁ ତଥାପି ମୁଁ କହିବି ଏଇ କବିଗୁଡ଼ାକ ବାହାରେ ପୁରୁଷ—ଭିତରେ ନାରୀ ।

···ନାରୀ ହୋଇ ମଧ୍ୟ ସେ କେବେ ପୁରୁଷର ଦ୍ୱାରସ୍ଥ ହୁଏନି—ଏ କଥା ଭୁଲି ଯାଉଛ କିଆଁ ?

···ନା, ସେ ଖାଲି କାପୁରୁଷଙ୍କ ପରି ଆଉ ଏକ ନାରୀର ପଣତ ତଳେ ଚିରଦିନ ମଥା ଗୁଞ୍ଜି ପଡ଼ିଥାଏ, ଆଉ ସେଇଠି ସେ ସଢ଼େ, ପଚେ ଓ ମିଳାଏ ।

ଆମ୍ବଟାକୁଆ ସଡ଼ି ପଚି ମାଟିରେ ମିଶିଗଲେ ଯାଇଁ ସେଥିରୁ କୋମଳ ପତ୍ର ମେଲି ଗଛ ଉଠେ, ଗଛ ବଢ଼େ । ଆଉ ଆମେ ହଜାର ହଜାର ଲକ୍ଷ ଲକ୍ଷ ସୁନ୍ଦର ଓ ସୁସ୍ୱାଦୁ ଆମ୍ବ ସେଥିରୁ ହାତ ବଢ଼ାଇ ତୋଳୁଁ ।

ତା' ହେଲେ ତ ତମେ କହିବ ଏଇ ଯେଉଁ ଆଧୁନିକା ତରୁଣୀମାନେ ଚରିତ୍ର ନଷ୍ଟ କରି ବେଶ୍ୟା ହୋଇ ଯାଇଁ ସିନେମା ଥିଏଟରରେ ମିଶୁଛନ୍ତି ସେମାନେ ଆମର ଉପକାର କରୁଛନ୍ତି ?

ଅନ୍ତତଃ ଆନନ୍ଦ ଦେଉଛନ୍ତି ତ ଆମକୁ । ଆମ କର୍ମ-କ୍ଳାନ୍ତ ଜୀବନରେ ହସ ହରଷର ଜୁଆର ଖେଳାଇ ଦେଉଛନ୍ତି ତ କ୍ଷଣକ ପାଇଁ ।

···ହୋଇପାରେ, କିନ୍ତୁ ସେମାନେ କ'ଣ ମନୁଷ୍ୟ ପଦବାଚ୍ୟ ?

···ନା, ସେମାନେ ଖାଲି ଭୋଗ୍ୟା, ଯୋଗ୍ୟା ନୁହଁନ୍ତି !!

ଭାଇ ସ୍ତବ୍ଧ ହୋଇ ଚୁହିଁ ରହିଲେ । ଘଡ଼ିଏ ତୁଣ୍ଡରୁ ବଚନ ସ୍ଫୁରିଲା ନାହିଁ ।

କିନ୍ତୁ ସେମାନଙ୍କର ଚରିତ୍ର ?

କେତେ ଚରିତ୍ର ଚରିତ୍ର ହେଉଛ । ଜଣେ ମନୀଷୀ କହିଥିଲେ—In west the character lies in the heart whereas in East, the character lies in between the two thighs. ......ତମେ ସୋରିଷ ତେଲରେ ଅଗରୁ ତେଲ

ମିଶାଇବ, କଣ୍ଟ୍ରାକ୍ଟରଠଉଁ ପରସେଣ୍ଟେଜ୍ ନେଇ ସରକାରୀ କାମରେ ଗଫଲାପୂତ କରିବ, ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ମା'ର ହାତ କାଟିଦେବ—ମା'ର ମଥା କାଟି ଦେଇଦେବ ପଡ଼ୋଶୀ ପ୍ରଦେଶକୁ, ତମେ ହୀନ ନୁହଁ ? ତମେ ବେଶ୍ୟା ନୁହଁ ? ସେ ଖାଲି କାହାକୁ ଟିକିଏ ଚୁହିଁ ହସି ଦେଲା ବୋଲି ହେଲା ବେଶ୍ୟା ? ହେଲା ଘୃଣ୍ୟ ?

ତଥାପି···ତଥାପି···

ବୁଝିଛି, ସେଇ ହସ ଟିକକୁ ବି ତମେ କ୍ଷମା କରିପାରିବ ନାହିଁ, କିନ୍ତୁ ମୁଁ ଗୋଟିଏ କଥାରେ କହିବି—କଳାକର ଉଚ୍ଛୃଙ୍ଖଳ ନୁହେଁ, ରସିକ—ପ୍ରେମିକ ।

···ଅବସର ପାଇଲେ ସିଏ ବି ଗଳାରେ ଛୁରୀ ଦିଏ ।

···ତା' ତମର ଭୁଲ୍ ଧାରଣା କିମ୍ବା ଅସହିଷ୍ଣୁ ମନର ଧାରୁ ଆତ୍ମପ୍ରକାଶ । ସେ କେବେ ଦେହ ଚୁହେଁନ, ଚୁହେଁ ମନ—ମନର କଅଁଳ କଥା, କଳକଳ ହସ ।

···ହଁ, ସେ ଫୁଲ ଚୁହେଁନ, ଫୁଲର ମଧୁ ଚୁହେଁ ।

ଭସ୍ମାତୁର ମଣିଷ ଗଛକୁ ଆଉ କେବେ ଗଛ ବୋଲି ଦେଖି ପାରେ ନାହିଁ, ଦେଖେ ଭୂତ, ତମର ବୋଧେ ଧାରଣା ନାରୀ କେବଳ ପତ୍ନୀ । କିନ୍ତୁ ମୁଁ କହିବି—ନାରୀ କନ୍ୟା, ଜନନୀ ଓ ଭଗିନୀ ମଧ୍ୟ ।

ସେ ଖାଲି କଥାର କଥା । ଟିକିଏ ସୁଯୋଗ ପାଇଲେ ସମ୍ଭ୍ରାନ୍ତ ମୁଣ୍ଡ ଟେକେ । ନାରୀକୁ ଆରାଧନା କରିବା ପରିବର୍ତ୍ତେ ଆହାର କରିବାକୁ ଧାଇଁ ଆସେ !!

···ମତେ କ୍ଷମା କରିବ । ଗୋଟିଏ ଅପ୍ରିୟ କଥା କହିବି । ତମ କବି ଜୀବନରେ ତମେ କେତୋଟି ନାରୀଙ୍କୁ ଆହାର କରିଛ ?

'ଧୀରା !'—ଭାଇ କମ୍ପି ଉଠିଲେ ।

କାହିଁକି, ତମେ ବି ତ ଦିନେ ଭଲ ପାଉଥିଲ ସୁନ୍ଦରୀ ଝିଅଙ୍କୁ । ଆଜି ବି ତ ଫୁଲଟିଏ ଦେଖିଲେ ତମ ମନରେ ତରଙ୍ଗ ଖେଳିଯାଏ । ଯା' ବୋଲି କ'ଣ ମୁଁ ଧରିନେବି ଏଇ ଚଳଚଞ୍ଚଳ-ମୟୀ ତରଙ୍ଗ ଭିତରେ ଆବିଳତା ଅଛି, ପଙ୍କିଳତା ଅଛି, କଳୁଷ ଅଛି ?

•••ମୁଁ ଯଦି କହେ ତମ ଧାରଣା ଏକାବେଳକେ ଭ୍ରାନ୍ତ ନୁହେଁ ?

•••ତା' ହେଲେ ମୁଁ କହିବି, ଫାଲ୍‌ଗୁନି ତମଠାରୁ ଢେର ଢେର ଉଚ୍ଚରେ । ତମେ ଚଣ୍ଡାଳ ହେଲେ ଫାଲ୍‌ଗୁନି ବ୍ରାହ୍ମଣ; ତମେ ପଶୁ ହେଲେ ଫାଲ୍‌ଗୁନି ଦେବତା, ତମେ ନରକର କୀଟ ହେଲେ ଫାଲଗୁନି ନନ୍ଦନର ପାରିଜାତ !

"ଆଉ ତମେ ପିଶାଚ, ଡାକିନୀ, ରାକ୍ଷସୀ"—ମୁଁ ଭେ ଭେ କାନ୍ଦି ଉଠିଲି—"କିଏ କହିଲା, କିଏ କହିଲା ତମକୁ ଏଡ଼େ ଉଦ୍ଧତ ହେବାକୁ ? ପାଦତଳର ଦାସୀ ହୋଇ ପ୍ରଭୁର ମସ୍ତକରେ ପ୍ରହାର କରିବାକୁ ତମେ ସାହସ କଲ କେମିତି ? କୋଉ ଭୁଣ୍ଡରେ ତମେ ଭାଇଙ୍କୁ କହିପାରିଲ ନରକର କୀଟ !! ଛି, ଛି, ଏହା ଆଗରୁ ତମେ ନ ମଲ କାହିଁକି ? ତମେ ନ ମଲ କାହିଁକି ଭାଉଜ ?"—ମୁଁ ଆତୁର ଜୋରରେ—ଆତୁର ଜୋର କାନ୍ଦି ଉଠିଲି । ତକିଆ, ଚଦର, ମଶାରି ସବୁ ଚିରି କୁଟି କୁଟା କରି ଦେଲି ।

ଭାଇ ଆସି କୁଣ୍ଢେଇ ଧରିଲେ । ଭାଉଜ ହାତ ଧରି କାନ୍ଦି କାନ୍ଦି କହିଲେ—ମୋର ଭୁଲ୍ ହୋଇଛି ଠିକିପୁଅ ! ମତେ କ୍ଷମା କର ।

ତମକୁ କ୍ଷମା କରିବା ଆଗରୁ ମୋର କ'ଣ ମନ ହଉଛି ଜାଣ ? ରିଭଲ୍‌ଭର୍‌ଟା ଧରି ତମକୁ ଗୁଳି କରି ଦେବାକୁ— ତମକୁ ଟିକିଟିକି କରି ହାଣି ଦେବାକୁ । ଏଇଥି ପାଇଁ ତମକୁ ଏତେ ଭଲ ପାଉଥିଲି ? ମସ୍ତକରେ ରଖି ରଖି ପୂଜା କରୁଥିଲି ? ଜଣେ ପରପୁରୁଷ ପାଇଁ ତମେ ନିଜ ସ୍ୱାମୀଙ୍କୁ— ଜୀବନ୍ତ ଦେବତାଙ୍କୁ— ଜଗନ୍ନାଥ ମହାପ୍ରଭୁଙ୍କୁ ଏତେ ହୀନ ଭର୍ତ୍ସନା କରିପାରିଲ !! କରିପାରିଲ ତାଙ୍କୁ ପୂତିଗନ୍ଧମୟ ନରକର ଘୃଣ୍ୟ କୀଟ !!!

ଟିକିପୁଅ ! ମଣିଷ ମାନେ ହିଁ ଭୁଲ୍ କରନ୍ତି । ମୁଁ ହାତ ଯୋଡ଼ୁଛି ମତେ କ୍ଷମା କର । ଆଉ କୁହ ନାହିଁ । ଆଉ କହିଲେ ମୁଁ ମୁଣ୍ଡ ପିଟି ଦେବି ।

···ତମେ ମର । ତମେ ମର ଭାଉଜ ! ତମେ ମଲେ ମୁଁ ସୁଖୀ ହେବି'—ଖଟ ଉପରେ ଢୁ ଢୁ ମୁଣ୍ଡ ପିଟି ଦେଲି । ଲୁହ ଝିଂଘାଣି ଏକାକାର ହୋଇ ଗଡ଼ିପଡ଼ିଲା ଖଟ ତଳକୁ । ଭାଇ ଭାଉଜ ଦୁହେଁ କୁଣ୍ଢେଇ ଧରି ଥାଆନ୍ତି । ଭାଇଙ୍କ ଆଖିଲୁହ ମୋ ପିଠିରେ ଟପ୍ ଟପ୍ ପଡୁଥାଏ । କହିଲି—ତମକୁ ଭାଇ ଅସତୀ ବୋଲି କହିଲେ । କ'ଣ ସେଇଠୁ ସୃଷ୍ଟି ପ୍ରଳୟ ହୋଇଗଲା ? ସୀତାଙ୍କୁ ପରା ସାରା ଜୀବନ ପାଇଁ ରାମ ତଡ଼ି ଦେଇ ଥିଲେ ବଣକୁ । ସେ କ'ଣ ରାମଙ୍କୁ ଅଭିଶାପ ଦେଇଥିଲେ ? ରାମଙ୍କ ମସ୍ତକରେ ଗୋଇଠା ମାରିଥିଲେ ? ସେ କ'ଣ କହିଥିଲେ, ମନେ ନାହିଁ ?

'ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି,
କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ।'

ଆଉ ତମେ କହିଲ ଶୃଗାଳ ! ତମେ କହିଲ ପଶୁ !! ଭାଇ ମୋ ପାଟିରେ ହାତ ଦେଇ ବନ୍ଦ କଲେ—ଥାଉ, ଭାଉଜ କେବେ ଅନ୍ତରର ସହିତ ଏକଥା କହି ନାହାନ୍ତି । ଖାଲି ଯୁକ୍ତି ଛଳରେ ଏହା ପାଟିରୁ ବାହାରି ପଡ଼ିଛି ।

ଆଉ ଯୁକ୍ତି ଛଳରେ ତମର ବି ବାହାରି ପଡ଼ିଛି—ଏ ଧାରଣା ଭ୍ରାନ୍ତ ନୁହେଁ । ଅନ୍ୟ ଝିଅ ବୋହୂଙ୍କ ପାଇଁ ତମ ଭିତରେ ଦୁର୍ବଳତା ଅଛି, କଳୁଷ ଅଛି ।··· ମୁଁ ପଚାରେ ଭାଇ ! ଏ ତାମସା କାହିଁକି ? କାନ ମୋଡ଼ି ଠାଇ ଠାଇ ଦି' ଚଟକଣା ପକେଇଥିଲେ ଫାଲ୍‌ଗୁନ ଭଲି କେବେ ତମକୁ ଜବାବ ଦେଇଥାନ୍ତା ? ଫାଲ୍‌ଗୁନ ଭଲି କେବେ ତମକୁ ମୁଣ୍ଡ ଟେକି ଚାହିଁଛି ? ସେତେଥର ଗାଳି ଖାଇଛି, ମାଡ଼ ଖାଇଛି, କେବେ ଭଲି ତମ ଆଗରେ ସିଏ କାନ୍ଦିଛି ? କାନ୍ଦିବାକୁ ବି ସାହସ ହୁଏନା । ଚୁପ୍‌ଚାପ୍ ଯାଇ ଭାଉଜ ପାଖରେ କାନ୍ଦେ । ଭାଉଜଙ୍କ କାନ ପଣତରେ ଝର୍ ଝର୍ ଲୁହ ଢ଼ାଳି ଦିଏ । ଅଥଚ ତମେ··· ତମେ ଆଜି ଗୋଟାଏ ସାମାନ୍ୟ କଥାକୁ ନେଇ ମହାଭାରତ କଲଣି । କାହିଁକି, ମନରେ ଯଦି ସନ୍ଦେହ ହେଲା, ପଚାରିଲ ନି ମତେ ସିଧା ସିଧା ? ଗୋଡ଼ରେ କ'ଣ ଜୋତା ନ ଥିଲା ? ହାତରେ କ'ଣ ଚାବୁକ ନଥିଲା ? ବସେଇ ଦେଲନି ପିଠିରେ ସାଇଁ ସାଇଁ ? ଏତିକ ନେତିକ ସାହସ ତମର କାହିଁକି ନାହିଁ ? ତମେ ବାହାରେ ଏଡ଼େ ଦୁର୍ଦ୍ଧାନ୍ତ ସିଂହ ହୋଇ ଭିତରେ କାହିଁକି ଏଡ଼େ ଚୋରଟେ ମୂଷା ??

ଭାଇ କିଛି ଉତ୍ତର ଦେଲେନି । ଗମ୍ଭୀର ହୋଇ ଖାଲି ଚାହିଁ ରହିଲେ ।

ମୁଁ ଗୁରୁ ଦଉଡ଼ି କାଟିଛି । ଯୋଉ ଡାଳ ଧରିଛି, ସେ ଡାଳ ଭାଙ୍ଗିଛି । ଯୋଉଁଠି ହାତ ପଡେଇଛି ସେଠି ପଦାଘାତ ପାଇଛି । ଚିନ୍ତା ନାହିଁ । ଦରମଲା କୁକୁରକୁ ମେହେନ୍ତର ଘୋଷାରି ନେଲା ଭଳି ମୁଁ ଏ ଜୀବନକୁ ଘୋଷାରି ଘୋଷାରି ମରଣ ପାଖରେ ନେଇ ପହଞ୍ଚେଇ ପାରିବି—ଏ ଭରସା ମୋର ଅଛି । କିନ୍ତୁ ମୋ ଲାଗି···ମୋ ଲାଗି ତମେ କାହିଁକି ସରଗରୁ ନରକକୁ ଓହ୍ଲାଇ ଆସିବ ? ତମେ କାହିଁକି କହିବ ଅନ୍ୟ ଝିଅଙ୍କ ପାଇଁ ତମ ମନରେ କମ୍ପନ ଖେଳେ ? ମୁଁ ଜାଣେ ତମେ ସ୍ଫଟିକମଣି । ତମେ ପବିତ୍ର ପୂଜା-ଫୁଲ । ତମ ଦେହରେ ଧୂଳି ଲାଗି ପାରେନା । ମଳି ଲାଗି ପାରେନା । ଶୁଦ୍ଧ ସୁବର୍ଣ୍ଣ ଭଳି ତମେ ଚିରଦିନ ଦାଉ ଦାଉ ଝଟକୁଛ । ଭାଇ ! ପାଦ ଧରୁଛି ଭାଇ ! ମତେ ଯୋଉ ଦଣ୍ଡ ଦିଅ ପଛେ, ଏପରି କଥା କୁହ ନାହିଁ । ବିନା କାରଣରେ ବିନା ଦୋଷରେ ଦେବତାକୁ ଦାନବ କରି ଚିହ୍ନାଇ ଦିଅନି ଦୁନିଆକୁ ।

ତଥାପି ଭାଇ ନୀରବ । କଳାମେଘ ମିଳେଇ ଯିବା ଦୂରେ-ଥାଉ ଧୀରେ ଧୀରେ ପକ୍ଷ ବିସ୍ତାର କରୁଛି ଆକାଶସାରା ।

ଆଚ୍ଛା ଭାଇ ! ମୁଁ ସିନା ପରି—ବାରବୁଲା କୁକୁର; ପବିତ୍ର ସ୍ୱର୍ଗଧାମ ଅପବିତ୍ର କରିଦେବି ବୋଲି ଆଶଙ୍କା ହେଉଛି, ଭାଉଜଙ୍କୁ କ'ଣ ତମେ ଚିହ୍ନିନା ? ଫୁଲଟି ପରି ଯିଏ କୋମଳ ପୁଣି କୁଳିଶଠୁ ବଳି କଠିନ, ଯା'ର ଗୋଟିଏ ପଲକରେ କୋଟିଏ ବ୍ରହ୍ମାଣ୍ଡ ଜଳିଯାଏ, ନିହାତି ନରାଧମ ମୂଢ଼ ପଶୁ ଆସି ନିମିଷକେ ମଥା ନୁଆଁଏ ଚରଣରେ, ସେଇ ଆନନ୍ଦମୟୀ ମା', ଆଲୋକମୟୀ ଜନନୀଙ୍କୁ ତମେ କ'ଣ ଆଜିଯାଏ ଚିହ୍ନିନା ଭାଇ ? ସୂର୍ଯ୍ୟ ଭଳି ଯିଏ ଦୀପ୍ତ, ଶଶୀ ଭଳି ଶାନ୍ତ, ଜାହ୍ନବୀ ଭଳି ପବିତ୍ର । ସୂର୍ଯ୍ୟ ଦେହରେ କର୍ଦ୍ଦମ

ବୋଲିବାର ଔଧତ୍ୟ କରିପାରେ କେବଳ ଅଙ୍କ, ବଙ୍କ କେବେ କରେ ନାହିଁ ତ । ଧୈର୍ଯ୍ୟ ଧର । କାଉ କାନ ନେଇଗଲା ଶୁଣି କାନ ନ ଦେଖି କାଉ ପଛରେ ଗୋଡ଼େଇବା ନିର୍ବୋଧତା ସିନା !

ଥାଉ, ଏ ଉପଦେଶ ଗାଆଁ ପାଠଶାଳାରେ ଦେଲେ ବୋଧେ ପିଲେ ଶୁଣି ଖୁସି ହେବେ । ବିଲେଇ ଆଖି ବୁଜି ଦୁଧ ପିଉଥାଏ ବୋଲି ଭାବେ ତାକୁ କେହି ଦେଖି ପାରନ୍ତି ନାହିଁ ।

ମୁଁ ଠୋ ଠୋ ହସି ଉଠିଲି—ସ୍କନ୍ଧଂ ନ ବାଧତେ ରାଜନ ! ତବ ବାଧତି ବାଧତେ । 'ମୁଁ ଜାଣେ' । ମୁଁ ବୁଝିଛି ତମ ମୁଣ୍ଡରେ ଯୋଉ ଭୂତ ଚଢ଼ିଛି ତା ଓହ୍ଲେଇ ନ ଯିବା ଯାଏ ତମେ ଆଉ ମଣିଷ ଚିହ୍ନିବ ନାହିଁ—ଚିହ୍ନି ପାରିବ ନାହିଁ । କିନ୍ତୁ ମୁଁ କହି ରଖୁଛି—ଗୁଳି କରି ମୋ ମୁଣ୍ଡଟା ଉଡ଼େଇ ଦିଅ କି ବାୟୁନେଟରେ ମୋ ଗଳାଟା ଚିରିଦିଅ ପଛେ ଭାଉଜଙ୍କୁ କିଛି କହିବ ନାହିଁ । ପଦେ ପାଟି ଫିଟେଇବ ନାହିଁ । ଯୋଉଦିନ ମୁଁ ଶୁଣିବି ତମେ ମୁହଁ ଶୁଖେଇଛ । ତାଙ୍କ ପାଖରେ ବସି ହସି ହସି ଭାତ ଖାଇନା, ସେଦିନ ମୁଁ ଭୟଙ୍କର ହୋଇଉଠିବି—ଅଗ୍ନି ହୋଇ ଜାଳିଦେବି ଏ ସାରା ସୃଷ୍ଟି । ......

...ଛି । ଛି ତମେ ଏତେ ଘୃଣ୍ୟ ହୋଇଗଲ ? ତମେ ସାବିତ୍ରୀକି କହିପାରିଲ ଚ-ରି-ତ୍ର-ହୀନା ?? ଇସ୍ । କି ଜଘନ୍ୟ, କି ବୀଭତ୍ସ ! ତମରି ପାଇଁ ଯିଏ ହସି ହସି ଯମ ହାତରେ ନିଜ ଜୀବନକୁ ଟେକିଦିଏ, ନିଜ ବେକକୁ ଲୁହା କରତରେ ଚର୍ ଚର୍ କରି କାଟେ; ତାକୁ ଦେଲ ଏଇ ପୁରସ୍କାର ? ଦାନର ଏଇ ପ୍ରତିଦାନ ? ଉପକାରର ଏଇ ପ୍ରତ୍ୟୁପକାର ? ହାଃ, ହାଃ, ହାଃ, ତା' ଆଗରୁ ତା' ଆଗରୁ...ମୁଁ କହିବି ତମେ ସତୀର ଅନଳରେ ଜଳି ପୋଡ଼ି... ନା, ନା, ନା, ନା-ତମେ ଭଲରେ ଥାଅ । ସୁଖରେ ଥାଅ ।

ଶାନ୍ତିରେ ଥାଅ । କିନ୍ତୁ ତଥାପି—ତଥାପି ମୁଁ କହି ରଖୁଛି—ଦିନ ଆସିବ ଯେତେବେଳେ ତମେ ବୁଝିବ ଏ ତମର ଏକ ଚରମ ନିର୍ବୋଧତା—ଚରମ ନିର୍ବୋଧତା । ତମେ ଠକି ଯାଇଛ, ଅନ୍ଧ ହୋଇ ଯାଇଛ, ମରି ଯାଇଛ—ହାଃ, ହାଃ, ହାଃ, ହାଃ, ହାଃ, ।

ଠିକ ପୁଅ ! ଠିକ ପୁଅ ! —ଭାଉଜ ଭୋ ଭୋ କାନ୍ଦି ଉଠିଲେ ।

ମୁଁ ହସି ହସି, କାନ୍ଦି କାନ୍ଦି ଚିତ୍କାର ଗ୍ରୁଡ଼ି ଗ୍ରୁଡ଼ି ଭାଇଙ୍କ ପାଦ ଉପରେ କଚ୍ଛିଡ଼ି ହୋଇ ପଡ଼ିଲି । ପାଦ ଦୁଇଟି ଜାବୁଡ଼ି ଧରି ରହିଗଲି । ଚେତା ବୁଡ଼ିଗଲା ବୋଧେ । ଆଉ କିଛି ମନେ ନାହିଁ ।

## ଦଶ

ରାତି ତିନି । ଆଖି ମେଲି ଚାହିଁଲି—କାହାର କୋମଳ ହାତଟି ଧୀରେ ଧୀରେ ମୋ ମଥା ଆଉଁଷୁଛି । ଆଖିରେ କେଉଁ କେଉଁ ଲୁହ । ମୁହଁ ଝାଉଁଳି ଯାଉଛି ।

···ତମେ ଶୋଇନା ଭାଉଜ ?

···ଯାଉଛି ।

···ନା, ନା, ତମେ ଯାଅ ଭାଉଜ । ଏତେ ରାତିଯାଏ ଜଗି ବସିଲେ ତମ ଦେହ ଖରାପ ହେବ । ନାଇଁ ନାଇଁ ଆଜି ଜର ହେଉ । ଭାଇ କ'ଣ କହିବେ ?

···ମୋ ପାଇଁ କହିବାକୁ ଭାଇ ଅଛନ୍ତି, କିନ୍ତୁ ତମ ପାଇଁ ତ କେହି ନାଇଁ ?

···ଥାଉ ସେ କଥା । ତମେ ଯାଅ । ତମେ ଆଗ ଗଲ ଏଠୁ ।

'ମୁଁ କ'ଣ ଅଡ଼ୁଆ ହେଉଛି ଠିକପୁଅ ?

···ହଁ, ଭାରି ଅଡ଼ୁଆ । ଭାରି ଅସୁନ୍ଦର କଥା । ଏତେ ରାତି । ଭାଇ ଘର ଭିତରେ ନିଘୋଡ଼ ନିଦରେ ଶୋଇଲେଣି । ହେଇ, ଘୁଙ୍ଗୁଡ଼ି ଶୁଭୁଛି । ବାହାରେ ବିଲେଇ ଛୁଆଟିର ଶବ୍ଦ ନାହିଁ । ନିରୋଳାରେ ନିର୍ଜନରେ ତରୁଣ ତରୁଣୀ । ପୁଣି ରାତି । କାଲିବେଳ ।···ନା, ନା, ତମେ ଯାଅ । ତମେ ଚାଲିଯାଅ ଭାଉଜ ।

ଭାଉଜ ଯାହା ଉଠିଥିଲେ ପୁଣି ଚଉକି ଉପରେ ବସି ପଡ଼ିଲେ—ପୀଡ଼ିତ ପୁତ୍ରର ସେବା କରିବାକୁ ଆସିବାପାଇଁ ମା' ଯଦି ଡରେ, ତା ହେଲେ ମୁଁ କହିବ ସେ ମା' ମା' ନୁହେଁ କି ସେ ପୁଅ ପୁଅ ନୁହେଁ ।

···ତମେ ଖାଲି ପୋଥି ପାଠ କହୁଛ ନୂଆଉ, ଦୁନିଆରେ ଚଳିବା କଥା କହୁନା । ଭାଇ ଭଉଣୀଙ୍କ ଭିତରେ ପବିତ୍ର ସ୍ନେହ, ଗଭୀର ନିଷ୍ଠା ଥାଇପାରେ । କିନ୍ତୁ ତା' ବୋଲି ସେମାନେ କ'ଣ ଗୋଟିଏ ଘରେ ଶୋଇବେ ? ଏହା କ'ଣ ଉଚିତ ? ଏହା କ'ଣ କର୍ତ୍ତବ୍ୟ ?

ନୂଆ'ଉ ନୀରବ ହେଲେ ।

···ତମକୁ ହାତ ଯୋଡ଼ୁଛି ଭାଉଜ ! ତମେ ଚାଲିଯାଅ । ଆଉ ମୁହୂର୍ତ୍ତେ ଏଠି ନ ବସି ତମେ ଯାଅ ଘର ଭିତରକୁ ।

କିନ୍ତୁ କେଜାଣି କାହିଁକି ତମକୁ ଆଜି ଛାଡ଼ିବାକୁ ମନ ହେଉନି ଟିକିପୁଅ । ତମେ ଆଜି ଭାରି ସୁନ୍ଦର ଦିଶୁଛ । ଭାରି ଲୋଭନୀୟ ହୋଇପଡ଼ୁଛ ।

ଭାଉଜ !'—ମୁଁ ଚିତ୍କାର କରି ଉଠିଲି । ଶହେଟା କଙ୍କଡ଼ା ବିଛା ଯେମିତି ଏକାବେଳକେ ଆସି ନାହୁଡ଼ ମାରିଲେ ମୋ

ବ୍ରହ୍ମରନ୍ଧ୍ରରେ । ଉଠି ଧଡ଼୍ ପଡ଼୍ ହୋଇ ଠିଆ ହୋଇଗଲି । ପାଞ୍ଚହାତ ଦୂରରେ ।

ଖାଉଜ ଟିପିଟିପି ହସିଲେ—ଭାଇଙ୍କୁ ତ ବଳିଗଲ ଟିକିପୁଅ । ଡରୁଛ ? ଖାଉଜ କାନ୍ତୁ ବେଙ୍ଗ ନୁହେ, ହାଣ୍ଡ । ତମ ବାହାରର ରୂପଟି କଥା ମୁଁ କହୁ ନ ଥିଲି, ଭିତରର ମଣିଷଟି କଥା କହୁଥିଲି । ସତେ, ଆଜି ଦିନଟା ଭିତରେ ତମେ କେତେ ବଡ଼ ହୋଇ ଯାଇଛ···'ତମେ ମଲେ ମୁଁ ସୁଖୀ ହେବ ।'···ବାଃ, କେତେ ସୁନ୍ଦର, କେତେ ପ୍ରାଣଛୁଆଁ କଥା । ବୋଉ ଛଡ଼ା ଏମିତି କଥା ତ ଜୀବନରେ ମତେ କିଏ କହିନ ।

···ଥାଉ, ସେ ପ୍ରଶଂସା କ'ଣ କାଲି କଲେ ହେବ ନାହିଁ ? ତମେ ଯାଅ । ତମକୁ ନେହୁରା ହେଉଛି ତମେ ଯାଅ ଏଠୁ ।

···ଯାଉଛି । ତଡ଼ ଦେଉଛ କାହିଁକି ? ତମକୁ ଛାଡ଼ିଲେ ମୁଁ ଯେ ବାୟାଣୀ ହୋଇଯିବି । ସତେ, କି ମାୟା ଲଗେଇଲ ଟିକିପୁଅ—ତମଠୁଁ ମୁଁ ଆଉ ମୁହୂର୍ତ୍ତେ ଦୂରରେ ରହିପାରୁ ନାହିଁ ।

···ତା' ହେଲେ ତମେ ଯିବ ନାହିଁ ? ମତେ ପୁଣି ଥରେ ମଥା ପିଟି କାନ୍ଦିବାକୁ ହେବ ଏଠି ।

···ନାଇଁ, କାନ୍ଦ ନାଇଁ । କାନ୍ଦି କାନ୍ଦି ତମେ କଳା ପଡ଼ିଗଲଣି । ଆଉ କାନ୍ଦିବାକୁ ହବ ନାଇଁ । ମୁଁ ଭାଇଙ୍କୁ ବୁଝେଇଦେବି—ସଫା ସଫା କହିଦେବି—ଫାଲ୍‌ଗୁନ ମୋର ପୁଅ । ପୁଅକୁ ଛାଡ଼ି ମା' ଦଣ୍ଡେ ରହିପାରିବ ନାହିଁ । ଜୀବନକୁ ଛାଡ଼ି ମାଟି ଦେହ କ'ଣ ରହିପାରେ ?

ତା ହେଲେ ମୁଁ ଦୁଃଖର ସହିତ କହିବି ତମର କିଛି ଗୋପନ ଅଭିସନ୍ଧି ଅଛି । ତା' ନ ହେଲେ ଏତେ କହିବା ସତ୍ତ୍ୱେ···—ମୁଁ କାନ୍ଦି ଉଠିଲି ।

ଭାଉଜ ହସିଲେ—ଏତେ ଡର ? ବୋଉକୁ କିଆଁ ଡର ମ ? ବୋଉ ପାଖରେ ଛୁଆ ଅଳି କରନ୍ତି, ଆଉ ଦୋଳି କରନ୍ତି ସିନା, ଡରଡର ଭୋମାରଡ଼ ଗ୍ଲାଚ୍ଛେ କଏ ? ହଉ, ମୁଁ ଯାଉଛି । ବାକି କାଲି ବଡ଼ଭୋରୁ ମତେ ଡାକଦେବ । ସକାଳୁ ଉଠି ତମ ମୁହଁ ଚାହିଁଲେ ଦିନଟାଯାକ ଦଉଛ । ଯୋଉ କାମରେ ହାତ ଦବ ସେ କାମଟି ସୁରୁଖୁରୁରେ ହବ । ତମର ସରଳ ଅକପଟ ମନଟି ସକାଳର ସଜ ଫୁଲ ଭଳି ଫୁଟି ଉଠିଥାଏ ମୁହଁରେ । ତୁମକୁ ଦିନେ ନ ଦେଖିଲେ ମୁଁ କେମିତି ଅଡ଼ୁଣୀ ହେଇଯାଏ ।

...ଆରେ ଯା' ଭଲି—

...ଗଲି । ମାତ୍ର ମୋ ରାଣ । ମୋ ରାଣ ତମକୁ 'ଠିକପୁଅ, କାଲି ବଡ଼ଭୋରୁ ଡାକବ । ନ ଡାକଲେ ମୁଁ ସାରାଦିନ କାନ୍ଦିବି, ମନେ ରଖିଥା—

... ... ...

ଭାଉଜ ଚାଲିଗଲେ । ବାରଣ୍ଡାର ଆଲୁଅ ଲିଭାଇ ଦେଲେ । ଭିତରୁ କବାଟ କିଳି ପଲଙ୍କରେ ଯାଇଁ ଶୋଇଲେ । ଅନ୍ଧକାର । ଗହନ ଅନ୍ଧକାର ଭିତରେ ଗଭୀର ନୀରବତା । ପତ୍ରଟିଏ ହଲିବାର ଶବ୍ଦ ନାହିଁ । ମଶାଟିଏ ବି ଗୁଣୁ ଗୁଣୁ ହେଉ ନାହିଁ । ଖାଲି ଗୋଟିଏ କଥା—ପଦିଏ କଥାର ଗୁଞ୍ଜରଣ ଖେଳି ଯାଉଛି—'ମତେ ନ ଡାକଲେ ମୁଁ ସାରା ଦିନ କାନ୍ଦିବି, ମନେ ରଖିଥା'......

ମୁଁ ଶୋଇଥିଲି ଆଉ ଭାବୁଥିଲି—

ଅତଳର ତଳ ମଣିଷ ପାଏନା । କିନ୍ତୁ ଇଚ୍ଛା କରେ ବୋହି ବୋହି ସେଇ ଅତଳ ଜଳଧିର ଜଳ ଶୁଖାଇ ଦେବାକୁ । ବେଳେ-

ବେଳେ ଦୁର୍ବାସାଙ୍କ ଭଳି ରାଗିଯାଇ ଶୋଷି ନେବାକୁ ଚାହେଁ ସେ ଅନନ୍ତ ବାରିରାଶି । କିନ୍ତୁ ହାୟ—

କିନ୍ତୁ ହାୟ ହାୟ କରକା ପରାଏ
ମିଳେଇ ଯାଏ କି ସ୍ନେହ ?
ବାନ୍ଧୁଡ଼ି ଯାଏ କି ବନର ହରିଣୀ
ପାଇ ଶତ ବାଧା, ଭୟ ?

ବାଳକ ପରି ମଣିଷ ରାଗେ, ଅଭିମାନ କରେ । କିନ୍ତୁ ବନ-ହରିଣୀ କ'ଣ ମାନେ ? ନାଚିନାଚି, ଡେଇଁ ଡେଇଁ, ହସି ହସି ଆଗେଇ ଯିବା ତା'ର ଧର୍ମ । ତାକୁ ବାନ୍ଧି ରଖିଲେ ବନ୍ଧନରେ ନଜେ ପଡ଼ିବା ସାର ହୁଏ ସିନା, ସେ ଆଖି ପଲକରେ ଛୁଟିଯାଏ ଦୂର ଚକ୍ରବାଳ କୋଳକୁ—ଯେଉଁଠି ଆକାଶ ଓ ପୃଥିବୀ ମିଶିଯାଇ ଅନନ୍ତର ସୃଷ୍ଟି କରିଛନ୍ତି ।

ପବନ ଆଉ ସୂର୍ଯ୍ୟର କଳି । ପ୍ରବଳ ପ୍ରଭଞ୍ଜନ ଛୁଟି ଆସିଲେ ମହା ମହା ତରୁ ଟଳିପଡ଼େ । ପ୍ରଳୟ ବହିଯାଏ ପୃଥିବୀରେ । ସେଇଥିପାଇଁ ପବନର ଅହମିକା—ବାଟୋଇର ପୋଷାକ ଖୋଲି-ଦେବ । କିନ୍ତୁ ହାୟ, ପବନ ଯେତେ ଜୋରରେ ବହିଆସେ ବାଟୋଇ ସେତେ ଭଲଭାବେ ଜାକିଧରେ ପୋଷାକକୁ । ଅଣଚାଶ ପବନ ମିଶି ଯେତେବେଳେ ଆକାଶ ଅନ୍ଧକାର କରି ହୁ ହୁ ବେଗରେ ଛୁଟି ଆସିଲେ—ଧୂଳି ପଟଳରେ ପୋତିଦେଲେ ବାଟୋଇକି, ସେତେ-ବେଳେ ସେ ତା ପ୍ରାଣପଣେ ନିବିଡ଼ଭାବେ ବୁକୁ ଉପରେ ଜଡ଼ାଇ ଧରିଲା ପୋଷାକ । ସେ ଉଡ଼ିଯାଇ ପାହାଡ଼ ପର୍ବତରେ ଧକ୍କା ଖାଇ ଚୂରି ହୋଇ ଯିବ ପଛେ, ପୋଷାକରୁ କାଣିଚାଏ ଛାଡ଼ିବ ନାହିଁ । ସେ ମରିବ, କିନ୍ତୁ ପୋଷାକକୁ ଧରି, ପୋଷାକକୁ ବାତ୍ୟା କୋଳକୁ

ଫିଙ୍ଗି ଦେଇ ନୁହେଁ । ······ହାଃ, ହାଃ, ହାଃ, ପବନର ଅହମିକା ! ପବନର ଜୟ ! !

କୋଟିପତି ଆଉ କାଙ୍ଗାଳ ଭିତରେ ଯୋଉ ଯୁଦ୍ଧ ହେଉଥିଲା ସେଥିରେ କାଙ୍ଗାଳ ଜିତିଛି । ହସିବାର କଥା । ମୁଁ ହସିଲି । ହସିହସି ଗଡ଼ିଗଲି ବିଛଣାରେ ।

"···ଆଉ କାନ୍ଦିବାକୁ ହବ ନାହିଁ ଟିକିପୁଅ ! ମୁଁ ଭାଇଙ୍କୁ ସଫାସଫା କହିଦେବି—ଫାଲ୍‌ଗୁନ ମୋର ପୁଅ । ପୁଅକୁ ଛାଡ଼ି ମା' ଦଣ୍ଡେ ରହିପାରିବ ନାହିଁ । ଜୀବନକୁ ଛାଡ଼ି ମାଟି ଦେହ କ'ଣ ରହିପାରେ ?

···ବାଃ, ଚମତ୍କାର । ବିଜୟର ବରମାଳ ଆଜି ମୋ ଗଳାରେ । ଆଜି ମୋର ଆନନ୍ଦର ଦିନ, ଉତ୍ସବର ଦିନ, ମତୁଆଲି ହୋଇ ନାଚିବାର ଦିନ । ଦୁଃଖର ନିଶି ଆଜି ପାହି-ଯାଇଛି । ମୁଁ ଖାଲି ହସିବି—ହସିବି—ହସିବି ।

କାନ୍ଥ ଘଣ୍ଟାରେ ଟଂ ଟଂ ଘଣ୍ଟ ବାଜିଲା । ମୁଁ ଉଠି ଠିଆ ହେଲି । ହସରେ ଫାଟି ପଡ଼ୁଥାଏ ପେଟ । ଏତେ ଆନନ୍ଦ ମୁଁ ଏକା ଏକା ଧରି ରଖି ପାରୁ ନ ଥାଏ । ଗଲି । ଧୀରେ ଧୀରେ ପାଦ ବଢ଼େଇଲି ଆଗକୁ । ଆଗରେ ଝରକା······ପାହାନ୍ତାର ଶୀତଳ ପବନ ଝରକା ଫାଙ୍କରେ ଘର ଭିତରକୁ ଯାଇ ତାଙ୍କର କନକ ଚରଣ ଦୁଇଟିରେ ଚୁମ୍ବନର ଢାଳୁଥାଏ । ଉପରୁ ଝରି ଆସୁଥାଏ ପାତଳ ନୀଳ ଆଲୋକ, ଝିଲମିଲ ସିଲ୍‌କ ପରଦା ଭିତରେ ଘରଟି ହୋଇ ଉଠିଥାଏ ଏକ ରହସ୍ୟମୟୀ ସ୍ୱପ୍ନପୁରୀ । ମୁଁ ଅଟକି ଗଲି, ପାଦ ଆଉ ପାଦେ ଆଗେଇଲି ନାହିଁ ।

"…ମନେ ନାହିଁ । ସେ ଦିନ କେତେ ସ୍ନେହରେ, କେତେ ଆଦରରେ ମା' ବୋଲି ଡାକଥିଲ ? ମା'କୁ ଛାଡ଼ି ପୁଅ କ'ଣ ଚାଲିଯାଏ ?…"

…ଓଃ, ମୋ ଅନ୍ତର ଥରି ଉଠିଲା । ଆଉ କାହିଁକି ? ଏ ଆନନ୍ଦର ଦିନରେ ସେ ନଗ୍ନନନ୍ଦର ବାଣୀ ଆଉ କାହିଁକି ? ନା, ବନ୍ଧନ କାଟିବାକୁ ହେବ । ଆସକ୍ତିରୁ ସବୁ ଦୁଃଖ, ସବୁ ଅଶାନ୍ତି ।

"…ମା'କୁ ଛାଡ଼ି ତମେ ଚାଲିଯିବ ଫାଲ୍‌ଗୁନ ? ମା' ଯେତେ ଅସୁନ୍ଦରୀ ହେଉ, ଅସତୀ ହେଉ, ଭ୍ରଷ୍ଟା ହେଉ…"

…ଓଃ, ନା, ନା, ନା,…ମୁଁ ଯିବି ନାହିଁ । ମୁଁ ଛାଡ଼ିଯିବି ନାହିଁ ତମକୁ । ଧୂଳିରେ ମୋ ମୁଣ୍ଡଟା ମିଶିଯାଉ, ଅପମାନରେ ମୁଁ ଜଳିଯାଏ ପଛେ, ତମକୁ ଛାଡ଼ିବି ନାହିଁ, ତମକୁ ଛାଡ଼ି ପାରିବି ନାହିଁ । …ମୁଁ ଫେରିଲି । ଦୁଇ ହାତରେ ବାଲି ଝିଙ୍କିଝିଙ୍କି ଠେଲି ଠେଲି ଫେରି ଆସିଲି ।

"……ତଥାପି ମୁଁ କହିବି ଏହି କବିଗୁଡ଼ାକ ବାହାରେ ପୁରୁଷ ଭିତରେ ନାରୀ । ଭୀରୁ କାପୁରୁଷଙ୍କ ପରି ସେ ଆଉ ଏକ ନାରୀର ପଣତତଳେ ଚିରଦିନ ମଥା ଗୁଞ୍ଜି ପଡ଼ିଥାଏ । ଆଉ ସେଇଠି ସେ ସଢ଼େ, ପଚେ, ମିଳାଏ…"

ଏଁ —ମୁଁ ଚମକି ପଡ଼ିଲି । ଏତେ କୁତ୍ସିତ ଇଙ୍ଗିତ । ଏତେ ନିଷ୍ଠୁର ପରିହାସ ! ! ଛି, ଛି ଏକଥା ପୁଣି ଶୁଣିବାକୁ ହେଲା । ତାଙ୍କ ମୁହଁରୁ ? କାହିଁକି, ନାରୀ କ'ଣ ଜନନୀ ନୁହେଁ ? ଭଗିନୀ ନୁହେଁ ?

"...ସେ ଖାଲି କଥାର କଥା । ଟିକିଏ ସୁଯୋଗ ପାଇଲେ ସଇତାନ ମୁଣ୍ଡ ଟେକେ । ନାରୀକୁ ଆରାଧନା କରିବା ପରିବର୍ତ୍ତେ ଆହାର କରିବାକୁ ଧାଇଁଆସେ ! ! ......"

"ନା,—ଏ ଦୃଢ଼ ଧାରଣା ଯାହାର ମନରେ, ତା'ପାଖରେ ମୁଣ୍ଡ ନୋଇଁବା ଭୀରୁତା । ତା' ମଧ୍ୟ...ତା'ମଧ୍ୟ ମୁଁ ପ୍ରସ୍ତୁତ ଥିଲି । ମୁଁ ଭୀରୁ ହୁଅନ୍ତି । ମୁଁ ସବୁଦିନେ ପଡ଼ି ରହନ୍ତି ତାଙ୍କ ଗୋଡ଼ତଳେ । କିନ୍ତୁ...କିନ୍ତୁ ସେଥିରେ ଫଳ ଯାହା ହେବ, ତହିଁରେ କଦମ୍ବ ଫୁଟିବ ନାହିଁ ତ...ବୃକ୍ଷ ସମ୍ଭବତେ ଜଳିଯିବ ମୂଳରୁ । କଳଙ୍କର ନାଗରା ଡ଼ିବଡିବି ହୋଇ ବାଜି ଉଠିବ ଗୋପ ଦାଣ୍ଡରେ । ମୁଁ ତାଙ୍କର ମଙ୍ଗଳ କରିବି ନା ଅମଙ୍ଗଳର ଅନଳ ଜାଳିଦେବି ହୁହୁ କରି ?

ନା, ମତେ କ୍ଷମା କର ଭାଉଜ ! ମୁଁ ନିଜେ ବିଷ ଖାଇ ମରିବି ପଛେ ତମ ମୁହଁରେ ବିଷ ଦେଇପାରିବି ନାହିଁ, ପାରିବି ନାହିଁ । ମତେ ଛାଡ଼ିଦିଅ । ମତେ ବାଧା ଦିଅନାହିଁ । ବାନ୍ଧି ରଖ ନାହିଁ । ଆଜି ମୋର ଆନନ୍ଦର ଦିନ । ବୁଝି ଯେ, ଏତେଦିନେ ମୁଁ ଟିକିଏ ହସୁଛି । ତମର ଏତେ ଅହଙ୍କା ? ଏତେ ବାଦ ? ଟାଣି ଧରୁଛ ମତେ ପଛରୁ ?...

ଟେବଲ ଉପରେ କ'ଣ ଗୋଟାଏ ଖାତା ପଡ଼ିଥିଲା । ଟେଇଁଟି ବାହାର କଲି । ପକେଟ୍‌ରୁ କଲମଟି କାଢ଼ି ଲେଖିଲି—

ମା' !

ମୁଁ ଅଯୋଗ୍ୟ ! ତମ ଚଲାପଥରେ ଫୁଲ ବିଛେଇ ପାରିଲି ନାହିଁ ତ ଓଲଟି ପାରିଦେଲି କଣ୍ଟା । ଗୋଲାପ ପାଦ ଦୁଇଟିରେ କଣ୍ଟା ଫୁଟିବ । ରକ୍ତ ଝରିବ । କିନ୍ତୁ ନୟନରୁ ମୁକ୍ତା ଖସିବ ନାହିଁ ମୁଁ ଜାଣେ । ନୀଳକଣ୍ଠ ଭଳି ସବୁ ହଳାହଳ ଆକଣ୍ଠ ପାନ କରି ତମେ

"...ମନେ ନାହିଁ। ସେ ଦିନ କେତେ ସ୍ନେହରେ, କେତେ ଆଦରରେ ମା' ବୋଲି ଡାକଥିଲ ? ମା'କୁ ଛାଡ଼ି ପୁଅ କ'ଣ ଚାଲିଯାଏ ?..."

...ଓଃ, ମୋ ଅନ୍ତର ଥରି ଉଠିଲା । ଆଉ କାହିଁକି ? ଏ ଆନନ୍ଦର ଦିନରେ ସେ ନିରାନନ୍ଦର ବାଣୀ ଆଉ କାହିଁକି ? ନା, ବନ୍ଧନ କାଟିବାକୁ ହେବ । ଆସକ୍ତିରୁ ସବୁ ଦୁଃଖ, ସବୁ ଅଶାନ୍ତି ।

"...ମା'କୁ ଛାଡ଼ି ତମେ ଚାଲିଯିବ ଫାଲ୍‌ଗୁନି ? ମା' ଯେତେ ଅସୁନ୍ଦରୀ ହେଉ, ଅସତୀ ହେଉ, ଭ୍ରଷ୍ଟା ହେଉ..."

...ଓଃ, ନା, ନା, ନା,...ମୁଁ ଯିବି ନାହିଁ । ମୁଁ ଛାଡ଼ିଯିବି ନାହିଁ ତମକୁ । ଧୂଳିରେ ମୋ ମୁଣ୍ଡଟା ମିଶିଯାଉ, ଅପମାନରେ ମୁଁ ଜଳିଯାଏ ପଛେ, ତମକୁ ଛାଡ଼ିବି ନାହିଁ, ତମକୁ ଛାଡ଼ି ପାରିବି ନାହିଁ ।...ମୁଁ ଫେରିଲି । ଦୁଇ ହାତରେ ବାଳ ଝିଙ୍କିଝିଙ୍କି ଠେଲି ଠେଲି ଫେରି ଆସିଲି ।

"......ତଥାପି ମୁଁ କହିବି ଏହି କବିଗୁଡ଼ାକ ବାହାରେ ପୁରୁଷ ଭିତରେ ନାରୀ । ଖାଲି କାପୁରୁଷଙ୍କ ପରି ସେ ଆଉ ଏକ ନାରୀର ପଣତତଳେ ଚିରଦିନ ମଥା ଗୁଞ୍ଜି ପଡ଼ିଥାଏ । ଆଉ ସେଇଠି ସେ ସଢ଼େ, ପଚେ, ମିଳାଏ..."

ଏଁ —ମୁଁ ଚମକି ପଡ଼ିଲି । ଏତେ କୁତ୍ସିତ ଇଙ୍ଗିତ । ଏତେ ନିଷ୍ଠୁର ପରିହାସ ! ! ଛି, ଛି ଏକଥା ପୁଣି ଶୁଣିବାକୁ ହେଲା । ତାଙ୍କ ମୁହଁରୁ ? କାହିଁକି, ନାରୀ କ'ଣ ଜନନୀ ନୁହେଁ ? ଭଗିନୀ ନୁହେଁ ?

"...ସେ ଖାଲି କଥାର କଥା । ଟିକିଏ ସୁଯୋଗ ପାଇଲେ ସଇତାନ ମୁଣ୍ଡ ଟେକେ । ନାରୀକୁ ଆରାଧନା କରିବା ପରିବର୍ତ୍ତେ ଆହାର କରିବାକୁ ଧାଇଁଆସେ ! ! ......"

"ନା,—ଏ ଦୃଢ଼ ଧାରଣା ଯାହାର ମନରେ, ତା'ପାଖରେ ମୁଣ୍ଡ ନୋଇଁବା ଭୀରୁତା । ତା' ମଧ୍ୟ...ତା'ମଧ୍ୟ ମୁଁ ପ୍ରସ୍ତୁତ ଥିଲି । ମୁଁ ଭୀରୁ ହୁଅନ୍ତି । ମୁଁ ସବୁଦିନେ ପଡ଼ି ରହନ୍ତି ତାଙ୍କ ଗୋଡ଼ତଳେ । କିନ୍ତୁ...କିନ୍ତୁ ସେଥିରେ ଫଳ ଯାହା ହେବ, ତହିଁରେ କଦମ୍ବ ଫୁଟିବ ନାହିଁ ତ...ବୃକ୍ଷ ସହିତେ ଜଳିଯିବ ମୂଳରୁ । କଳଙ୍କର ନାଗରା ଡ଼ିବଡିବ ହୋଇ ବାଜି ଉଠିବ ଗୋପ ଦାଣ୍ଡରେ । ମୁଁ ତାଙ୍କର ମଙ୍ଗଳ କରିବି ନା ଅମଙ୍ଗଳର ଅନଳ ଜାଳିଦେବି ହୁ ହୁ କରି ?

ନା, ମତେ କ୍ଷମା କର ଭାଉଜ ! ମୁଁ ନିଜେ ବିଷ ଖାଇ ମରିବି ପଛେ ତମ ମୁହଁରେ ବିଷ ଦେଇପାରିବି ନାହିଁ, ପାରିବି ନାହିଁ । ମତେ ଛାଡ଼ିଦିଅ । ମତେ ବାଧା ଦିଅନାହିଁ । ବାନ୍ଧି ରଖ ନାହିଁ । ଆଜି ମୋର ଆନନ୍ଦର ଦିନ । ବୁଝ ଯେ, ଏତେଦିନେ ମୁଁ ଟିକିଏ ହସୁଛି । ତମର ଏତେ ଅହଙ୍କାର ? ଏତେ ବାଦ ? ଝାଣି ଧରୁଛ ମତେ ପଛରୁ ?...

ଟେବିଲ ଉପରେ କ'ଣ ଗୋଟାଏ ଖାତା ପଡ଼ିଥିଲା । ଟର୍ଣ୍ଣିଟି ବାହାର କଲି । ପକେଟ୍‌ରୁ କଲମଟି କାଢ଼ି ଲେଖିଲି—

ମା' !

ମୁଁ ଅଯୋଗ୍ୟ ! ତମ ଚଲାପଥରେ ଫୁଲ ବିଛେଇ ପାରିଲି ନାହିଁ ତ ଓଲଟି ପାରିଦେଲି କଣ୍ଟା । ଗୋଲାପ ପାଦ ଦୁଇଟିରେ କଣ୍ଟା ଫୁଟିବ । ରକ୍ତ ଝରିବ । କିନ୍ତୁ ନୟନରୁ ମୁକ୍ତା ଖସିବ ନାହିଁ ମୁଁ ଜାଣେ । ନୀଳକଣ୍ଠ ଭଳି ସବୁ ହଳାହଳ ଆକଣ୍ଠ ପାନ କରି ତମେ

ଆଗେଇବ । ତମେ ଜଳିଯିବ । କିନ୍ତୁ ଯିଏ ଠେଲି ଦେଇଛି ତମକୁ ଏ ଉହ ଉହ ହୁତାଶନକୁ ତା' ପାଇଁ ଦିନେ ସାମାନ୍ୟ ଦୀର୍ଘଶ୍ୱାସଟିଏ ବି ପକେଇବ ନାହିଁ । ପରନ୍ତୁ ତାକୁ ସାଇତି ରଖିବ ବୁକୁର ଗହନ ଅନ୍ତରାଳରେ···ଠିକ୍ ଯେମିତି ରଙ୍କୁଣୀ ତା' ଅଳିଅଳି ଧନକୁ ନେଇ ସାତ ସିନ୍ଦୁକରେ ଲୁଚେଇ ରଖେ ।

କାଚ କେନ୍ଦୂ ଭଳି ନିର୍ମଳ ଜଳ ଭିତରେ ଗଭୀରତା କେତେ ମୁଁ ଜାଣେ । ମୁଁ ସେଥିରେ ଅବଗାହିଛି । କିନ୍ତୁ କ୍ଷମା କରିବ, ଚିଲିକା ବକ୍ଷରେ ହଂସର ସନ୍ତରଣ ନ ଦେଖି ଯୋଉମାନେ ହଂସକୁ ହତ୍ୟା କରି ତା'ର ମାଂସ ଖାଆନ୍ତି, ମୁଁ ତାଙ୍କଠାରୁ ବହୁ ଦୂରରେ । ଖାଲି ମୋର ମୁହଁର ହସ ପାଇଁ ତମ ଆଖିରେ ମୁଁ ରକ୍ତ ଦେଖି ପାରିବ ନାହିଁ—ତମ ଗଳାରେ ମୁଁ ଦେଇପାରିବ ନାହିଁ ଶାଣିତ ଛୁରୀ । ତମର ଅମାପ ସ୍ନେହ, ଅସରନ୍ତି ଅମୃତର ଧାରାରୁ ମୁଁ କେଇଟି ବିନ୍ଦୁ ମାତ୍ର ପାଉଥିଲି । ତଥାପି ଭାଇଙ୍କର ଈର୍ଷା ହେଲା । ତମର ଚରଣ ଧରି ବିନୀତ ଅନୁନୟ କରୁଛି ମତେ ସେତିକରୁ ବି ବଞ୍ଚିତ କରିବ । ଆଉ କେବେ ଭୁଲ୍‌ରେ ମୋ ନାଁ ତୁଣ୍ଡରେ ଆଣିବ ନାହିଁ କି ମୋ ପାଇଁ ନୀରବରେ ନୀରଧାରଟିଏ ଝରାଇ ଦେବ ନାହିଁ । ଆଜିଠାରୁ ଫାଲ୍‌ଗୁନି ମରୁ—ଫାଲ୍‌ଗୁନି ମରୁ । ଭାଇଙ୍କ ମନ ଶାନ୍ତ ହେଉ । ଅଶାନ୍ତିର ଅନ୍ଧକାର ଭିତରେ ଉଠି ଆସୁ ପୂର୍ଣ୍ଣିମାର ଚନ୍ଦ୍ର ।

···ଭାଉଜ ! ଭାଇଙ୍କୁ କହିବ, ଅନ୍ଧାରରେ ଓଳିତଳକୁ ଖାଲି ଫେରି ଆସି ନଥାଏ । ବେଳେ ବେଳେ ଭୋକ ଉପାସରେ ଉହଲ-ବିକଳ ହୋଇ ଗରିବଟିଏ—ଭିକାରୀଟିଏ ବି ଆସିଥାଏ । ଧନ ଦଉଲତ ଆଶାରେ ନୁହେଁ—ମୁଠାଏ ତୋରାଣି, ପୋଷେ ପେଜ

ଆଶାରେ । କିନ୍ତୁ···କିନ୍ତୁ ଲୋକେ ତୋରାଣି ତ ଦିଅନ୍ତି ନାହିଁ, ଓଲଟି ଉହ ଉହ ତତଲା ପେଜ ନେଇ ଢାଳି ଦିଅନ୍ତି ତା' ମୁହେଁ ମୁହେଁ !! ଚମଡ଼ା ଉତୁରେ । ଧୋବ ଫରଫର କୁଷ୍ଠରୋଗୀ ଭଳି ଦିଶେ ତା' ମୁହଁ ।

···ଏଇ ଦୁନିଆ । ଏଇ ମୋର ବନ୍ଧୁ—ମୋର ଅତି ଆପଣାର ବୁକୁ ତଳର ବନ୍ଧୁ !!

···ଥାଅ, ଥାଅ ଭାଉଜ, ଡେରି ହେଲାଣି । ଆଉ ମମତା କାହିଁକି ? ହଁ, ଲୁହ ଦେଖିଲେ ତାଙ୍କର ଲହୁ ବୁହାଇ ଦେବାକୁ ଇଚ୍ଛା ହୁଏ ପରା ? ଗୋଟାଏ ଗୋଟାଏ ବୁଲେଟ୍‌ରେ·····ହଁ, ହଁ, ଠିକ୍ କହୁଛନ୍ତି ସେ । ସେଇ ବୁଲେଟ୍, ବୁଲେଟ୍ ହିଁ ଜବତ କରିବ ଏ ଅମାନିଆ ଲୁହକୁ । ତେବେ ଭାଇଙ୍କୁ କହିବ ତାଙ୍କୁ କଷ୍ଟ କରି ବୁଲେଟ୍ ମାରିବାକୁ ହବ ନାହିଁ । ମୋ ପାଖରେ ବି ବୁଲେଟ୍ ଅଛି । ମତେ ବି ମାରି ଆସେ । ମତେ ବି ମରି ଆସେ ଭାଉଜ ! ମରି ଆସେ । ଥାଅ । ମୋ ପାଇଁ ଲୁହ ଢାଳିବ ନାହିଁ । ମୋ ମୁଣ୍ଡ ଖାଅ ଭାଉଜ, ଲୁହ ଢାଳିବ ନାହିଁ—ଲୁହ ଢାଳିବ ନାହିଁ ।

ତମର ଅତି ଅଲିଅଳ
ଟିକିପୁଅ

ଚିଠିଟି ଭାଙ୍ଗିଭୁଙ୍ଗି ନେଇ ଝରକା ଉପରେ ରଖିଲି । ଅଙ୍ଗୁଳିର ସେ ହୀରା ମୁଦିଟି—ଯାହାକୁ ନେଇ ଏତେ କନ୍ଦଳ, ଏତେ ଝଡ଼ର ସୃଷ୍ଟି, ଥରଥର ହାତରେ ବାହାର କଲି ସେଇଟିକି । ଶେଷ ଲୋତକ ବୁନ୍ଦାଏ ଢାଳି ଦେଲି ତା ଉପରେ । ଧୋଇଦେଲି ତା'ର ସବୁ ମଳି—ସବୁ କାଳିମା । ଚିଠି ପାଖରେ ଥୋଇଲି । ମୁଣ୍ଡ ଝାଇଁ ଝାଇଁ ବୁଲେଇ ଦେଲା । ପାଦତଳର ପୃଥିବୀ ଯେପରି

ତଳକୁ ତଳକୁ ଦବି ଯାଉଥିଲା । ଉପରୁ ଛିଡ଼ି ପଡ଼ୁଥିଲା ବିଶାଳ ଆକାଶ । ବିଶ୍ୱବ୍ରହ୍ମାଣ୍ଡ ଅନ୍ଧକାର ହୋଇଗଲା । କେମିତି କିଛି ବୁଝିପାରିଲି ନାହିଁ ।

ଆଖି ଯୋଡ଼ାକ ଆଉ ବୋଲ ମାନିଲା ନାହିଁ । ଆଷାଢ଼ ଆକାଶର ବକ୍ଷ ଚିରି ଦେଇଥିଲା କିଏ ସେ । ସବୁ ଜଳ ଏକା-ବେଳକେ ଅଜାଡ଼ି ହୋଇ ପଡ଼ିଲା । ମୁଁ ଭାସିଗଲି ସେ ଜଳର ପ୍ରଳୟସ୍ରୋତରେ···ମୁଣ୍ଡ ନଇଁ ଆସିଲା । ଢୁ ଢୁ ମୁଣ୍ଡ ପିଟି ଦେଲି ଝରକା ଉପରେ । ବୁକୁର ସବୁ ସ୍ନେହ, ସବୁ ଶ୍ରଦ୍ଧା, ସବୁ ଭକ୍ତି, ସବୁ ପ୍ରୀତି ନେଇ ଢାଳି ଦେଲି ସେହି କନକ ଚରଣ ଦୁଇଟିରେ । ତା'ପରେ ? ତା'ପରେ ସବୁ ଅନ୍ଧାର—ଅନ୍ଧାର ! ଓଃ ପୁଣି···ପୁଣି ସେହି ଶବ୍ଦ—

"······ସତେ ଠିକପୁଅ ! ଦିନ ଗୋଟାଏ ତମକୁ ନ ଦେଖିଲେ ମୁଁ ଅନ୍ଧୁଣୀ ହୋଇଯାଏ । ତମେ କି ମାୟା ଲଗେଇଛ···"

ନା, ନା, ଆଉ ହବନି । ଆଉ ହବନି—କାନ ଦୁଇଟିରେ ହାତ ଦେଇ ବନ୍ଦ କଲି । ତଥାପି···ତଥାପି ସେହି ବିକଳ ଅନୁନୟ—

"···ହଉ, ମୁଁ ଯାଉଛି । ବାକି କାଲି ବଡ଼ ଭୋରୁ ମତେ ଡାକି ଦେବ । ନ ଡାକିଲେ ମୁଁ ସାରାଦିନ କାନ୍ଦିବି, ମନେ ରଖିଥା······"

ନା, ନା, ନା; ନା, ଆଉ ନୁହେଁ । ଆଉ ନୁହେଁ । ତମ ଗୋଡ଼ ଧରୁଛି ଭାଉଜ ! ଆଉ ମତେ ବାନ୍ଧି ରଖନି—ମୁଁ ପଛକୁ ନ ଚାହିଁ ଡଗ ଡଗ ଆଗକୁ ପାଦ ବଢ଼େଇଲି ।

···ମୁଁ ସାରାଦିନ କାନ୍ଦିବି, ମନେ ରଖିଥା······
···ମୁଁ ସାରାଦିନ କାନ୍ଦିବି ମନେ ରଖିଥା······
···ମୁଁ ସାରାଦିନ କାନ୍ଦିବି, ମନେ ରଖିଥା······

ଓଃ, ଓଃ, ମୁଁ ଜଳନ୍ତା ନିଆଁରେ ହୁ ହୁ ଜଳିଲି । ଠାକୁରଙ୍କୁ ଡାକିଲି—ମତେ ମାରି ଦିଅ, ମାରି ଦିଅ ପ୍ରଭୁ । ଆଜି ଏ କଳବଲ ସହି ପାରିବିନି—ସହି ପାରିବିନି···ପାହାଚ ତଳକୁ ଖପ୍‌ଖପ୍ ଡେଇଁବାକୁ ଲାଗିଲି । ତଳମହଲର ଖୁଣ୍ଟ ଦେହରେ ଢାଇଁକିନା ମୁଣ୍ଡ ବାଡ଼େଇ ହୋଇଗଲା । ଝର୍‌ଝର୍ ରକ୍ତ ଝରିପଡ଼ିଲା । ଅଚେତ୍ ହୋଇ ପଡ଼ି ଯାଇଥାନ୍ତି, ହଠାତ୍ ମନେ ପଡ଼ିଲା ମୁଁ ଦୋଷୀ । ଅପରାଧୀର ରକ୍ତ ରକ୍ତ ନୁହେଁ । ଟଳିଟଳି ଆଗେଇଲି । ବାରଣ୍ଡା, ତା'ପରେ ରୋଷେଇ ଘର, ଷ୍ଟୋର୍ ରୁମ୍, ସର୍‌ଭାଣ୍ଟ୍ କ୍ୱାର୍ଟର୍ । ତା'ପରେ ଏକ ବଡ଼ ଅଗଣା । ଶେଷକୁ ସଦର ଦରଜା । କିନ୍ତୁ ···କିନ୍ତୁ ଏ କଅଣ ? ସଦର ଦରଜାରେ ଯେ ସୁଜନ ସିଂ— ଚୌକିଦାର ! ମୁଁ ସ୍ତମ୍ଭୀଭୂତ ହୋଇ ଠିଆ ହୋଇଗଲି !! ଗୁଡ଼ିର ସବୁ ରକ୍ତ ଯେମିତି ପାଣି ପାଟିଗଲା !!

ପାହାନ୍ତା ପହରର ଶୀତଳ ପବନ ପାଇ ବିଚରା ଟିକିଏ ଢୋଲେଇ ପଡ଼ିଛି । ତଥାପି ସାମନା ଦରଜାରେ ଠକ୍‌କିନା ଶବ୍ଦ ହେଲେ ସେ ଫଟ୍‌କିନା ବନ୍ଧୁକର ଆଓ୍ୱାଜ୍ ଛୁଟେଇ ଦେବ । ତା' ଆଖିରେ ଧୂଳି ଦେଇ ଗୁଳିଯିବା କା'ବାପର ସାଧ ନାହିଁ । ତା' ହେଲେ ଉପାୟ ? ସବୁ ଚେଷ୍ଟା ତା'ହେଲେ ବ୍ୟର୍ଥ ? ଅନ୍ତରରୁ ଏକ ଗଭୀର ହାହାକାର ଉଠିଲା ।

ହଠାତ୍ ଗୋଟିଏ ବୁଦ୍ଧି ଦିଶିଗଲା । ଗୋଡ଼ ଚିପିଚିପି ବାଡ଼ପଟ ଦରଜା ଆଡ଼କୁ ଆଗେଇଲି । କିନ୍ତୁ ହାୟ ସେଥିରେ ମଧ୍ୟ ଗୁଡ଼ିବ ପଡ଼ିଛି । ନିରାଶାରେ ମୋ ମୁହଁ ଜଳିଗଲା । ଭଗବାନଙ୍କର କ'ଣ ଇଚ୍ଛା ? ତା'ହେଲେ କ'ଣ ମୁଁ ଚିରଦିନ ଏଇଠି ପଡ଼ିଥିବ ? ସଡ଼ୁଥିବ ? ସଢ଼େଇ ପଚେଇ ମାରୁଥିବ ମୋ ଅତି ପ୍ରିୟତମ

ଜନମାଙ୍କୁ ? ରାତି ପାହିଲେ ଯେ ସବୁକଥା ଜଣା ପଡ଼ିଯିବ । ଆଉ ତ ସାରା ଜୀବନରେ ଏ ଘରୁ ଗୋଡ଼ କାଢ଼ିବା ସମ୍ଭବ ହେବନି । ...ଏମିତି ଭାବନାର ଅଥଳ ଦରିଆରେ ଉବେଇଟୁବେଇ ହଉଛି । ହଠାତ୍ କୁକୁଡ଼ାଟାଏ ଡାକ ଉଠିଲା । ସ୍ତବ୍ଧ ହୋଇ ଗୁହିଁଲ । ବାଟ ମିଳିଗଲା । ଅଳ୍ପ ଉଚ୍ଚ କୁକୁଡ଼ାଘରଟି ପାଚେରୀକୁ ଲାଗିଛି । କୌଣସି-ମତେ ତା'ର ଉପରେ ଚଢ଼ି ଆର ପାଖକୁ ଡେଇଁପଡ଼ିଲ । ଏକା ଝେପାକେ ଯାଇଁ ରାଜ ରାସ୍ତାରେ—

ମୁଁ ମୁକ୍ତ ! ମୁଁ ମୁକ୍ତ !!—ଠୋ ଠୋ ହସିଉଠିଲ । ଧୂଳିରେ ଗଡ଼ଗଲ ଆନନ୍ଦରେ । ମୁଣ୍ଡବାଳ ଝିଙ୍କି ଆଣୁଥିଲ, ହାତଯାକ ବଲବଲ ହୋଇଗଲା ରକ୍ତ । ...ତମେ ରକ୍ତ ଦେଖିବାକୁ ଭଲ ପାଅ ପରା ? ଲୁହ ବଦଳରେ ଲହୁ ? ନାଅ, ନାଅ ଲହୁ—ତାତଲା ଲହୁ । ସାହେବ୍ ! ତମେ ସାହେବ୍ ହୋଇଗଲ । ମଣିଷ ଚହ୍ନିଲ ନାହିଁ । ମଣିଷ ଚହ୍ନିଲ ନାହିଁ । ମଣିଷ ବୁକୁତଳର ଯୋଉ ବ୍ୟଥା, ଯୋଉ ମର୍ମଫଟା ହାହାକାର, ଯୋଉ ବେଦନାର ବକଳ ଅଶ୍ରୁ ତା ପୋଲିସ୍ ଲୋକେ ବୁଝିପାରନ୍ତି ନାହିଁ—ମିଲିଟାରୀ ଲୋକେ ବୁଝିପାରନ୍ତି ନାହିଁ । ସେ ଗୁହାନ୍ତି ଟାଣ ହେବାକୁ, କଠୋର ହେବାକୁ, ସେ ଖାଲି ଗୁହାନ୍ତି ରକ୍ତ—ରକ୍ତ—ରକ୍ତ...ହାଃ, ହାଃ, ହାଃ, ହାଃ, ହାଃ, ।

ପ୍ରକାଶ ପାଉଛି

—ଚଳନ୍ତି ଦୋଳ ପୂର୍ଣ୍ଣିମାରେ—

ଆପଣଙ୍କୁ ପାଗଳ କରିଦେବ

ଶ୍ରୀ ନରସିଂହ ସାହୁଙ୍କର

ସରସ ଉପନ୍ୟାସ

‘ପାଗଳ’